# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 41 ♦ISSUE-244 ♦BHUBANESWAR ♦WEDNESDAY ♦28 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୪ ♦ଭୁବନେଶ୍ୱର ♦ବୁଧବାର ♦୨୮ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦




**ଲଣ୍ଡନରେ ସାମିଙ୍କ ଅସ୍ତ୍ରୋପଚାର**

▶କ୍ରୀଡ଼ା ପୃଷ୍ଠାରେ...




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-244 •BHUBANESWAR •WEDNESDAY •28 FEBRUARY 2024 •PAGE-18 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୪୪ •ଭୁବନେଶ୍ୱର •ବୁଧବାର •୨୮ ଫେବୃଆରୀ ୨୦୨୪ •ପୃଷ୍ଠା-୧୮ •ଟ.୬.୦୦


# ଲୁହା ଛଡ଼ ପଡ଼ି ଦୁଇ ଶ୍ରମିକ ମୃତ

**ଦାମନଯୋଡି, ୨୭ ।୨ (ସମିସ):** କୋରାପୁଟ ଜିଲ୍ଲାରେ ଅବସ୍ଥାପିତ ନବରତ୍ନ ଉଦ୍ୟୋଗ ନାଲକୋ ପ୍ରକଳ୍ପରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଦୁଇ ଶ୍ରମିକ ପ୍ରାଣ ହରାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତ ଶ୍ରମିକଦ୍ୱୟ ହେଲେ, ସମା ରାଜବଂଶୀ (୪୪) ଓ ସନତ କୁଆଇ (୩୪)। ଖବରରୁ ପ୍ରକାଶ ଯେ ଜେଟ୍ୱାର୍କ କମ୍ପାନୀଠାରୁ ଅମୂଲ୍ୟ ବାରିକ ନାମକ ଠିକାଦାର ନାଲକୋର ନୂଆ ସମ୍ପ୍ରସାରଣ କର୍ଯ୍ୟ କରୁଛନ୍ତି। କାର୍ଯ୍ୟ ଚାଲିଥିବା ସମୟରେ ହଠାତ୍ ଲୁହା ଛଡ଼ଗୁଡ଼ିକ ଖସି ତଳେ କାମ କରୁଥିବା ୩ ଶ୍ରମିକଙ୍କ ଉପରେ ପଡ଼ିଯାଇଥିଲା। ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମାଥାଲପୁଟ ଓ ନାଲକୋ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସମା ଓ ସନତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ଶ୍ରମିକ ଏ. ଅନସାରୀ (୩୨)ଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ବିକାଶ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଶ୍ରମିକମାନଙ୍କୁ କମ୍ପାନୀ କିମ୍ବା ଠିକାଦାରଙ୍କ ପକ୍ଷରୁ ସଠିକ୍ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଉ ନଥିବାରୁ ବହୁ ସମୟରେ ଶ୍ରମିକମାନଙ୍କ ଜୀବନହାନି ହେଉଥିବା ଅଭିଯୋଗ ହୋଇଛି।

### ଖୋର୍ଦ୍ଧା ଓ ବେଗୁନିଆରେ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ

# ସମୃଦ୍ଧିର ପାସପୋର୍ଟ ହେବ 'ମ୍ୟାଜିକ୍ କାର୍ଡ'

**ଭୁବନେଶ୍ୱର/ଖୋର୍ଦ୍ଧା,୨୭ ।୨(ସମିସ):** 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ପରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ବଣ୍ଟନ ହୋଇଛି ବୃତ୍ତିରାଶି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ତଥା 'ନବୀନ ଓଡ଼ିଶା'

- ■ ସବୁ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାର୍ଥୀ ପାଇବେ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ଼'
- ■ ଖୋର୍ଦ୍ଧା ଜିଲ୍ଲାର ୧୬, ୭୧୩ ଛାତ୍ରଛାତ୍ରୀଙ୍କୁ ୧୬.୧୩ କୋଟି ବୃତ୍ତି ବଣ୍ଟନ

ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସମାବେଶରେ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ବଣ୍ଟନ କରିଛନ୍ତି। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଖୋର୍ଦ୍ଧା ଜିଲ୍ଲାର ୩୦ଟି କଲେଜର ୧୬୭୧୩ ଜଣ ଛାତ୍ରଛାତ୍ରୀଙ୍କୁ ୧୬.୧୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ '୫-ଟି' ଅଧ୍ୟକ୍ଷ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ନୂତନ ଭାବେ ପ୍ରଦାନ କରାଯାଉଥିବା 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ବିସ୍ତୃତ ତଥ୍ୟ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ ଅଧିକ ସୂଚନା ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି, ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ। ଯାହା ଯୁବକଙ୍କୁ ଶୈକ୍ଷିକ ଶିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ। ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଶାରୀରିକ ଏବଂ ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ। ଏହି କାର୍ଡରେ ଥିବା ପଏଣ୍ଟ



ସିଷ୍ଟମରେ ବିଭିନ୍ନ କାର୍ଯ୍ୟକଳାପକୁ ସାମିଲ କିରବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କଠାରୁ ସରକାର ମତାମତ ସଂଗ୍ରହ କରିବେ। ଏହି କାର୍ଡ ଆବେଦନ କରିବା ପାଇଁ ପଞ୍ଜିକରଣ ପୋର୍ଟାଲ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହେବ ଓ ଅଗଷ୍ଟ ୧୫ ତାରିଖରେ ବଣ୍ଟନ କରାଯିବ ବୋଲି ୫-ଟି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଏହି କାର୍ଡ ଛାତ୍ରଛାତ୍ରୀଙ୍କ ପାଇଁ 'ସମୃଦ୍ଧିର ପାସପୋର୍ଟ' ହେବ। ଛାତ୍ରଛାତ୍ରୀଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ କାର୍ଡଗୁଡ଼ିକୁ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ୍‌ସ୍ତରରେ ବିଭକ୍ତିକୃତ କରାଯିବ। ଶ୍ରେଣୀରେ ଉପସ୍ଥାନ, ଅନୁଶାସନ, ଶୈକ୍ଷିକ ପ୍ରଦର୍ଶନ, କ୍ରୀଡ଼ା, ଅନଲାଇନ୍ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦିରେ ଛାତ୍ରଙ୍କ ଦକ୍ଷତା ନେଇ ଏହି କାର୍ଡ ବଣ୍ଟନ ଓ ନବୀକରଣ କରାଯିବ। ଛାତ୍ରଛାତ୍ରୀମାନେ ଏହି କାର୍ଡରେ ବସ୍, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ ଓ ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂରାଜୀ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମ୍‌ରେ ପ୍ରବେଶ, ଜର୍ନାଲ୍ ଏବଂ ସେମିନାରଗୁଡିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇ ପାରିବେ। ଏହାସହ ଚାକିରି ଏବଂ ପ୍ଲେସମେଣ୍ଟ ସୁଯୋଗ ମଧ୍ୟ ପ୍ରଦାନ କରିବ। ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ସହିତ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ହେବାକୁ ଉତ୍ସାହିତ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଛାତ୍ରବୃତ୍ତି ପ୍ରଦାନ ଆଦେଶ ପରେପରେ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଥିବା ମୋବାଇଲକୁ ମେସେଜ ଆସିଥିଲା। ଫଳରେ ଛାତ୍ରଛାତ୍ରୀମାନେ ଉତ୍ସାହିତ ହେବା ସହ ଖୁସିବ୍ୟକ୍ତ କରିଛନ୍ତି। ଘୋଷଣାର ଅଳ୍ପ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବାରରୁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଉଚ୍ଚସ୍ତରୀୟ ଶିକ୍ଷା ସହ ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଭାବେ 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ଏହି ଯୋଜନାରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯିବ। ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅ ମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯିବ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇବେ। ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯିବ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଯିବ। ରାଜ୍ୟର ପ୍ରାୟ ୯୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

# '୫-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ୧୪ ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତା

- ■ ସମସ୍ୟାର ତ୍ୱରିତ୍ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ
- ■ ସମସ୍ତଙ୍କ ପ୍ରସ୍ତାବ ଓ ଅନୁରୋଧକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଇଛି
- ■ ମିଳିମିଶି ନୂଆ ଓଡ଼ିଶା ଗଠନ ନିମନ୍ତେ '୫-ଟି' ଅଧ୍ୟକ୍ଷଙ୍କ ପରାମର୍ଶ

**ଭୁବନେଶ୍ୱର,୨୭ ।୨(ସମିସ):** ଆଜି ରାଜ୍ୟର ୧୪ଟି ବିଭିନ୍ନ ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତାମାନେ ନବୀନ ନିବାସଠାରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଛନ୍ତି। ସମ୍ପୃକ୍ତ କର୍ମକର୍ତ୍ତାମାନେ ପୂର୍ବରୁ '୫-ଟି' ଅଧ୍ୟକ୍ଷଙ୍କୁ ଭେଟି ତାଙ୍କ ଅନୁଷ୍ଠାନ ଓ ସଂଘର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣି ଏହି ସବୁ ସମସ୍ୟାଗୁଡିକ ତୁରନ୍ତ ସମାଧାନ କରାଯାଇଥିବାରୁ ଏଥିପାଇଁ ଆଜି କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଅବସରରେ କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଉଦ୍ୟମ କରୁଛନ୍ତି। ଆପଣମାନେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଏହି ଆକାଂକ୍ଷିତ ଓଡ଼ିଶା ଗଠନ ଦିଗରେ ସହଭାଗୀ ହୋଇ କାମ କରନ୍ତୁ ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

ସଂଗଠନଗୁଡ଼ିକର ଅନୁରୋଧ ଅନୁସାରେ ଭୁବନେଶ୍ୱର ପୁଲିସ ଲାଇନ ମସଜିଦର ଲିଜ ପ୍ରିମିୟମ ଛାଡ, କ୍ୟାପିଟାଲ ମସ୍କ କମିଟିର ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଜମିର ପ୍ରିମିୟମ ଛାଡ଼, ଭୁବନେଶ୍ୱର ଚନ୍ଦ୍ରଶେଖର ମୌଜାର ସ୍ୱଭାବ କବି ଗଙ୍ଗାଧର ମେହେର ଭବନର ଲିଜ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁର ଅଞ୍ଚଳରେ ଓଡ଼ିଶା ଅଗ୍ରଗାମୀ ଅଘରିଆ ସମାଜ ଜମି ଉପରେ ଲିଜ ପ୍ରିମିୟମ ଛାଡ଼, ଚନ୍ଦ୍ରଶେଖରପୁରଠାରେ ଗୋଣ୍ଡ ଭବନ ନିର୍ମାଣ ପାଇଁ ଲିଜ ପ୍ରିମିୟମ ଛାଡ଼, ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ସନ୍ଥ ଭୀମଭୋଇ ମହିମା ଅଲେଖ ଟ୍ରଷ୍ଟର ଲିଜ୍ ପ୍ରିମିୟମ ଛାଡ କରାଯାଇଛି। ସେହିପରି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବଂ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘକୁ ଆର୍ଥିକ ସହାୟତା, କର୍ମଚାରୀଙ୍କ ଦରମା ବୃଦ୍ଧି, କେନ୍ଦୁପତ୍ର ବିଡା ମୂଲ୍ୟ ବୃଦ୍ଧି, ୫୦ ପ୍ରତିଶତ ବୋନସ ପ୍ରଦାନ ଏବଂ ସାମାଜିକ ସୁରକ୍ଷା ଯୋଜନାରେ ବୟସ ସୀମା ୨ ବର୍ଷ ବୃଦ୍ଧି କରାଯାଇଛି। ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘକୁ ୫ ବର୍ଷ ପରେ ଚାକିରୀ ନିୟମିତ ଓ ଓଏସ୍‌ଏସ୍‌ସି(ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ) ଦ୍ୱାରା ନିଯୁକ୍ତିରେ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ଓଡ଼ିଶା ଶିଳ୍ପ ମହାସଂଘକୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟକ ଯୋଜନାରେ ସହାୟତା ପ୍ରଦାନ, ଖଣ୍ଡଗିରିଠାରେ ରାଜ୍ୟ ହସ୍ତଗୃହ ଓ ହସ୍ତଶିଳ୍ପ ବିକାଶ ଉନ୍ନୟନ ପରିଷଦ ରାଜ୍ୟ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ପ୍ରଦାନ, କୁଲତା ସମାଜକୁ ପୁରୀ ତାଳବଣିଆଠାରେ ଜମି ପ୍ରଦାନ କରାଯାଇଛି। ସେହିପରି ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଓ ଫାର୍ମାସିଷ୍ଟଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, କେନ୍ଦ୍ରାପଡ଼ା ଶ୍ରୀ ବଳଦେବଜୀଉ ମନ୍ଦିରର ରୂପାନ୍ତର ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ଏବଂ ଏକାମ୍ର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ମୁସଲିମ କମ୍ୟୁନିଟି ପାଇଁ ୩ଟି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସହାୟତା ପ୍ରଦାନ କରାଯାଇଛି। ଖୁବ୍ କମ୍ ସମୟ ମଧ୍ୟରେ ୫-ଟି ଉପକ୍ରମରେ ଏସବୁ ସମସ୍ୟାର ସମାଧାନ କରାଯାଇଛି। ଏହା ଦ୍ୱାରା ସମ୍ପୃକ୍ତ ସଦସ୍ୟ ସଦସ୍ୟାମାନଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-244 ◆BHUBANESWAR ◆WEDNESDAY ◆28 FEBRUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୪ ◆ଭୁବନେଶ୍ୱର ◆ବୁଧବାର ◆୨୮ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦

## ନିର୍ବାଚନ ପୂର୍ବରୁ ଲାଗୁ ହୋଇପାରେ ସିଏଏ

■ **ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି):** ଆସନ୍ତା ଲୋକସଭା ନିର୍ବାଚନ ଘୋଷଣା ପୂର୍ବରୁ ନାଗରିକତା ସଂଶୋଧନ ଆଇନ (ସିଏଏ) କାର୍ଯ୍ୟକାରୀ ହେବ। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଯେକୌଣସି ସମୟରେ ଏ ନେଇ ବିଜ୍ଞପ୍ତି ଜାରି କରିପାରେ। ଆସନ୍ତା ମାସରୁ ଏହି ଆଇନ କାର୍ଯ୍ୟକାରୀ ହେବା ନେଇ ରିପୋର୍ଟ ପ୍ରକାଶ ପାଇଛି।

ସିଏଏ କାର୍ଯ୍ୟକାରୀ ହେବା ପରେ ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରୁ ଆସିଥିବା ଅଣ-ମୁସଲମାନ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯିବ। ସୂଚନା ଅନୁଯାୟୀ, ସିଏଏ ପାଇଁ ଏକ ୱେବ୍‌ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ଏହା ମାଧ୍ୟମରେ ପଞ୍ଜୀକରଣ ହେବ। ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଏହାର ପରୀକ୍ଷଣ କରିସାରିଛି। ସିଏଏ ମାଧ୍ୟମରେ ପଡ଼ୋଶୀ ଦେଶରୁ ବିନା ପ୍ରମାଣପତ୍ରରେ ଆସିଥିବା ଲୋକଙ୍କୁ ମଧ୍ୟ ସହାୟତା ମିଳିବ। ଦୀର୍ଘ କାଳ ଭିସା ଦାବି କରୁଥିବା ଲୋକ ମଧ୍ୟ ଉପକୃତ ହେବେ। ଏଥିପାଇଁ ପାକିସ୍ତାନରୁ ସର୍ବାଧିକ ଆବେଦନ ଆସିଛି। ଏହା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏ ନେଇ ଘୋଷଣା କରିଥିଲେ। ଲୋକସଭା ନିର୍ବାଚନ ପୂର୍ବରୁ ସିଏଏ କାର୍ଯ୍ୟକାରୀ ହେବ। ଏହାର ଦେଶର ଆଇନ। ଏହାକୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଥିଲେ। ୨୦୧୯ ଡିସେମ୍ବର ୨୧ରେ ସଂସଦରେ ସିଏଏ ପାରିତ ହୋଇଥିଲା। ମାତ୍ର ଏହାକୁ କାର୍ଯ୍ୟକାରୀ କରିବାର ସମୟକୁ ସରକାର ୮ ଥର ବଢ଼ାଇ ସାରିଲେଣି।

## ମିଶନ ଶକ୍ତି ମା'ଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୩ ବଡ଼ ଉପହାର

# ବିନା ସୁଧରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ

### ୟୁନିଫର୍ମ ପାଇଁ ୧ ହଜାର ଓ ବ୍ଲେଜର ପାଇଁ ୨ ହଜାର ଟଙ୍କା ସହାୟତା

■ **ଭୁବନେଶ୍ୱର, ୨୭।୨ (ସମିସ):** 'ମିଶନ ଶକ୍ତି'ର ମା'ମାନଙ୍କୁ ବଡ଼ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିନା ସୁଧରେ ମିଶନଶକ୍ତି ସଙ୍ଗଠନଗୁଡ଼ିକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଯିବ ବୋଲି ଘୋଷଣା କରିବା ସହ ସଦସ୍ୟମାନଙ୍କ ୟୁନିଫର୍ମ ପାଇଁ ୧ ହଜାର ଓ ବ୍ଲେଜର କିଣିବା ନିମନ୍ତେ ୨ ହଜାର ଟଙ୍କା ସହାୟତା କାର୍ଯ୍ୟକ୍ରମର ଆରମ୍ଭ କରିଛନ୍ତି। ୫ ବର୍ଷରେ ବ୍ୟାଙ୍କ ଜରିଆରେ ମିଶନଶକ୍ତି ସଙ୍ଗଠନଗୁଡ଼ିକୁ ୭୫ ହଜାର କୋଟି ଟଙ୍କା ଋଣ ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଫେଡ଼େରେସନ ଲିଡ଼ର ଓ କମ୍ୟୁନିଟି ଷ୍ଟାଫଙ୍କୁ ଶୀଘ୍ର ଖୁସି ଖବର ମିଳିବ ବୋଲି ଘୋଷଣା କରିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ଏସଏଚ୍‌ଜିଗୁଡ଼ିକୁ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି।

ଲୋକସେବା ଭବନଠାରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋର ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ। ମା'ମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ମୋ ସରକାର ନିରନ୍ତର ଭାବେ ▶ପୃଷ୍ଠା-୮




- ରାଜ୍ୟରେ ଉପକୃତ ହେବେ ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷରୁ ଊର୍ଦ୍ଧ୍ୱ ସଦସ୍ୟା
- ଫେଡେରେସନ୍ ଲିଡର୍ ଓ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପାଇଁ ଶୀଘ୍ର ଖୁସି ଖବର
- ଆରମ୍ଭ ହେଲା ଏସ୍‌ଏଚ୍‌ଜିକୁ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥା
- ୫ ବର୍ଷରେ ବ୍ୟାଙ୍କ ଜରିଆରେ ୭୫ ହଜାର କୋଟି ଟଙ୍କାର ଋଣ ପ୍ରଦାନ ଲକ୍ଷ୍ୟ
- ୫ ବର୍ଷରେ ଖୋଲାଯିବ ୫ ହଜାର ମିଶନ ଶକ୍ତି ବଜାର ଓ ରିଟେଲ୍ ଆଉଟ୍‌ଲେଟ

### ରୂପାନ୍ତରଣରେ ୭୦ ଲକ୍ଷ ମା'ଙ୍କ ପଦଚିହ୍ନ: ସୁଜାତା

**୫ବର୍ଷ ମଧ୍ୟରେ ମା' ମାନଙ୍କୁ ୯୨୫ କୋଟି ସୁଧ ଫେରସ୍ତ**

■ **ଭୁବନେଶ୍ୱର, ୨୭।୨ (ସମିସ):** ରାଜ୍ୟର ରୂପାନ୍ତରଣ ଯାତ୍ରା ୭୦ ଲକ୍ଷ ମା'ମାନଙ୍କର ଏକ ସୁଦୃଢ଼ ପଦଚିହ୍ନ ରହିଛି। ଯେତେବେଳେ ଓଡ଼ିଶାର ମହିଳାମାନଙ୍କର ସଶକ୍ତୀକରଣର କାହାଣୀ ଲେଖାଯିବ, ସେତେବେଳେ ଆଜିର ଦିନ ଅର୍ଥାତ୍ ୨୦୨୪ ଫେବୃଆରୀ ୨୭ ତାରିଖ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ ବୋଲି କହିଛନ୍ତି ମିଶନଶକ୍ତି ବିଭାଗର ସଚିବ ତଥା କମିଶନର ସୁଜାତା ରାଉତ କାର୍ତ୍ତିକେୟନ। ମିଶନ ଶକ୍ତି ମହିଳାମାନଙ୍କ ପାଇଁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀମତୀ କାର୍ତ୍ତିକେୟନ କହିଛନ୍ତି ଯେ ଆଜିର ଦିନରେ ରାଜ୍ୟର ୭୦ ଲକ୍ଷ ମିଶନଶକ୍ତି ମହିଳାମାନଙ୍କ ▶ପୃଷ୍ଠା-୮

## ଜୀବିକା ପାଇଁ ମିଶନ ଶକ୍ତି ବଜାର



**ମିଶନ ଶକ୍ତି ବଜାର ଉଦ୍‌ଘାଟିତ**

■ **ଭୁବନେଶ୍ୱର, ୨୭।୨ (ସମିସ):** ଭୁବନେଶ୍ୱରରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ବଜାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏହି ବଜାରର ଉଦ୍‌ଘାଟନ କରିବା ସହ ଏଠାରେ ଷ୍ଟଲ୍ ଖୋଲିଥିବା ମିଶନ ଶକ୍ତି ମହିଳାଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଏଠାରେ ଥିବା ମିଶନଶକ୍ତି ମିଲେଟ୍ କାଫେରେ ମୁଖ୍ୟମନ୍ତ୍ରୀ କୋରାପୁଟ କଫି ପିଇବା ସହ ଏଠାରେ ମା'ମାନଙ୍କ ଦ୍ୱାରା ବିକ୍ରି ଉଦ୍ଦେଶ୍ୟରେ ଉପଲବ୍ଧ ରହିଥିବା ବିଭିନ୍ନ ସାମଗ୍ରୀ ବୁଲି ଦେଖିଥିଲେ। ଏହି ବଜାର ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ସହରାଞ୍ଚଳ ଉପକଣ୍ଠ ଓ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଜୀବିକା ଯୋଗାଇଦେବା ସହ ସେମାନଙ୍କ ସ୍ୱାବଲମ୍ବୀ କରିବାରେ ଏକ ପ୍ରମୁଖ ମାଧ୍ୟମ ସାଜିବ। ନିକଟରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମିଶନ ଶକ୍ତି ବଜାର ପରିଦର୍ଶନ ▶ପୃଷ୍ଠା-୮

## ୧୦୦ ଟଙ୍କାରେ କର୍କଟ ଔଷଧ

**ଟାଟା ଇନ୍‌ଷ୍ଟିଚ୍ୟୁଟକୁ ବଡ଼ ସଫଳତା**

■ **ମୁମ୍ବାଇ, ୨୭।୨ (ଏଜେନ୍ସି):** କର୍କଟ ଚିକିତ୍ସାରେ ମୁମ୍ବାଇର ଟାଟା ଇନ୍‌ଷ୍ଟିଚ୍ୟୁଟକୁ ବଡ଼ ସଫଳତା ମିଳିଛି। ଦ୍ୱିତୀୟ ଥର ଯେପରି ଏହି ରୋଗ ନ ହେବ ତାହାର ଚିକିତ୍ସା ଅନୁସନ୍ଧାନ କରିଥିବା ଦାବି କରାଯାଇଛି। ଏହି ପ୍ରତିଷ୍ଠାନର ଡାକ୍ତର ଏବଂ ଗବେଷକମାନେ ୧୦ ବର୍ଷ ପର୍ଯ୍ୟନ୍ତ ଗବେଷଣା କରି ଏକ ବଟିକା ପ୍ରସ୍ତୁତ କରିଛନ୍ତି। ଏହି ଔଷଧ ସେବନ କଲେ ଦ୍ୱିତୀୟ ଥର କର୍କଟ ରୋଗ ହେବ ନାହିଁ। କେବଳ ସେତିକି ନୁହେଁ ଏହି ଔଷଧ ବିକିରଣ ଏବଂ କେମୋଥେରାପିର ▶ପୃଷ୍ଠା-୮

## ସମୃଦ୍ଧ ହେବ ରାଜ୍ୟର କ୍ରିକେଟ ଭିତ୍ତିଭୂମି

### ଐତିହ୍ୟ ସଂରଚନା ଭାବେ ସଂରକ୍ଷିତ କରାଯିବ ଐତିହାସିକ ବାରବାଟୀ 'କ୍ଲକ୍-ଟାୱାର'







- ୪୧ କ୍ରିକେଟ ଷ୍ଟାଡିୟମ, କ୍ରିକେଟ ଏକାଡେମୀ କ୍ରୀଡ଼ା କମ୍ପ୍ଲେକ୍ସ ଲୋକାର୍ପଣ
- ଭିଏସ୍‌ଏସ୍ ଷ୍ଟାଡିୟମର ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଗଞ୍ଜାମରେ ଦେଶର ସର୍ବାଧିକ ସୁବିଧା ବିଶିଷ୍ଟ ଭାରୋତ୍ତୋଳନ କେନ୍ଦ୍ର
- ବ୍ରହ୍ମପୁର ଶୀତଳାପଲ୍ଲୀରେ ନିର୍ମାଣ ହେବ ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ
- ଢେଙ୍କାନାଳ ଓ ବରଗଡରେ ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ ପାଇଁ ଭିତ୍ତିପ୍ରସ୍ତର

■ **ଭୁବନେଶ୍ୱର, ୨୭।୨ (ସମିସ):** ରାଜ୍ୟରେ କ୍ରିକେଟ କ୍ରୀଡ଼ା ଭିତ୍ତିଭୂମିର ସୁଦୃଢ଼ୀକରଣ ହେବା ସହ କ୍ରୀଡ଼ାବିତ୍‌ଙ୍କୁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ମିଳିବ। ଏହି ଲକ୍ଷ୍ୟ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କ୍ରିକେଟ ଭିତ୍ତିଭୂମି ବିକାଶ ସମ୍ପର୍କିତ ବହୁ ପ୍ରମୁଖ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମର ପୁନଃବିକାଶ ନେଇ ଘୋଷଣା କରିବା ସହ ସମ୍ବଲପୁରସ୍ଥିତ ଭିଏସ୍‌ଏସ୍ ଷ୍ଟାଡିୟମର ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଐତିହାସିକ ବାରବାଟୀ ଷ୍ଟାଡିୟମର ପୁନଃବିକାଶ କରାଯାଇ ଏହାକୁ ବିଶ୍ୱସ୍ତରୀୟ କ୍ରୀଡ଼ା କମ୍ପ୍ଲେକ୍ସରେ ରୂପାନ୍ତରିତ କରାଯିବ। ଏହି କମ୍ପ୍ଲେକ୍ସରେ ବିସିସିଆଇ, ଓସିଏ ଏବଂ କର୍ପୋରେଟ ସଂସ୍ଥାଙ୍କ ସହଭାଗିଦାରୀରେ ସମସ୍ତ ଅତ୍ୟାଧୁନିକ ସୁବିଧା ପ୍ରଦାନ କରାଯିବ। ଷ୍ଟାଡିୟମର ଗୌରବମୟ ଇତିହାସକୁ ଲକ୍ଷ୍ୟରେ ରଖି ଆଇକନିକ୍ 'କ୍ଲକ୍ ଟାୱାର'କୁ ଐତିହ୍ୟ ସଂରଚନା ଭାବେ ସଂରକ୍ଷିତ ରଖାଯିବ। ସେହିପରି ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମକୁ ସଂପ୍ରସାରଣ କରାଯିବା ସହ ବିକଶିତ କରାଯିବ। ଏଠାରେ କ୍ରିକେଟ ପାଇଁ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହା ବ୍ୟତୀତ ବ୍ରହ୍ମପୁର ସ୍ପୋର୍ଟସ୍ କମ୍ପ୍ଲେକ୍ସ, ପୁରୀ ଶ୍ରୀ ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଏବଂ ମହିଳା କ୍ରିକେଟ୍ ଏକାଡେମୀ, ଯାଜପୁର କ୍ରୀଡ଼ା କମ୍ପ୍ଲେକ୍ସ, ଝାରସୁଗୁଡ଼ା କ୍ରିକେଟ ପଡ଼ିଆର ମଧ୍ୟ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଓସିଏ ଦ୍ୱାରା ବିକଶିତ ରାଜ୍ୟର ୪୧ଟି କ୍ରିକେଟ ଏକାଡେମୀକୁ ମଧ୍ୟ ଏହି ଅବସରରେ ଉଦଘାଟନ କରିଛନ୍ତି ଶ୍ରୀ ପଟ୍ଟନାୟକ। ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ▶ପୃଷ୍ଠା-୮

## ଆଜି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି



**ଗସ୍ତସୂଚୀରେ ସାମାନ୍ୟ ପରିବର୍ତ୍ତନ**

■ **ଭୁବନେଶ୍ୱର, ୨୭।୨ (ସମିସ):** ଆସନ୍ତାକାଲି (ବୁଧବାର)ଠାରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ହେଲେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ସାମାନ୍ୟ ପରିବର୍ତ୍ତନ ଘଟିଛି। ଅପରାହ୍ଣ ସାଢ଼େ ୨ଟାରେ ରାଷ୍ଟ୍ରପତି ପାଣ୍ଡରଶିଳ ଗାଁରେ ବାୟୁସେନାର ସ୍ୱତନ୍ତ୍ର ହେଲିକ୍ୟାପ୍ଟର୍‌ରେ ପହଞ୍ଚିବା ପରେ ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କୁ ଦର୍ଶନ କରିବେ। ଏହି ପରିବର୍ତ୍ତିତ କାର୍ଯ୍ୟକ୍ରମ ନେଇ ରାଷ୍ଟ୍ରପତି ଭବନରୁ ଫୋନ ଯୋଗେ ଖିଚିଂ ମନ୍ଦିର କାର୍ଯ୍ୟାଳୟକୁ ସୂଚନା ଦିଆଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ବାଞ୍ଚଳ ଆଇଜି ସହ ବରିଷ୍ଠ ପୁଲିସ ଅଧିକାରୀମାନେ ଖିଚିଂ ପରିଦର୍ଶନ କରି ତଦାରଖ କରିଛନ୍ତି।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାରେ ୨ଦିନ ରହଣୀ ସାଙ୍ଗକୁ କେନ୍ଦୁଝର, କଟକ, ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି ରାଇରଙ୍ଗପୁରରେ ନିଜ ବାସଭବନରେ ରାତ୍ରିଯାପନ କରିବେ ରାଷ୍ଟ୍ରପତି। ମାଟିର ଝିଅକୁ ସ୍ୱାଗତ ପାଇଁ ସାରା ମୟୂରଭଞ୍ଜ ଜିଲ୍ଲା ଚଳଚଞ୍ଚଳ ହୋଇଉଠିଛି। ମୟୂରଭଞ୍ଜ ଜିଲ୍ଲାରେ ରାଷ୍ଟ୍ରପତିଙ୍କ ସୁରକ୍ଷାରେ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ। ୨୯ ତାରିଖରେ କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ କେନ୍ଦୁଝରର ଜନଜାତିଙ୍କ ଉପରେ ଆୟୋଜିତ ଆଲୋଚନାଚକ୍ରକୁ ▶ପୃଷ୍ଠା-୮

## ଲୋକକଥା



ନିର୍ବାଚନ ଦିନ ପାଖେଇ ଆସୁଚି
ଘୋଷଣା ଯା ବାକି ରହିଚି,
ଆପଣା ଆପଣା ସ୍ଥିତି ରଖିବାକୁ
ଦଳ ଡିଆଁ ଡେଇଁ ଚାଲିଚି !
ଭୋଟର ଦର୍ଶକ ସାଜିଚି,
ତା' କାମ ଯାହା ଦେଖେଇବ ସିଏ
ଭୋଟ ବେଳକୁ ଜଗିଚି !!




# ଏଣିକି ରାଜ୍ୟରେ ପ୍ରତିବର୍ଷ ବାଘଗଣନା

### କଳାବାଘ ବଂଶ ବୃଦ୍ଧି ଯୋଗୁଁ ଚିନ୍ତାରେ ବନ ବିଭାଗ

■ **ଭୁବନେଶ୍ୱର, ୨୭।୨ (ସମିସ):** ରାଜ୍ୟରେ ଏଣିକି ପ୍ରତିବର୍ଷ ବାଘ ଗଣନା କରାଯିବ। କ୍ୟାମେରା ଟ୍ରାପ୍ ଜରିଆରେ ବର୍ଷସାରା ମହାବଳ ବାଘଙ୍କ ସ୍ଥିତି ଉପରେ ନଜର ରଖାଯିବା ସହ ସେମାନଙ୍କ ତଥ୍ୟ ସଂଗ୍ରହ ହେବ ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ସୋମବାର ରାଜ୍ୟର ପ୍ରଥମ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବା ପରେ ମଙ୍ଗଳବାର ଶ୍ରୀ ନନ୍ଦ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ୩୦ଟି ମହାବଳ ଓ ୮ଟି ଶାବକ ଅଛନ୍ତି। ସେଥିରୁ ଶିମିଳିପାଳରେ ୨୭ଟି ମହାବଳ ବାଘ ସହ ୮ ଶାବକ ଥିବାବେଳେ କେନ୍ଦୁଝର, ପାରଳାଖେମୁଣ୍ଡି ଓ ହୀରାକୁଦ ବନଖଣ୍ଡରେ ଗୋଟିଏ ଲେଖାଏଁ ମହାବଳଙ୍କ ଉପସ୍ଥିତି ସ୍ପଷ୍ଟ ହୋଇଛି। ଅନ୍ୟପଟେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ କୌଣସି ବାଘ ନ ଥିବା ବେଳେ ଅଭୟାରଣ୍ୟ ଭିତରେ ଥିବା ଜନବସତିକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରିବା ପରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବାଘ ଛଡ଼ାଯିବା ନେଇ ଯୋଜନା କରାଯିବ ବୋଲି ସେ କହିଛନ୍ତି। ଶିମିଳିପାଳରେ ବାଘ ସଂଖ୍ୟା ବଢ଼ିବା ପରେ ସେମାନେ ନୂଆ ଅଞ୍ଚଳ ସନ୍ଧାନରେ ରହିଛନ୍ତି। ତେଣୁ କେନ୍ଦୁଝର, ହଦଗଡ଼ ଓ କୁଲଡିହାକୁ ମିଶାଇ ଗ୍ରେଟର୍ ଶିମିଳିପାଳ ଲ୍ୟାଣ୍ଡସ୍କେପ ବିକାଶ କରାଯାଉଛି ବୋଲି ବନ୍ୟପ୍ରାଣୀ ପିସିସିଏଫ୍ କହିଛନ୍ତି।

ଅନ୍ୟପଟେ ଶିମିଳିପାଳରେ କଳା ବାଘ ବଂଶ ବୃଦ୍ଧି ଯୋଗୁଁ ଶ୍ରୀ ନନ୍ଦ ଚିନ୍ତା ପ୍ରକଟ କରିଛନ୍ତି। ଏବେ ଏଠାରେ ଥିବା ବାଘଙ୍କ ମଧ୍ୟରୁ ୧୩ ଟି କଳା ବାଘ ରହିଛନ୍ତି। ସାଧାରଣତଃ ଇନ୍‌ବ୍ରିଡିଂ ବା ସମବଂଶୀଙ୍କ ମଧ୍ୟରେ ମେଟିଂ ଯୋଗୁଁ କଳା ବାଘଙ୍କ ସଂଖ୍ୟା ବଢ଼ୁଥିବା ସେ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଅନ୍ୟ ସ୍ଥାନରୁ ବାଘୁଣୀ ଆଣି ଶିମିଳିପାଳରେ ଛାଡ଼ିବାକୁ ଯୋଜନା ହୋଇଛି ବୋଲି ସେ କହିଛନ୍ତି। ଏଥିପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ଓ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ସହ ଯୋଗାଯୋଗ କରାଯାଇଛି ବୋଲି ସେ କହିଛନ୍ତି। ୨୦୨୨ରେ ଶିମିଳିପାଳରେ ୧୦ଟି କଳା ବାଘ ଥିଲେ। ଏବେ ଏହି ସଂଖ୍ୟା ୧୩କୁ ବଢ଼ିଛି। ୧୦ ବର୍ଷ ତଳେ ଶିମିଳିପାଳରେ ମୋଟ ମହାବଳ ବାଘରୁ କଳା ବାଘଙ୍କ ସଂଖ୍ୟା ମାତ୍ର ୧୫ପ୍ରତିଶତରେ ସୀମିତ ଥିଲା ବେଳେ ଏବେ ଏହା ୪୦ ପ୍ରତିଶତରେ ପହଞ୍ଚିଲାଣି। ଏଭଳି ସ୍ଥିତି ଲାଗି ରହିଲେ, ରୋଗ ପ୍ରତିରୋଧକ ଶକ୍ତି କମ୍ ରହୁଥିବା ଏହି କଳାବାଘଙ୍କ ସଂଖ୍ୟା ବଢ଼ିଯିବ, ଯାହାକି ବାଘବଂଶ ଲୋପର ବି କାରଣ ପାଲଟିପାରେ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।






# ଭୁବନେଶ୍ୱରରେ ବିଲ୍ ଗେଟ୍ସ

■ **ଭୁବନେଶ୍ୱର, ୨୭ ।୨ (ସମିସ):** ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି ବିଲ୍ ଗେଟସ୍ । ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ ଗେଟସ୍ ମଙ୍ଗଳବାର ରାତିରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି । ଆସନ୍ତାକାଲି (ବୁଧବାର) ସେ ଭୁବନେଶ୍ୱରରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିରେ ମୁଖ୍ୟତଃ ସେ ଭୁବନେଶ୍ୱରରେ ଥିବା କୃଷି ଭବନ ପରିଦର୍ଶନ ସହ ଏଠାରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ବିଲ୍ ଆଣ୍ଡ ମେଲିନ୍ଦା ଗେଟସ୍ ଫାଉଣ୍ଡେସନ୍'ର ବୈଷୟିକ ସହଯୋଗରେ ରାଜ୍ୟ ସରକାରଙ୍କ କୃଷି ସମୀକ୍ଷା କେନ୍ଦ୍ର ଚାଲିଛି । ଏହି କେନ୍ଦ୍ର ଜରିଆରେ ଡିଜିଟାଲ ମାଧ୍ୟମରେ କୃଷି ବିଭାଗକୁ ସୁଦୃଢ଼ କରାଯାଉଛି । ଏହି କ୍ରମରେ ସେ ଓଡ଼ିଶା କୃଷି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରୟୋଗ, ଜାଗା ମିଶନ ଓ ମିଶନ ଶକ୍ତି ଭଳି ଯୋଜନା ଓ ଏହି ବିଭାଗ ସହ ମିଶି କାର୍ଯ୍ୟ କରିବା ନେଇ ଆଲୋଚନା ହେବାର ରହିଛି । ତାଙ୍କର ଏହି ଗସ୍ତରେ ସେ ଓଡ଼ିଶା କୃଷି ଭବନ ପରିଦର୍ଶନ କରିବା ସହ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

### କୃଷି ଓ କୃଷକଙ୍କ ବିକାଶକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା: ବିଜେଡି

# ଅଭାବୀରୁ ଓଡ଼ିଶା ଏବେ ଧାନ ବଳକା ରାଜ୍ୟ



- ମିଲେଟ ଉତ୍ପାଦନରେ ଓଡ଼ିଶା ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ
- ୫ ଥର କୃଷି କର୍ମଣ ପୁରସ୍କାର ଦେଇଛନ୍ତି କେନ୍ଦ୍ର ସରକାର
- ରାଜ୍ୟରେ ୩ଗୁଣ ବୃଦ୍ଧି ପାଇଛି ପନିପରିବା ଉତ୍ପାଦନ

■ **ଭୁବନେଶ୍ୱର, ୨୭ ।୨ (ସମିସ):** ୨୦୦୦-୨୦୦୧ ମସିହାରେ ରାଜ୍ୟରେ ମାତ୍ର ୫୫.୩୫ ଲକ୍ଷ ଟନ ଖାଦ୍ୟ ଶସ୍ୟ ଉତ୍ପାଦନ ହେଉଥିଲା । ଏବେ ଓଡ଼ିଶାର ବାର୍ଷିକ ଖାଦ୍ୟ ଶସ୍ୟ ଉତ୍ପାଦନ ୨୪୧.୩୬ ଲକ୍ଷ ଟନରେ ପହଞ୍ଚିଛି । ଯାହା ଫଳରେ ଓଡ଼ିଶା ଏକ ଖାଦ୍ୟ ଅଭାବୀ ରାଜ୍ୟରୁ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇପାରିଛି ବୋଲି ମଙ୍ଗଳବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ଜାତୀୟ ମୁଖପାତ୍ର ଡଃ ସଂତୃପ୍ତ ମିଶ୍ର ।

ଶ୍ରୀ ମିଶ୍ର କହିଛନ୍ତି ଯେ ଭାରତୀୟ ଖାଦ୍ୟ ନିଗମକୁ ଧାନ ଯୋଗାଇବା ତାଲିକାରେ ଓଡ଼ିଶା ଆଜି ଚତୁର୍ଥ ଶ୍ରେଷ୍ଠ ରାଜ୍ୟ ଭାବେ ପରିଗଣିତ ହୋଇପାରିଛି । ୨୦୦୦ ମସିହାରେ ଓଡ଼ିଶାରେ ଧାନ ଉତ୍ପାଦନ କ୍ଷମତା ୧୦୪୧ ପ୍ରତି ହେକ୍ଟର ହୋଇଥିବା ବେଳେ ଏବେ ଏହା ୨୯୩୬ ଟନ୍‌କୁ ବୃଦ୍ଧି ପାଇଛି । ସେହିପରି ପନିପରିବା ଉତ୍ପାଦନ କ୍ଷେତ୍ରରେ ମଧ୍ୟ ପ୍ରାୟ ୩ ଗୁଣ ବୃଦ୍ଧି ପାଇଛି । ୨୦୦୦-୨୦୦୧ ମସିହାରେ ରାଜ୍ୟରେ ୩୩.୩୭ ଲକ୍ଷ ଟନ ପନିପରିବା ଉତ୍ପାଦନ ହେଉଥିବା ବେଳେ ଏହା ୯୮.୫୨ ଲକ୍ଷ ଟନକୁ ବୃଦ୍ଧି ପାଇଛି । କୃଷି ଯାନ୍ତ୍ରିକୀକରଣ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ଅଗ୍ରଗତି ହୋଇଛି । ୨୦୨୩ ମସିହାରେ ରାଜ୍ୟର ଟ୍ରାକ୍ଟର ବିକ୍ରି ବୃଦ୍ଧି ପାଇଛି । ଓଡ଼ିଶାର କୃଷି ଯନ୍ତ୍ରାଂଶ ଉପଲବ୍ଧ କ୍ଷମତା ମଧ୍ୟ ୨୦୦୦-୦୧ ମସିହାରେ ଥିବା ୦.୬୧ କେ.ଡବ୍ଲ୍ୟୁରୁ ୨.୨୩ କେଡବ୍ଲ୍ୟୁକୁ ବୃଦ୍ଧି ପାଇଛି । ଆସନ୍ତା ୨ ବର୍ଷ ମଧ୍ୟରେ ଏହାକୁ ୨.୨୫ କେଡବ୍ଲ୍ୟୁ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଲକ୍ଷ୍ୟ ହାସଲ ପାଇଁ ସବଡିଭିଜନ ସ୍ତରରେ କୃଷି ଯାନ୍ତ୍ରିକୀକରଣ ମେଳା ଆୟୋଜନ କରିବା ପାଇଁ ଯୋଜନା କରାଯାଇଛି । ୨୦୧୭-୧୮ ମସିହାରେ ମିଲେଟ୍ ଚାଷକୁ ଆନ୍ତର୍ଜାତୀୟ ମଡେଲ ଭାବେ ଗ୍ରହଣ କରାଯାଇଥିବା ବେଳେ ଓଡ଼ିଶାରେ ଏହାର ସଫଳ ରୂପାୟନ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମାନଙ୍କର, ବିଶେଷ କରି ଆଦିବାସୀ ସମ୍ପ୍ରଦାୟର ଚାଷୀମାନଙ୍କର ଉନ୍ନତି ହୋଇପାରିଛି ବୋଲି ଡଃ ମିଶ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମ ରାଜ୍ୟର ୩୦ଟି ଜିଲ୍ଲାର ୧୭୭ ବ୍ଲକରେ କାର୍ଯ୍ୟକାରୀ ହୋଇ ପ୍ରାୟ ୬.୦୩ ଲକ୍ଷ ମିଲେଟ ଉତ୍ପାଦନ ହୋଇଛି, ଯାହା ମିଲେଟ ଚାଷୀ ମାନଙ୍କ ଆର୍ଥିକ ଉନ୍ନତି କରିବାରେ ସକ୍ଷମ ହୋଇଛି । ଓଡ଼ିଶାର ଏହି ଉଦ୍ୟମକୁ ନିତି ଆୟୋଗ, ମିଳିତ ଜାତିସଂଘ ଓ ଏଫ୍ଏଓ ଭଳି ସଂସ୍ଥାମାନେ ପ୍ରଶଂସା କରିଛନ୍ତି । କୃଷି କ୍ଷେତ୍ରରେ ଉପଲବ୍ଧ ପାଇଁ, ଓଡିଶାକୁ ପାଞ୍ଚ ପାଞ୍ଚ ଥର କୃଷି କର୍ମଣ ପୁରସ୍କାର ମିଳିଛି । ଏହା ବ୍ୟତୀତ ଶ୍ରେଷ୍ଠ ମିଲେଟ ଉତ୍ପାଦନ ରାଜ୍ୟ ଭାବେ ମଧ୍ୟ ଓଡ଼ିଶା ପୁରସ୍କୃତ ହୋଇଛି । ସେହିପରି, ଓଡ଼ିଶା କାଜୁ ଉନ୍ନୟନ ନିଗମ ମଧ୍ୟ ଶ୍ରେଷ୍ଠ ନର୍ସରି ପୁରସ୍କାର ହାସଲ କରିଛି ବୋଲି ଡଃ ମିଶ୍ର କହିଛନ୍ତି । ଏହି ଦଳର ଅନ୍ୟତମ ଜାତୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ଉପସ୍ଥିତ ଥିଲେ ।

# ୭ ଅତିରିକ୍ତ ଏସପିଙ୍କ ବଦଳି

■ **କଟକ, ୨୭ ।୨ (ସମିସ):** ଭାରତର ନିର୍ବାଚନ କମିସନଙ୍କ ଫେବୃଆରୀ ୨୩ର ନିର୍ଦ୍ଦେଶାବଳୀ ପରେ ବିଭିନ୍ନ ପୁଲିସ ଜିଲ୍ଲାର ଅବଗତି କ୍ରମେ ୭ଜଣ ଅତିରିକ୍ତ ଏସ୍‌ପିଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି । ରାଜ୍ୟ ପୁଲିସ ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ଅନୁମୋଦନକ୍ରମେ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏହି ବଦଳି ବିଜ୍ଞପ୍ତି ଜାରି କରାଯାଇଛି । ଏହି କ୍ରମରେ ବଳଭଦ୍ର ଦୀପଙ୍କୁ କନ୍ଧମାଳ ଆଇୟୁସିଏଡବ୍ଲୁର ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି । ସେହିପରି ବାଙ୍କବିହାରୀ ମୁର୍ମୁଙ୍କୁ ପୂର୍ବରୁ ଭଦ୍ରକ ଆଇୟୁସିଏଡବ୍ଲୁର ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣରୁ ଏହାକୁ ବାତିଲ କରାଯାଇ ପୂର୍ବପରି ରେଳବାଇ ଓ ଉପକୂଳ ସୁରକ୍ଷା ଅତିରିକ୍ତ ଡିଜିଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି । ବାସୁଦେବ ସ୍ୱାଇଁଙ୍କୁ ଭଦ୍ରକ ଆଇୟୁସିଏଡବ୍ଲୁର ଅତିରିକ୍ତ ଏସ୍‌ପି, ବିଜୟ ରଞ୍ଜନ କେରକେଟାଙ୍କୁ ବାଲେଶ୍ୱର ଆଇଜିଙ୍କ କାର୍ଯ୍ୟାଳୟର ଅତିରିକ୍ତ ଏସ୍‌ପି, ବିକ୍ରମ କେଶରୀ ଭୋଇଙ୍କୁ କୋରାପୁଟ ଅତିରିକ୍ତ ଏସ୍‌ପି, କିଶୋର ଚନ୍ଦ୍ର ମୁଣ୍ଡଙ୍କୁ ଭୁବନେଶ୍ୱର ଅତିରିକ୍ତ ଡିସିପି ଓ ଶ୍ରୀନିବାସ ମହାନ୍ତିଙ୍କୁ ଖୋର୍ଦ୍ଧାର ଅତିରିକ୍ତ ଏସପି ଭାବେ ବଦଳି କରାଯାଇଛି ।

Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
|---|---|---|
| 28th Feb, 2024 | 06:30 pm | Cuttack |

Venue: Hotel Seetal, Link Road, Cuttack, Odisha, 753012.
Name: Ranjit Mohanty | Mob. No.: 8879334096
Nippon Life India Asset Management Limited | CIN : L65910MH1995PLC220793
Good gets better
Mutual Fund investments are subject to market risks, read all scheme related documents carefully.



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-244 ◆BHUBANESWAR ◆WEDNESDAY ◆28 FEBRUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୪ ◆ଭୁବନେଶ୍ୱର ◆ବୁଧବାର ◆୨୮ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦

# ୧୫୬ ଓଏଏସ୍‌ଙ୍କ ବଦଳି

**ଭୁବନେଶ୍ୱର, ୨୭ ।୨(ସମିସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ବିଭାଗ ଓ ଜିଲ୍ଲାସ୍ତରରେ ପ୍ରଶାସନିକ ଅଧିକାରୀଙ୍କ ବଦଳି ପ୍ରକ୍ରିୟା ଜାରି ରଖିଛନ୍ତି। ଏହି କ୍ରମରେ ରାଜ୍ୟର ବିଭିନ୍ନ ବ୍ଲକ ଓ ଜିଲ୍ଲାରେ ବିଡିଓ, ତହସିଲଦାର, ଉପଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ଜିଲ୍ଲାପାଳ ଆଦି ଭାବେ କାର୍ଯ୍ୟ କରୁଥିବା ୧୫୬ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି କରାଯାଇଛି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପକ୍ଷରୁ ଭିନ୍ନ ଭିନ୍ନ ଭାବେ ବିଜ୍ଞପ୍ତି ଜାରି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ ଓ ପିଏ ଆଇଟିଡିଏ ଅଧିକାରୀ ଭାବେ ଜିଲ୍ଲାସ୍ତରରେ କାର୍ଯ୍ୟରତ ମୋଟ ୫୧ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି କରାଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ୩୫ ଜଣ ବିଡିଓଙ୍କ ବଦଳି ହୋଇଛି। ଏହା ବ୍ୟତୀତ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ୭୦ଜଣ ତହସିଲଦାରଙ୍କ ବଦଳି ହୋଇଛି। ସମସ୍ତଙ୍କୁ ତୁରନ୍ତ ନିଜର ନୂଆ ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ତାରିଖରେ ନିର୍ବାଚନ କମିଶନ ବଦଳି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବା ଓ ନିଜ ସଂସଦୀୟ କ୍ଷେତ୍ରରେ ଅଫିସରଙ୍କ ନିଯୁକ୍ତି ନ ଦେବାକୁ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ଯାହାପରେ ରାଜ୍ୟରେ ଜାରି ରହିଥିବା ବଦଳି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ସୂଚନା ଥାଉ କି ସୋମବାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ କାର୍ଯ୍ୟରତ ୨୨ ଜଣ ପୌର ନିର୍ବାହୀ ଅଧିକାରୀଙ୍କର ମଧ୍ୟ ବଦଳି କରାଯାଇଥିଲା।

# ଆଜି ସରିବ ଇକୋ ରିଟ୍ରିଟ୍

**ଭୁବନେଶ୍ୱର,୨୭ ।୨(ସମିସ):** ପରିବେଶ ପର୍ଯ୍ୟଟନସ୍ଥଳୀ, ବେଳାଭୂମି ପର୍ଯ୍ୟଟନ ଓ ମାଇସ୍ ଟୁରିଜିମ୍‌କୁ ନୂଆ ଦିଗ ଦେଇଛି ଇକୋ-ରିଟ୍ରିଟ୍। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ ନଭେମ୍ବର ୧ ତାରିଖରୁ ଆୟୋଜିତ ହୋଇଥିବା ଇକୋ-ରିଟ୍ରିଟ୍ ଆସନ୍ତାକାଲି (ବୁଧବାର) ଶେଷ ହେବ। ୨୮ ତାରିଖରେ ତିନୋଟି ସ୍ଥାନ ଯଥା କୋଣାର୍କ, ଭିତରକନିକା ଓ ସୋନାପୁରରେ ପର୍ଯ୍ୟଟକ ଶେଷ ଚେକ-ଇନ୍ କରି ୨୯ ତାରିଖରେ ଚେକ୍-ଆଉଟ୍ କରିବେ। ସେହିପରି ହୀରାକୁଦ, ଦାରିଙ୍ଗବାଡ଼ି, ସାତକୋଶିଆ ଏବଂ ପୁଟସିଲ୍‌ରେ ୨୯ ତାରିଖରେ ବୁକିଂ କରି ମାର୍ଚ୍ଚ ୧ ତାରିଖରେ ଚେକ୍-ଆଉଟ୍ କରିବେ। ତେବେ ୩ ମାସ ଧରି ଓଡ଼ିଶାର ୭ଟି ସ୍ଥାନରେ ଚାଲିଥିବା ଏହି ଇକୋ-ରିଟ୍ରିଟ୍ ମଧ୍ୟରୁ କୋଣାର୍କ ଇକୋ-ରିଟ୍ରିଟ୍‌ରେ ସର୍ବାଧିକ ଓ ସର୍ବକାଳୀନ ରେକର୍ଡସଂଖ୍ୟକ ବୁକିଂ ହୋଇଥିଲା। ଖାଲି ସେତିକି ନୁହେଁ, ଏଠାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରଥମ ପର୍ଯ୍ୟାୟରେ ହୀରାକୁଦ, ଦାରିଙ୍ଗବାଡି, କୋରାପୁଟ(ପୁଟସିଲ) ଓ ସାତକୋଶିଆ ଆଦି ୪ଟି ସ୍ଥାନରେ ଏକାସାଙ୍ଗକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିବା ବେଳେ ବିଭିନ୍ନ ସ୍ଥାନରେ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ, ନିର୍ଦ୍ଦେଶକଙ୍କ ସମେତ ସ୍ଥାନୀୟ ଜିଲ୍ଲାପାଳ ଓ ଅଧିକାରୀମାନେ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଡିସେମ୍ବର ୧ ତାରିଖରେ ସୋନାପୁର ଓ ଭିତରକନିକା ଏବଂ ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଡିସେମ୍ବର ୧୫ରୁ କୋଣାର୍କ ଇକୋ-ରିଟ୍ରିଟ୍ ଆରମ୍ଭ ହୋଇଥିଲା। ଗୁଜରାଟର କଚ୍ଛ ରଣ୍ ଉତ୍ସବ ଢାଞ୍ଚାରେ ଓଡ଼ିଶାର ୭ଟି ସ୍ଥାନରେ ଆୟୋଜିତ ହୋଇଥିବା ଏହି ପ୍ରତୀକ୍ଷିତ ଉତ୍ସବ ପୂର୍ବ ଭାରତର ପ୍ରଥମ ଏବଂ ଏକମାତ୍ର ଗ୍ଲାମ୍ପିଂ ଫେଷ୍ଟିଭାଲ। ଏଥିରେ ପର୍ଯ୍ୟଟକମାନଙ୍କ ଲାଗି ସମସ୍ତ ପ୍ରକାରର ସୁବିଧା ହୋଇଥିଲା। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଲକ୍ସୁରୀ କଟେଜ୍‌ରେ ପର୍ଯ୍ୟଟକମାନେ ରହିବା ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରକାରର ଆକ୍ଟିଭିଟିର ମଜା ନେଇଥିଲେ। ଆରାମଦାୟକ ରହଣୀ ସହ ଓଡ଼ିଶାର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ଓ ଖାଦ୍ୟାଭ୍ୟାସକୁ ନିକଟରୁ ଜାଣିବାର ସୁଯୋଗ ପାଇଥିଲେ ଉଭୟ ଦେଶ-ବିଦେଶର ପର୍ଯ୍ୟଟକ। ଟ୍ରେକିଂ, ଜଙ୍ଗଲ ସଫାରୀ ଅଲ୍ ଟେରେନ୍ ଭେଇକିଲ୍(ଏଟିଭି)ରେ ଜଙ୍ଗଲ ଓ ବିଚ୍‌ରେ ବୁଲିବା, ରାଇଫଲ୍ ସୁଟିଂ, ଆର୍ଚେରୀ, ବିଚ୍ ଭଲିବଲ, ଜେଟ୍ ସ୍କି, ବାନାନା ରାଇଡ୍, ସ୍ପିଡ୍ ବୋଟ୍, ପାରାସେଲିଂ, ଇ-ବାଇସାଇକଲ୍ ଆଦିର ଭରପୂର ମଜା ନେଇଛନ୍ତି ପର୍ଯ୍ୟଟକ। କେବଳ ସେତିକି ନୁହେଁ, ଗାଇଡେଡ୍ ଟୁର୍ ସହ ଫରେଷ୍ଟ ଓ ନେଚର ଟ୍ରେଲ୍, ଭିଲେଜ୍ ୱାକ୍, ବାଲୁକା କଳା କର୍ମଶାଳା, ସମୁଦ୍ର ଓ ନଦୀଶଯ୍ୟାରେ ଯୋଗ ଏବଂ କୁମ୍ଭାର କର୍ମଶାଳାକୁ ଉପଭୋଗ କରିବାର ସୁଯୋଗ ମଧ୍ୟ ରହିଥିଲା। ୩ ମାସ ଧରି ଚାଲିଥିବା ଇକୋ-ରିଟ୍ରିଟ୍ ଚଳିତ ବର୍ଷ ନିଆରା ଅନୁଭୂତି ସାଉଁଟିଛନ୍ତି ପର୍ଯ୍ୟଟକ। ଯାହାର ଝଲକ୍ ପର୍ଯ୍ୟଟକମାନେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି।

■ କୋଣାର୍କ, ଭିତରକନିକା ଓ ସୋନାପୁରରେ ଆଜି ଶେଷ ଚେକ୍‌ଇନ୍
■ ଅନ୍ୟ ୪ଟି ସ୍ଥାନରେ ୨୯ରେ ଶେଷ ବୁକିଂ
■ କୋଣାର୍କରେ ସର୍ବାଧିକ ଓ ସର୍ବକାଳୀନ ରେକର୍ଡସଂଖ୍ୟକ ପର୍ଯ୍ୟଟକ

## ନବୀନଙ୍କ ଲୋକପ୍ରିୟତା ସମ୍ମୁଖରେ ବିରୋଧୀ ଫିକା

# ବିଜେଡି ଟିକଟ ପ୍ରାର୍ଥୀଙ୍କ ‘ବିଜୟ ଗ୍ୟାରେଣ୍ଟି’

**ଭୁବନେଶ୍ୱର,୨୭ ।୨(ସମିସ):** ସାଧାରଣ ନିର୍ବାଚନ ପାଇଁ ଏଯାବତ୍ ତାରିଖ ଘୋଷଣା ହୋଇ ନ ଥିଲେ ମଧ୍ୟ ରାଜ୍ୟରେ ନିର୍ବାଚନୀ ପରିବେଶ ବେଶ୍ ସରଗରମ ହୋଇ ଉଠିଛି। ଟିକେଟ୍ ବଣ୍ଟନକୁ ନେଇ ଶାସକ ବିଜେଡି ସମେତ ବିରୋଧୀ ବିଜେପି ଓ କଂଗ୍ରେସ ଅଙ୍କ କଷୁଥିବା ବେଳେ ବିଜେଡି ଟିକେଟକୁ ନେଇ ଆଶାୟୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ଏବଂ ଲୋକପ୍ରିୟତା ସମ୍ମୁଖରେ ବିରୋଧୀ ଦଳ ଫିକା ପଡୁଥିବା ବେଳେ ଏହାକୁ ବେଶ୍ ହୃଦ୍‌ବୋଧ କରିଛନ୍ତି ଟିକେଟ ଆଶାୟୀ। ସେଥିପାଇଁ ବିଭିନ୍ନ ସଂଗଠନ, ବିଭିନ୍ନ କ୍ଷେତ୍ର ସହ ଜଡ଼ିତ ବହୁ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ଦଳର ଛାମୁଆ ନେତାଙ୍କର ଲମ୍ବା ଧାଡ଼ି ଆଜି ନବୀନ ନିବାସରେ ଦେଖିବାକୁ ମିଳିଛି। ଦଳରୁ ପ୍ରାର୍ଥୀ ହେବା ପାଇଁ ପୂର୍ବରୁ ୧୦ ହଜାରରୁ ଅଧିକ ଆଶାୟୀ ବିଧିବଦ୍ଧ ଭାବେ ଆବେଦନ କରି ସାରିଥିବା ବେଳେ ଏବେ ଏହି ସଂଖ୍ୟା ଆହୁରି ବଢ଼ିବାରେ ଲାଗିଛି। ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଆକାଶ ଛୁଆଁ ରହିଥିବା ବେଳେ ବିଜେଡି ଟିକେଟ, ବିଜୟର ଗ୍ୟାରେଣ୍ଟି ବୋଲି ଆଶାୟୀ ବିଚାର କରୁଛନ୍ତି। ଆଜି ସକାଳୁ ସକାଳୁ ନବୀନ ନିବାସରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଜ୍ୟର କୋଣ ଅନୁକୋଣରୁ ବହୁ ଟିକେଟ ଆଶାୟୀ ହାତରେ ନିଜର ବାୟୋଡାଟା ଧରି ନବୀନ ନିବାସରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ୫-ଟି ରୂପାନ୍ତରଣ, ରାଜ୍ୟବ୍ୟାପୀ ବିକାଶ ପର୍ବ ବିଜେଡିକୁ ଅନ୍ୟ ରାଜନୈତିକ ଦଳଠାରୁ ଢ଼େର ଆଗରେ ରଖିଛି। ଜାତୀୟସ୍ତରର ବହୁ ସଂସ୍ଥା ରାଜ୍ୟରେ ବିଜେଡି ଚଳିତଥର ଐତିହାସିକ ବିଜୟ ଆଡ଼କୁ ଅଗ୍ରସର ହେଉଥିବା ନେଇ ଆକଳନ କରୁଛନ୍ତି। ଯାହାଫଳରେ ବିଜେଡି ପ୍ରତି ସ୍ୱାଭାବିକ ଭାବେ ସମର୍ଥନ ବଢ଼ିବାରେ ଲାଗିଛି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ବିରୋଧୀ ଦଳର ଜଣେ ନେତା କହିଛନ୍ତି ଯେ ବର୍ତ୍ତମାନ ଦୃଶ୍ୟପଟରେ ନବୀନ ପଟ୍ଟନାୟକଙ୍କୁ ମୁକାବିଲା କରିବା ପରି ରାଜ୍ୟ ରାଜନୀତିରେ ଜଣେ ହେଲା ନେତା ନାହାନ୍ତି। ପାଞ୍ଚ ପାଳିର ଶାସନ ପରେ ନବୀନଙ୍କ ଚମକ କମିବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ି ବଢ଼ି ଚାଲିଛି। ଉଭୟ ବିରୋଧୀ ବିଜେପି ଓ କଂଗ୍ରେସର ଅନେକ ନେତା ଏପରିକି ବର୍ତ୍ତମାନର କେତେକ ବିଧାୟକ ମଧ୍ୟ ବିଜେଡିରୁ ଟିକେଟ ପାଇଁ ଗୁପ୍ତ ଭାବେ ଆବେଦନ କରିଛନ୍ତି ବୋଲି ଉକ୍ତ ନେତା ଜଣକ କହିଛନ୍ତି।

**ଦଳୀୟ ଟିକେଟ ହାତେଇବା ପାଇଁ ନବୀନ ନିବାସରେ ଲମ୍ବା ଧାଡ଼ି**

# ସୁନା ବ୍ୟବସାୟୀଙ୍କୁ ଗୁଳି

**ଢେଙ୍କାନାଳ, ୨୭ ।୨(ସମିସ):** ଢେଙ୍କାନାଳ ଜିଲ୍ଲାର ରାସୋଲ ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ କଦଳୀପାଳ ନିକଟରେ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି। ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଜଣେ ସୁନା ବ୍ୟବସାୟୀଙ୍କୁ ଗୁଳିମାଡ଼ କରିବା ସହ ତାଙ୍କଠାରୁ ୩.୫ଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ୧ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସଂପୃକ୍ତ ବ୍ୟବସାୟୀଜଣଙ୍କ ହେଲେ, ପ୍ରକାଶ ଚନ୍ଦ୍ର ସାହୁ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ଖବର ପାଇ ସଦର ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଅନୁଗୁଳ ଜିଲ୍ଲା ଖଲାରୀଠାରେ ପ୍ରକାଶଙ୍କର ଏକ ଅଳଙ୍କାର ଦୋକାନ ରହିଛି। ଆଜି ସେ ଏକ ବାଇକ୍‌ରେ ସୁନା ନେଇ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଘରକୁ ଫେରୁଥିବା ବେଳେ ଏହି ଆପରାଧିକ ଘଟଣା ଘଟିଥିଲା। ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ପିଛା କରି କଦଳୀପାଳ ଗ୍ରାମ ନିକଟରେ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପ୍ରକାଶ ସେମାନଙ୍କ କବଳରୁ ଖସିଯିବା ପାଇଁ ଉଦ୍ୟମ କରିବାରୁ ଜଣେ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିଟି ପ୍ରକାଶଙ୍କ ଅଣ୍ଟାରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କଠାରୁ ସୁନାଭର୍ତ୍ତି ବ୍ୟାଗ୍ ଏବଂ ନଗଦ ୧ ଲକ୍ଷ ଟଙ୍କା ସହ ସେ ପିନ୍ଧିଥିବା ସୁନାଚେନ୍ ଲୁଟି ନେଇ ଫେରାର୍ ହୋଇଯାଇଥିଲେ।

**୩.୫ଲକ୍ଷର ସୁନା ଓ ଲକ୍ଷେ ଟଙ୍କା ଲୁଟିନେଲେ**

# ୩ ବର୍ଷର ପୁଅକୁ ମାରି ବାପାର ଆତ୍ମହତ୍ୟା

**କାଳିଆପାଣି, ୨୭ ।୨(ସମିସ):** ୩ ବର୍ଷର ପୁଅକୁ ମାରି ବାପର ଆତ୍ମହତ୍ୟା। ସାମାନ୍ୟ ଘରୋଇ କଳିକୁ ନେଇ ଗତକାଲି କାଳିଆପାଣି ଖଣି ଅଞ୍ଚଳରେ ଏଭଳି ଏକ ଦୁଃଖଦ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ, ପଡ଼ୋଶୀ ଢେଙ୍କାନାଳ ଜିଲ୍ଲାର ବିରାଶାଳ ପଞ୍ଚାୟତ ଅନ୍ତର୍ଗତ ହରିଡ଼ାପଦା ଗାଁର ମଙ୍ଗଳ ମୁଣ୍ଡା (୩୫)ତାଙ୍କ ଶଶୁର ଘରକୁ ଯାଇଥିଲେ। ଶଶୁର ଘର ଯାଜପୁର ଜିଲ୍ଲା କଂସ ପଞ୍ଚାୟତ ଅନ୍ତର୍ଗତ ଟିକରପଡ଼ାରେ ସେ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। କଳହ ଏତେ ଉଗ୍ରରୂପ ନେଇଥିଲା ଯେ ମଙ୍ଗଳ ତାଙ୍କର ୩ ବର୍ଷର ଶିଶୁପୁତ୍ରକୁ ସାଙ୍ଗରେ ଧରି ସେଠାରୁ ପଳାଇ ଯାଇଥିଲେ। ଗାଁଠାରୁ କିଛି ବାଟ ଆସିବା ପରେ ସେ ଉକ୍ତ ଶିଶୁପୁତ୍ରର ତଣ୍ଟି ଚିପି ହତ୍ୟା କରିବା ପରେ ଗଛରେ ଝୁଲାଇ ଦେଇଥିଲେ। ଏହାପରେ ନିଜେ ମଧ୍ୟ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଘଟଣା ପ୍ରଘଟ ହେବା ପରେ କାଳିଆପାଣି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାପ-ପୁଅଙ୍କ ଝୁଲନ୍ତା ମୃତଦେହ ଜବତ କରିଥିଲା। ଆଜି ଶବଦ୍ୱୟକୁ ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ପୁଲିସ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।






### ମନୋଜ ଦାସ ସ୍ମୃତି ସଂସଦ ପକ୍ଷରୁ ମନୋଜ ଦାସଙ୍କ ଜୟନ୍ତୀ

# ମନୋଜଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱକୁ ସମସ୍ତେ ସମ୍ମାନ କରନ୍ତି : ଦେବଦାସ




**ଭୁବନେଶ୍ୱର, ୨୭ ।୨(ସମିସ):** ତରୁଣଙ୍କଠାରୁ ପ୍ରବୀଣଙ୍କ ପର୍ଯ୍ୟନ୍ତ ସମସ୍ତେ ମନୋଜ ଦାସଙ୍କ ସାହିତ୍ୟ ସୃଷ୍ଟିକୁ ଯେତିକି ଭଲ ପାଆନ୍ତି, ତାଙ୍କ ବ୍ୟକ୍ତିତ୍ୱକୁ ମଧ୍ୟ ସମପରିମାଣର ସ୍ନେହ ଓ ସମ୍ମାନ ଦିଅନ୍ତି। ସାହିତ୍ୟଠୁ ତାଙ୍କ ବ୍ୟକ୍ତିତ୍ୱ ଥିଲା ବଳିଷ୍ଠ ଓ ଜାଜ୍ୱଲ୍ୟମାନ। ସେ ରେଭେନ୍ସା ସାହିତ୍ୟ ସଂସଦର ନାମ 'ପଲ୍ଲବ ପାଠଚକ୍ର' ରଖିଥିଲେ। ରେଭେନ୍ସା ପ୍ରତି ତାଙ୍କର ବହୁତ ସମ୍ମାନ ଥିଲା। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ 'ମନୋଜ ଦାସ ସ୍ମୃତି ସଂସଦ' ପକ୍ଷରୁ ଆୟୋଜିତ ପଦ୍ମଭୂଷଣ ମନୋଜ ଦାସଙ୍କ ୯୧ତମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କଥାଶିଳ୍ପୀ ଓ ଗୀତିକାର ଦେବଦାସ ଛୋଟରାୟ ଏହା କହିଛନ୍ତି।

ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ ବାର୍ଷିକ ବିବରଣୀ ପାଠ କରିବା ଅବସରରେ କହିଥିଲେ, ବାଲେଶ୍ୱର ଜିଲ୍ଲା ଭୋଗରାଇସ୍ଥିତ ଶଙ୍ଖାରିରେ ପ୍ରତିଷ୍ଠା ହୋଇଥିବା ମନୋଜ-ମନ୍ମଥ ସ୍ମାରକୀ ବୁଧବାର ଲୋକାର୍ପିତ ହେବ। ୧୬କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସାରସ୍ୱତ ପୀଠକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ଏହି ସୂଚନା ଦେଇଛନ୍ତି। ମୁଖ୍ୟବକ୍ତା ପ୍ରଫେସର ମନୀନ୍ଦ୍ର କୁମାର

**ଆଜି ମନୋଜ-ମନ୍ମଥ ସ୍ମାରକୀ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ**

ମେହେର କହିଲେ, ମନୋଜ ଦାସ ଏବେ ବି ଅଛନ୍ତି। ସେ ମଞ୍ଚରେ ଛିଡ଼ା ହୋଇ କହିଲା ବେଳେ ସମସ୍ତେ ଯେମିତି ଚୁପ ହୋଇ ବସନ୍ତି, ଆଜି ବି ସମସ୍ତେ ଚୁପ୍ ହୋଇ ବସିଛନ୍ତି। ତାଙ୍କ ଉପସ୍ଥିତି ଏବେ ବି ସମସ୍ତେ ଅନୁଭବ କରୁଛନ୍ତି। ମଣିଷ ଯେତେ ମନ୍ଦ ହେଉନା କାହିଁକି ତା' ଆତ୍ମାର ସ୍ଫୁଲିଙ୍ଗ ଲୁଚି ରହିଛି ବୋଲି ତାଙ୍କ ଲେଖାକୁ ଉଦ୍ଧାର କରି ସେ କହିଥିଲେ।

ସମ୍ମାନିତ ଅତିଥି ଯୁବ ଲେଖିକା ତଥା ମନୋଜ ଦାସଙ୍କ ସମ୍ପର୍କରେ ଗବେଷଣା କରିଥିବା ପ୍ରଜ୍ଞା ପ୍ରବର୍ତ୍ତିକା ଦାସ କହିଲେ, ବାନ୍ଧି ହେଉନଥିବା ପୃଥିବୀ ହେଉଛନ୍ତି ମନୋଜ ଦାସ। ଆମ ମନରେ ଉଠୁଥିବା ସବୁ ପ୍ରଶ୍ନର ଉତ୍ତର ତାଙ୍କ ଲେଖା ମାଧ୍ୟମରେ ସେ ଦେଇ ଯାଇଛନ୍ତି। ତାଙ୍କୁ ଦେଖିଲେ ଅନୁଭବ ହୁଏ ବେଶ, ପୋଷାକ କେବେ ବ୍ୟକ୍ତିତ୍ୱର ପରିଚୟ ହୋଇନପାରେ ବୋଲି ସେ କହିଥିଲେ। ବିଗତ ଦିନରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ସାହିତ୍ୟ ଆସର ଆୟୋଜନ କଲା ଭଳି ଆଗାମୀ ଦିନରେ ଯୁବପିଢ଼ିଙ୍କୁ ନେଇ ଅଧିକ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଥିଲା। ସଂସଦର ସଙ୍ଗଠନ ସମ୍ପାଦକ ସରୋଜ ବଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କୋଷାଧ୍ୟକ୍ଷ ସରୋଜ ଦାଶ, ସହ-ସମ୍ପାଦକ ରାମଜୀବନ ଗୋଚ୍ଛାୟତ, ସୂର୍ଯ୍ୟ ମିଶ୍ର, ମୌସୁମୀ ଦାସ, ନନ୍ଦକିଶୋର ବିଶ୍ୱାଳ, ଅମ୍ବିକା ପଟ୍ଟନାୟକ, ପବିତ୍ରମୋହନ କର, ବେଣୁଧର ବିଶ୍ୱାଳ, ପ୍ରବୀଣା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ସମ୍ପାଦକ ଅମିତାଭ ଖିଲାର ଧନ୍ୟବାଦ ଦେଇଥିଲେ।

### ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# ଆଚାର୍ଯ୍ୟଙ୍କ ସ୍ମୃତି ଅପାସୋରା ହୋଇ ରହିବ




**ଭୁବନେଶ୍ୱର,୨୭ ।୨ (ସମିସ):** ଆଚାର୍ଯ୍ୟ ହରିହର ସର୍ବୋଦୟ ନେତା, ଭୂଦାନ ଆନ୍ଦୋଳନର ନେତୃତ୍ୱ ନେବା ସହ ଶିକ୍ଷକତା କରୁଥିଲେ। ଅସହଯୋଗ ଆନ୍ଦୋଳନରେ ଯୋଗଦେବା ସହ ସମଗ୍ର ବସୁଧାକୁ କୁଟୁମ୍ବ ବୋଲି ଜ୍ଞାନ କରି କର୍ମଯୋଗୀ ଜୀବନ ଭିତରେ ସେବା କରିବାରେ ନିଜକୁ ହଜାଇ ଦେଇଥିଲେ। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ 'ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଏପରି ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ସତ୍ୟବାଦୀର ପଞ୍ଚସାଖାମାନଙ୍କ ମଧ୍ୟରୁ ଅନ୍ୟତମ ଆଚାର୍ଯ୍ୟ ହରିହର ଦାସ ଥିଲେ ଭିନ୍ନଧାତୁରେ ଗଢ଼ା ମଣିଷ। ସେ ଥିଲେ, ମଣିଷପଣିଆର ଉଜ୍ଜ୍ୱଳ ଉଦାହରଣ। ସମାଜରେ ଅନ୍ୟମାନଙ୍କ ପାଇଁ କିଛି କରିବା ଓ ଯେକୌଣସି ମହତ୍ ଅବଦାନ ପ୍ରକଟ କରି ଅନ୍ୟମାନଙ୍କୁ ପ୍ରଭାବିତ କରିବା ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ଗାନ୍ଧୀବାଦୀ, ସଂଗ୍ରାମୀ, ଶିକ୍ଷକ, ଛାତ୍ରବତ୍ସଳ ଆଚାର୍ଯ୍ୟ, ସଂସ୍କାରକ, ସମାଜସେବକ ଓ ଭୂଦାନ-ସର୍ବୋଦୟ କର୍ମୀ ଭାବରେ ଆଚାର୍ଯ୍ୟ ହରିହରଙ୍କ ସ୍ମୃତି ଅପାସୋରା ହୋଇ ରହିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ତଥା ବିଶିଷ୍ଟ ସଂସ୍କୃତ ଗବେଷକ କୃପାସିନ୍ଧୁ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କୁ ସେବା, ସହାନୁଭୂତି, ଆଚରଣ ଓ ଐକାନ୍ତିକ ନିଷ୍ଠାର ଜୀବନ୍ତ ପ୍ରତୀକ ବୋଲି ଅଭିହିତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଆଚାର୍ଯ୍ୟ ବିହାର ପରିଷଦ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ ଜୀବନାଦର୍ଶ ଉପରେ ଆଧାରିତ ସାମାଜିକ ନାଟକ 'ଏକ ସୁଖଦ ଅନୁଭୂତି' ପରିବେଷିତ ହୋଇଥିଲା। ପରିଷଦର ସଭାପତି ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପ୍ରଶସ୍ତୀକରଣ ହେବ କନ୍ଧମାଳ-ଗଞ୍ଜାମ ୫୯ ନମ୍ବର ଜାତୀୟ ରାଜପଥ

**ଭୁବନେଶ୍ୱର, ୨୭ ।୨(ସମିସ):** କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ଦେଇ ଯାଇଥିବା ୫୯ନମ୍ବର ଜାତୀୟରାଜପଥ ଦାରିଙ୍ଗିବାଡ଼ି ଘାଟି ସେକ୍ସନ୍‌ର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ୨୬.୯୬ କିଲୋମିଟର ଲମ୍ବା ଏହି ରାଜପଥର ପ୍ରଶସ୍ତୀକରଣ ପାଇଁ ୨୦୨୩-୨୪ ବାର୍ଷିକ ଯୋଜନାରେ ୭୧୮.୨୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ନେଇ 'ଏକ୍ସ' ପୋଷ୍ଟ ମାଧ୍ୟମରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ସୂଚନା ଦେଇଛନ୍ତି। ଶ୍ରୀ ଗଡ଼କରୀ କହିଛନ୍ତି, ଦାରିଙ୍ଗିବାଡ଼ି ଘାଟ ସେକ୍ସନ ବର୍ତ୍ତମାନ ଏକ ସଂକୀର୍ଣ୍ଣ ଚଳାଚଳ ମାର୍ଗ ଏବଂ ଖରାପ ମାନର ଜ୍ୟାମିତିକ ଆକାର ଯୋଗୁ ଗାଡ଼ି ଚଳାଚଳରେ ବିଭିନ୍ନ ବାଧା ସୃଷ୍ଟି କରୁଛି। ଏହି କାରଣରୁ ପଶ୍ଚିମ ଓଡ଼ିଶାରୁ ଆସୁଥିବା ଲମ୍ବା ଦୂରଗାମୀ ବାହନଗୁଡ଼ିକୁ ୫୯ନମ୍ବର ଜାତୀୟ ରାଜପଥକୁ ଏଡ଼ାଇବାକୁ ପଡ଼ୁଛି। ବିଶେଷକରି ଶୀତ ଦିନେ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ବଢ଼ାଇବା ଦ୍ୱାରା ରାଜପଥର ମାନ ବୃଦ୍ଧି ପାଇବ, ନିରାପତ୍ତା ସୁଦୃଢ଼ ହେବ ଏବଂ ୫୯ ନମ୍ବର ଜାତୀୟ ରାଜପଥରେ ଯୋଗାଯୋଗ ସହଜ ଓ ସୁନିଶ୍ଚିତ ହେବ।

# ବିଜେଡିରୁ ବିଦା ହେଲେ କାର୍ତ୍ତିକ ସାହୁ

**ଭୁବନେଶ୍ୱର, ୨୭ ।୨(ସମିସ):** ଦଳ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ର କାର୍ତ୍ତିକ ସାହୁଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କାର୍ତ୍ତିକଙ୍କ ବିରୋଧରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରେସ୍ ବିବୃତିରେ ଦଳ ପକ୍ଷରୁ ଉପରୋକ୍ତ ସୂଚନା ଦିଆଯାଇଛି।

# ଦିଲ୍ଲୀରେ କଂଗ୍ରେସ ସ୍କ୍ରିନିଂ କମିଟି ବୈଠକ

**ଭୁବନେଶ୍ୱର, ୨୭ ।୨(ସମିସ):** ଦିଲ୍ଲୀରେ କଂଗ୍ରେସ ସ୍କ୍ରିନିଂ କମିଟି ବୈଠକରେ ଟିକଟ ଆଶାୟୀଙ୍କ ସମ୍ପର୍କରେ ମାନସ ମନ୍ଥନ ହୋଇଛି। ଏହି ବୈଠକରେ ପ୍ରଦେଶ ନିର୍ବାଚନ କମିଟି ମୁଖ୍ୟ ଶରତ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଯୋଗଦେଇ ପିସିସି ପକ୍ଷରୁ ପ୍ରସ୍ତୁତ ହୋଇଥିବା ପ୍ରାର୍ଥୀ ତାଲିକା ସ୍କ୍ରିନିଂ କମିଟିରେ ଉପସ୍ଥାପନ କରିଛନ୍ତି। ପ୍ରଦେଶ ନିର୍ବାଚନ କମିଟିର ନିଷ୍ପତ୍ତି ଅନୁଯାୟୀ, ପ୍ରତି ଆସନ ପିଛା ଅତି ବେଶିରେ ୩ଜଣଙ୍କ ନାମ ସ୍କ୍ରିନିଂ କମିଟିକୁ ଦିଆଯାଇଛି। ସ୍କ୍ରିନିଂ କମିଟି ଫେବୃଆରୀ ଶେଷରେ ଜଣଙ୍କ ନାମକୁ ବାଦ୍ ଦେଇ ୨ଜଣଙ୍କ ନାମ ସେଣ୍ଟ୍ରାଲ ନିର୍ବାଚନ କମିଟିକୁ ପଠାଇବ। ସେହି ଦୁଇଜଣଙ୍କ ମଧ୍ୟରୁ ଜଣକ ନାମରେ ସେଣ୍ଟ୍ରାଲ ନିର୍ବାଚନ କମିଟି ମୋହର ମାରିବ। ଆଜି ବୈଠକରୁ ଜଣାପଡ଼ିଛି, ଆସନ୍ତା ୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ସ୍କ୍ରିନିଂ ବୈଠକରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହେବ। ଏଥିପାଇଁ ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିବା ନେଇ ସମ୍ଭାବନା ରହିଛି। ପ୍ରଥମ ପର୍ଯ୍ୟାୟରେ ପାଖାପାଖି ୭୦ ବିଧାନସଭା ଏବଂ ୧୪ ଲୋକସଭା ଆସନ ଘୋଷଣା କରିବାକୁ ଦଳ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।

**ଓଡ଼ିଶାରେ ଆଶାୟୀ ପ୍ରାର୍ଥୀଙ୍କ ବିଷୟରେ ମାନସ ମନ୍ଥନ**

# ରାଜଧାନୀରେ ପହଞ୍ଚିଲା ପାରଳାଖେମୁଣ୍ଡି ବିଜେପି ବିବାଦ

**ବିଧାୟକ କେ.ନାରାୟଣଙ୍କ ବିରୋଧରେ ଫେରାଦ ହେଲେ କର୍ମୀ**



**ପାରଳାଖେମୁଣ୍ଡି,୨୭ ।୨(ସମିସ):** ଗଜପତି ଜିଲ୍ଲା ବିଜେପି ସଭାପତି ତଥା ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓଙ୍କ ବିରୋଧରେ ରାଜ୍ୟ ନେତୃବୃନ୍ଦଙ୍କ ଠାରେ ଫେରାଦ ହୋଇଛନ୍ତି ବିଜେପିର କିଛି ନେତା ଓ କର୍ମୀ। ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ବିଜେପି କାର୍ଯ୍ୟାଳୟରେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି କାର୍ଯ୍ୟକର୍ତ୍ତା ବିଧାୟକ ଶ୍ରୀ ରାଓଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଜଣାପଡ଼ିଛି। ସେମାନେ ରାଜ୍ୟ ନେତୃବୃନ୍ଦଙ୍କୁ ଅବଗତ କରାଇଛନ୍ତି ଯେ, ଗତ ନିର୍ବାଚନରେ ନିର୍ବାଚିତ ହୋଇଥିବା ବିଧାୟକ କେ. ନାରାୟଣ ରାଓଙ୍କୁ ଜିଲ୍ଲା ସଭାପତି ପଦ ଭାର ଦିଆଯାଇଥିଲା। କିନ୍ତୁ ବିଧାୟକ ଶ୍ରୀ ରାଓ ଦଳକୁ ଛାଡି ନିଜ ସଂଗଠନକୁ ମଜଭୁତ କରିବାରେ ଲାଗିଛନ୍ତି। ଏଥିରେ ଦଳର ସଙ୍ଗଠନ ମଜଭୁତ ହୋଇପାରି ନାହିଁ ଏବଂ ତାହାର ପ୍ରଭାବ ଦଳ ଉପରେ ପଡ଼ିଛି। ବିଧାୟକଙ୍କ ଏହି ପ୍ରକାର ଦଳ ବିରୋଧୀ ଗତିବିଧିପାଇଁ ୨୦୧୯ ମସିହାରେ ତାଙ୍କୁ ବିଜୁ ଜନତା ଦଳରୁ ନିଲମ୍ବିତ କରାଯାଇଥିଲା। ବିଜେପିରେ ମିଶିବା ପରେ ମଧ୍ୟ ସେହି ପ୍ରକାର ଦଳ ବିରୋଧୀ କାର୍ଯ୍ୟକଳାପକୁ ଜାରି ରଖିଛନ୍ତି। ସେଥିପାଇଁ ବିଜେପି କର୍ମକର୍ତ୍ତା ଓ ପୁରୁଣା ନେତା ଶ୍ରୀ ରାଓଙ୍କ ପ୍ରତି ଖୁସି ନୁହନ୍ତି। ଯାହାର ଉଦାହରଣ ହେଲା ଗତ ମ୍ୟୁନିସିପାଲିଟି ନିର୍ବାଚନରେ ୧୬ ୱାର୍ଡରୁ ବିଜେପି ବିଧାୟକ ଥାଇ ମଧ୍ୟ ୨ଟି ୱାର୍ଡ ହାସଲ କରିଥିଲା। ପଞ୍ଚାୟତ ନିର୍ବାଚନରେ ମଧ୍ୟ ବିଧାୟକ କୌଣସି ପ୍ରକାର ସାଙ୍ଗଠନିକ କାର୍ଯ୍ୟକ୍ରମ କରିନାହାନ୍ତି। ବିଧାୟକ ଓଡ଼ିଆ ଲୋକ ଏବଂ ପଛୁଆ ବର୍ଗର ଲୋକଙ୍କୁ ଯେଉଁ ପ୍ରକାର ଅଣଦେଖା କରୁଛନ୍ତି ତା ଦ୍ୱାରା ଦଳର ଭୋଟ ସଂଖ୍ୟା କମିବାରେ ଲାଗିଛି। ଆଗାମୀ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ଦଳ ଉପରେ ଏହାର କୁପ୍ରଭାବ ପଡ଼ିବା ସମ୍ଭାବନା ରହିଛି। ଆଗାମୀ ନିର୍ବାଚନକୁ ନଜରରେ ରଖି ନୂଆ ମୁହଁକୁ ଦାୟିତ୍ୱ ଦେବାକୁ ଦାବି ସେମାନେ ଦାବି କରିଛନ୍ତି।

### ● କ୍ରୀଡ଼ା ଛାତ୍ରାବାସ ବିଭାଗରୁ ବକ୍ସିଂ ଖେଳ ବାଦ୍ ପ୍ରସଙ୍ଗ

# ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୭ ।୨(ସମିସ):** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବକ୍ସିଂ ଖେଳକୁ କ୍ରୀଡ଼ା ଛାତ୍ରାବସ ବିଭାଗରୁ ବାଦ୍ ଦିଆଯିବା ପ୍ରସଂଗରେ ଦାୟର ଜନସ୍ୱାର୍ଥ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ମାର୍ଚ୍ଚ ୫କୁ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ରାଜ୍ୟ ସରକାର ସତ୍ୟପାଠ ଜରିଆରେ ଜବାବ ଦାଖଲ କରିସାରିଥିବା ବେଳେ ଆବେଦନକାରୀଙ୍କୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ପ୍ରତିଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସୁଦର୍ଶନ ସାହୁଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି ଆବେଦନକାରୀଙ୍କ ପକ୍ଷରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଦିଆଯାଇଥିବା ଆଗ୍ରହୀ ୧୫ଜଣ ଛାତ୍ରଙ୍କ ପ୍ରତିଭା ମୂଲ୍ୟାୟନ ଶେଷ କରି ଏହାର ଫଳ ଅଦାଲତରେ ଉପସ୍ଥାପନ କରିବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଆଜି ଶୁଣାଣି ବେଳେ ଅବଗତ କରାଯାଇଥିଲା କି ଟାଲେଣ୍ଟ ସ୍କାଉଟ ପ୍ରୋଗ୍ରାମ(ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ)ରେ ଜଣେ ହେଲେ କେହି ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହୋଇପାରିନାହାଁନ୍ତି। ମାମଲାରୁ ପ୍ରକାଶ ଯେ ୨୦୧୪ରୁ ବକ୍ସିଂ ଖେଳକୁ ଟ୍ୟାଲେଣ୍ଟ ସ୍କାଉଟ୍ ପ୍ରୋଗ୍ରାମରୁ ବାଦ ଦିଆଯାଇଛି। ରାଜ୍ୟ କ୍ରୀଡ଼ା ଛାତ୍ରାବାସଗୁଡ଼ିକରେ ଏହି ଖେଳ ପ୍ରତି ଆଗ୍ରହ କମିବାରୁ ଏହାକୁ ବାଦ୍ ଦିଆଯାଇଥିବା ନେଇ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏହି ଖେଳ ପ୍ରତି ସରକାର ପ୍ରୋତ୍ସାହନ ଯୋଗାଇଦେବାକୁ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଲୋକ ପଣ୍ଡା ମାମଲା ପରିଚାଳନା କରୁଛନ୍ତି।

### ହାଇକୋର୍ଟରେ ଓଆରଏଚଡିସି ଋଣ ଦୁର୍ନୀତି ମାମଲା

# ଶୁଣାଣି ଅସମ୍ପୂର୍ଣ୍ଣ

**କଟକ, ୨୭ ।୨(ସମିସ):** ଓଆରଏଚଡିସି ଋଣ ଦୁର୍ନୀତି ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ଓ ଦଣ୍ଡାଦେଶ ରାୟ ବିରୋଧରେ ବିଧାୟକ ମହମ୍ମଦ ମୋକିମ ଦାୟର କରିଥିବା ଆବେଦନର ଶୁଣାଣି ଆଜି ହୋଇଥିଲେ ମଧ୍ୟ ଏହା ଅସମ୍ପୂର୍ଣ୍ଣ ରହିଛି। ଆସନ୍ତା ୨୯ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଷ୍ଟିସ ବି.ପି.ରାଉତରାୟ ନିର୍ଦ୍ଦେଶ ଦେଇଛନ୍ତି। ମୋକିମଙ୍କ ସମେତ ଏହି ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆଇଏଏସ ବିନୋଦ କୁମାର, ମେଟ୍ରୋ ବିଲଡର୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ପୀୟୂଷଧାରୀ ମହାନ୍ତି ଓ କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଞ୍ଜନ ମହାପାତ୍ରଙ୍କ ଆବେଦନର ମଧ୍ୟ ଏକତ୍ର ଶୁଣାଣି କରାଯିବ। ମାମଲାରୁ ପ୍ରକାଶ ଯେ ଓଡ଼ିଶା ରୁରାଲ ହାଉସିଂ ଡେଭେଲପମେଣ୍ଟ କର୍ପୋରେସନ୍ (ଓଆରଏଚଡିସି) ଋଣ ଦୁର୍ନୀତି ମାମଲାର ଶୁଣାଣି କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଗତ୨୦୨୨, ସେପ୍ଟେମ୍ବର ୨୯ରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ମୋକିମଙ୍କ ସମେତ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୨୦୨୨ଅକ୍ଟୋବର ୧୦ରେ ହାଇକୋର୍ଟ ମୋକିମଙ୍କୁ ଜାମିନ ପ୍ରଦାନ କରିବା ସହିତ ନିମ୍ନ ଅଦାଲତଙ୍କ ଜରିମାନା ଦଣ୍ଡାଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ସେହିପରି ୨୦୨୨, ଅକ୍ଟୋବର ୧୯ରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ଉପରେ ହାଇକୋର୍ଟ ମଧ୍ୟ ରହିତାଦେଶ ଜାରି କରିଥିଲେ। ଅନ୍ୟପଟରେ ହାଇକୋର୍ଟଙ୍କ ଏହି ଅନ୍ତରୀଣ ରହିତାଦେଶ ଉଠାଇବା ପାଇଁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିନଥିଲେ।



## ଜଷ୍ଟିସ ଅଜୟ ଖାନୱିଲକର ନୂଆ ଲୋକପାଳ



ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅଜୟ ମାଣିକରାଓ ଖାନୱିଲକର ଲୋକପାଳର ନୂଆ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଜଷ୍ଟିସ ଖାନୱିଲକର ୨୦୨୨ରେ ଅବସରଗ୍ରହଣ କରିଥିଲେ। ରାଷ୍ଟ୍ରପତି ଭବନ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏମ୍‌ଡି ଏରାଡୁ ଏସ୍ ରାଜୀବ ଭିଜିଲାନ୍ସ କମିଶନର ନିଯୁକ୍ତ ହୋଇଛନ୍ତି। ସେହିପରି ଜଷ୍ଟିସ ଲିଙ୍ଗପା ନାରାୟଣ ସ୍ୱାମୀ, ଜଷ୍ଟିସ ସଞ୍ଜୟ ଯାଦବ, ଜଷ୍ଟିସ ରିତୁ ରାଜ ଅବସ୍ଥି, ସୁଶୀଲ ଚନ୍ଦ୍ରା, ପଙ୍କଜ କୁମାର ଏବଂ ଅଜୟ ତିର୍କୀଙ୍କୁ ଲୋକପାଳର ସଦସ୍ୟ ନିଯୁକ୍ତ କରାଯାଇଛି। ଦାୟିତ୍ୱ ଗ୍ରହଣ ଦିନଠାରୁ ତାଙ୍କ କାର୍ଯ୍ୟକାଳ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କମିଟି ଏହି ନିଯୁକ୍ତି ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥାନ୍ତି। ଅଧ୍ୟକ୍ଷଙ୍କୁ ଛାଡ଼ି ଲୋକପାଳରେ ୪ ଜଣ ନ୍ୟାୟିକ ଏବଂ ସମାନ ସଂଖ୍ୟକ ଅଣ-ନ୍ୟାୟିକ ସଦସ୍ୟ ରହିପାରିବେ।

## ସ୍ୱାମୀଙ୍କ ହୃଦ୍‌ଘାତ ପରେ ସ୍ତ୍ରୀଙ୍କ ଆତ୍ମହତ୍ୟା



ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ବିବାହର ୩ ମାସ ଭିତରେ ନବ ଦମ୍ପତିଙ୍କ ସୁନାର ସଂସାର ଉଜୁଡ଼ି ଯାଇଛି। ହୃଦ୍‌ଘାତରେ ୨୫ ବର୍ଷୀୟ ସ୍ୱାମୀଙ୍କ ମୃତ୍ୟୁର ୨୪ ଘଣ୍ଟା ଭିତରେ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ଉତ୍ତରପ୍ରଦେଶ ଗାଜିଆବାଦର ବୈଶାଳୀରେ ଏହି ଘଟଣା ଘଟିଛି। ଗତ ନଭେମ୍ବର ୩୦ରେ ଅଭିଷେକ ଆଲୁୱାଲି ଏବଂ ଅଞ୍ଜଳୀଙ୍କ ବିବାହ ହୋଇଥିଲା। ସୋମବାର ଉଭୟେ ଏକ ଚିଡ଼ିଆଖାନାକୁ ବୁଲି ଯାଇଥିଲେ। ବୁଲିବା ସମୟରେ ଅଭିଷେକଙ୍କ ଛାତି ଯନ୍ତ୍ରଣା ହୋଇଥିଲା। ଅଞ୍ଜଳୀ ସାଙ୍ଗଙ୍କୁ ଡାକି ଅଭିଷେକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ବହୁ ପ୍ରୟାସ ସତ୍ତ୍ୱେ ଡାକ୍ତର ତାଙ୍କ ଜୀବନ ବଞ୍ଚାଇ ପାରି ନ ଥିଲେ। ପରେ ରାତି ୯ଟାରେ ବୈଶାଳୀ ସ୍ଥିତ ବାସଭବନକୁ ମୃତଦେହ ନିଆଯାଇଥିଲା। ତେବେ ସ୍ୱାମୀଙ୍କ ମୃତ୍ୟୁ ଅଞ୍ଜଳୀଙ୍କୁ ଗଭୀର ଆଘାତ ଦେଇଥିଲା। ସେ ଏହା ସହି ନ ପାରି ସପ୍ତମ ମହଲାରେ ଥିବା ଘରର ବାଲକୋନୀରୁ ଡେଇଁ ଆତ୍ମହତ୍ୟା କରିଥିଲେ।

## କେଜ୍ରିୱାଲଙ୍କୁ ଇଡିର ଅଷ୍ଟମ ସମନ



ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ମଦ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମଙ୍ଗଳବାର ଅଷ୍ଟମ ସମନ ଜାରି କରିଛି। ଏହା ପୂର୍ବରୁ ଏଜେନ୍ସି ତାଙ୍କୁ ୭ ଥର ସମନ ପଠାଇ ସାରିଲାଣି। ମାତ୍ର କୌଣସି ନା କୌଣସି କାରଣ ଦର୍ଶାଇ କେଜ୍ରିୱାଲ ସମନକୁ ଏଡ଼ାଇ ଚାଲିଛନ୍ତି। ନୂଆ ସମନ ତାଙ୍କ ସମସ୍ୟାକୁ ବଢ଼ାଇ ଦେଇଛି। ତାଙ୍କ ମୁଣ୍ଡ ଉପରେ ଗିରଫ ଖଣ୍ଡା ଝୁଲୁଛି। ଲୋକସଭା ନିର୍ବାଚନ ପୂର୍ବରୁ ଯେକୌଣସି ସମୟରେ ତାଙ୍କୁ ଗିରଫ କରାଯାଇପାରେ ବୋଲି କୁହାଯାଉଛି। ପୂର୍ବରୁ କେଜ୍ରିୱାଲ କହିଥିଲେ ଯେ କୋର୍ଟ ନିର୍ଦ୍ଦେଶ ଦେଲେ ସେ ଏଜେନ୍ସି ନିକଟରେ ହାଜର ହେବେ। ସମନ ସତ୍ତ୍ୱେ କେଜ୍ରିୱାଲଙ୍କ ଅନୁପସ୍ଥିତିକୁ ନେଇ ଇଡି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହା ଉପରେ କୋର୍ଟ ମାର୍ଚ୍ଚ ୧୬ ସୁଦ୍ଧା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ।

## ବୟସ୍କ ସାଂସଦଙ୍କ ପରଲୋକ

ମୋରାଦାବାଦ, ୨୭ ।୨ (ଏଜେନ୍ସି): ପାର୍ଲାମେଣ୍ଟର ସବୁଠାରୁ ବୟସ୍କ ତଥା ବରିଷ୍ଠତମ ସାଂସଦ ସାଫିକୁର ରହମାନ ବର୍କଙ୍କ ଆଜି ଏଠାକାର ଏକ ଘରୋଇ



ହସପିଟାଲରେ ପରଲୋକ ଘଟିଛି। ସମାଜବାଦୀ ପାର୍ଟିର ଏହି ସାଂସଦଙ୍କୁ ୯୪ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ରୋଗଗ୍ରସ୍ତ ଥାଇ ଚିକିତ୍ସିତ ହେଉଥିଲେ। ସେ ଉତ୍ତରପ୍ରଦେଶର ସମ୍ବଲ ଲୋକସଭା ଆସନରୁ ଆଗରୁ ୪ଥର ଓ ୨୦୧୯ରେ ଶେଷ ଥର-ଏହିଭଳି ୫ଥର ସଂସଦକୁ ନିର୍ବାଚିତ ହୋଇଥିଲେ। ସଂସଦକୁ ଆସିବା ପୂର୍ବରୁ ସେ ୪ଥର ଉତ୍ତରପ୍ରଦେଶ ବିଧାନସଭକୁ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଶୋକବ୍ୟକ୍ତ କରିଛନ୍ତି।

## ଦିଲ୍ଲୀ, ହରିୟାଣା ପାଇଁ ପ୍ରାର୍ଥୀ ଘୋଷଣା କଲା ଆପ୍

ନୂଆଦିଲ୍ଲୀ, ୨୭ ।୨(ଏଜେନ୍ସି): ଆମ ଆଦମୀ ପାର୍ଟି(ଆପ୍) ମଙ୍ଗଳବାର ଦିଲ୍ଲୀ ଓ ହରିୟାଣା ପାଇଁ ୫ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। କଂଗ୍ରେସ ସହ ଆସନ ବୁଝାମଣା ପରେ ଆପ୍ କୋଣ୍ଡଲିର ଏଏପି ବିଧାୟକ କୁଲଦୀପ କୁମାରଙ୍କୁ ପୂର୍ବଦିଲ୍ଲୀ, ମାଲବ୍ୟ ନଗର ବିଧାୟକ ସୋମନାଥ ଭାରତୀଙ୍କୁ ନୂଆଦିଲ୍ଲୀ, ମହାବଳ ମିଶ୍ରାଙ୍କୁ ପଶ୍ଚିମ ଦିଲ୍ଲୀ ଆସନରୁ ଏବଂ ଦକ୍ଷିଣ ଦିଲ୍ଲୀ ଆସନ ପାଇଁ ସାହି ରାମ ପହଲବାନଙ୍କୁ ପ୍ରାର୍ଥୀ କରିଛି। ସେହିଭଳି ହରିୟାଣାର ୧୦ ଲୋକସଭା ଆସନରୁ କଂଗ୍ରେସ ୯ଟିରେ ଓ ଆପ୍ ଗୋଟିଏ ଆସନ କୁରୁକ୍ଷେତ୍ରରୁ ଲଢ଼ିବ। ଏହି ଆସନ ପାଇଁ ପୂର୍ବତନ ରାଜ୍ୟସଭା ସାଂସଦ ସୁଶୀଲ ଗୁପ୍ତାଙ୍କୁ ପ୍ରାର୍ଥୀ କରିଛି।

## ଶାହଜାହାଁ ଶେଖ୍‌ର ଘନିଷ୍ଠ ଗିରଫ

କୋଲକାତା, ୨୭।୨ (ଏଜେନ୍ସି): ପଶ୍ଚିମବଙ୍ଗ ସନ୍ଦେଶଖାଲିରୁ ପୁଲିସ ଫେରାର ଥିବା ଶାହଜାହାଁ ଶେଖ୍‌ର ଘନିଷ୍ଠ ଟିଏମ୍‌ସି ନେତା ଅଜିତ ମୈତିଙ୍କୁ ଗିରଫ କରିଛି। ତା ବିରୋଧରେ ଜମି ହଡ଼ପ ଅଭିଯୋଗ ରହିଛି। ଗତ ୨୩ ତାରିଖରେ ଲୋକେ ଅଜିତର ଘର ଉପରେ ଆକ୍ରମଣ କରି ତାକୁ ଚପଲରେ ବାଡ଼େଇ ଥିଲେ। ଏହା ମଧ୍ୟରେ ପୁଲିସ ଶାହଜାହାଁ ଭାଇ ସିରାଜୁଦ୍ଦିନ ବିରୋଧରେ ଜମି ହଡ଼ପ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ବାରାସତର ଗୁମାହ-୧ ପଞ୍ଚାୟତର ଉପ-ମୁଖ୍ୟ ବିଜୟ ଦାସଙ୍କୁ ସୋମବାର ହତ୍ୟାର କରାଯାଇଛି। ଘର ବାହାରେ ବୁଲୁଥିବାବେଳେ ତାଙ୍କ ଉପରେ ଗୁଳିମାଡ଼ କରାଯାଇଥିଲା। ସେହିପରି ସନ୍ଦେଶଖାଲି ବେଡ଼ମଜୁରର ହାଲଦାର ଆଡ଼ିଙ୍କ ଗୋଦାମରେ ଲୋକେ ନିଆଁ ଲଗାଇ ଦେଇଛନ୍ତି ଏବଂ ଶଙ୍କର ସର୍ଦାର ଘରେ ଭଙ୍ଗାରୁଜା କରିଛନ୍ତି।

## ଉଦ୍‌ଘାଟନର ଦିନକ ପରେ ଭାଙ୍ଗିଲା ଭାସମାନ ପୋଲ

ବିଶାଖାପାଟଣା, ୨୭।୨ (ଏଜେନ୍ସି): ବିଶାଖାପାଟଣାର ଆରକେ ବେଳାଭୂମିରେ ନିର୍ମିତ ଭାସମାନ ପୋଲ ଉଦ୍‌ଘାଟନର ୨୪ ଘଣ୍ଟା ମଧ୍ୟରେ ଭାଙ୍ଗି ଯାଇଛି। ୬୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପୋଲ ନିର୍ମାଣ କରାଯାଇଥିଲା। ରବିବାର କ୍ଷମତାସୀନ ଦଳ ୱାଇଏସଆରର ରାଜ୍ୟସଭା ସାଂସଦ ୱାଇ ଭି ଶୁବା ରେଡ୍ଡୀ ରବିବାର ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ପରିଦିନ ପର୍ଯ୍ୟଟକ ଭାସମାନ ପୋଲରେ ଚଢ଼ିବା ପରେ ଏହାର ଏକ ଅଂଶ ଅଲଗା ହୋଇ ସମୁଦ୍ର ଭିତରକୁ ପଳାଇ ଥିଲା।

## ମରାଠା ସଂରକ୍ଷଣ ଆନ୍ଦୋଳନର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ

ମୁମ୍ବାଇ, ୨୭।୨ (ଏଜେନ୍ସି): ମରାଠା ସଂରକ୍ଷଣକୁ ନେଇ ମହାରାଷ୍ଟ୍ରରେ ଚାଲୁଥିବା ଆନ୍ଦୋଳନର ଏସ୍‌ଆଇଟି ଯାଞ୍ଚ କରାଯିବ। ମଙ୍ଗଳବାର ବାଚସ୍ପତି ରାହୁଲ ନାର୍ବେକର ଏସଆଇଟି ଗଠନ ନିର୍ଦ୍ଦେଶ ଦେଇଛନ୍ତି। ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଲୋକ ହିଂସାପୂର୍ଣ୍ଣ ବୟାନ ଦିଅନ୍ତି ନାହିଁ। ଏହି ହିଂସାର କିଏ ସାମିଲ ଅଛନ୍ତି ତାହା ଜାଣିବା ଏହି ତଦନ୍ତ କରାଯିବ ବୋଲି କହିଥିଲେ। ଆନ୍ଦୋଳନର ନେତୃତ୍ୱ ନେଉଥିବା ମନୋଜ ଜରାଙ୍ଗେ ଉପ-ମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ନେତାଙ୍କ ଉପରେ ଅଭିଯୋଗ ଲଗାଇ ଥିଲେ। ସେମାନେ ସଂରକ୍ଷଣ ନ ଦେବାକୁ ପ୍ରୟାସ କରୁଛନ୍ତି।

### ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ

# ହିମାଚଳ ସରକାର ଉପରେ ସଂକଟ

**୯ କଂଗ୍ରେସ ବିଧାୟକଙ୍କ ସମର୍ଥନରେ ବିଜେପି ପ୍ରାର୍ଥୀ ବିଜୟୀ**

**ରାଜ୍ୟରେ ସରକାର ଗଠନ ଦାବିକଲେ ବିରୋଧୀ ନେତା**

**ଉତ୍ତରପ୍ରଦେଶ, କର୍ଣ୍ଣାଟକରେ ବି ବିଜେପି ସପକ୍ଷରେ କ୍ରସ୍ ଭୋଟିଂ**

ସିମଳା,୨୭।୨(ଏଜେନ୍ସି):

୩ଟି ରାଜ୍ୟରେ ୧୫ ରାଜ୍ୟସଭା ସଦସ୍ୟ ପାଇଁ ମଙ୍ଗଳବାର ମତଦାନ ହୋଇଛି। ରାଜ୍ୟସଭାରେ ଖାଲି ପଡ଼ିଥିବା ମୋଟ ୫୬ ଆସନ ମଧ୍ୟରୁ ପୂର୍ବରୁ ୪୧ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ।ବାକି ୧୫ ଆସନ ପାଇଁ କର୍ଣ୍ଣାଟକ, ହିମାଚଳ ପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ମତଦାନ କରାଯାଇଥିଲା। ତେବେ ହିମାଚଳ ପ୍ରଦେଶରେ ବାଜି ପଲଟାଇ ଦେଇଛି ବିଜେପି। ଏଠାରେ ଗୋଟିଏ ମାତ୍ର ରାଜ୍ୟସଭା ଆସନ ପାଇଁ ମତଦାନ କରାଯାଇଥିଲା ବେଳେ କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ତଥା ସୁପ୍ରିମକୋର୍ଟ ଆଇନଜୀବୀ ଅଭିଷେକ ମନୁସିଂଘଭିଙ୍କୁ ପ୍ରାର୍ଥୀ କରାଯାଇଥିଲା। ସେପଟେ ବିରୋଧୀ ବିଜେପି ହର୍ଷ ମହାଜନଙ୍କୁ ପ୍ରାର୍ଥୀ କରିଥିଲା। କିନ୍ତୁ ଏହି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅଭିଷେକ ମନୁସିଂଘଭିଙ୍କ ବିଜୟ ଏକପ୍ରକାର ନିଶ୍ଚିତ ଥିଲା। କାରଣ ୬୮ ଆସନ ବିଶିଷ୍ଟ ହିମାଚଳ ପ୍ରଦେଶର ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୪୦ ରହିଥିଲା ବେଳେ ବିଜେପି ବିଧାୟକଙ୍କ ସଂଖ୍ୟା ୨୫ ରହିଥିଲା। ତେଣୁ କଂଗ୍ରେସ ପ୍ରାର୍ଥଙ୍କ ବିଜୟ ସୁନିଶ୍ଚିତ ହୋଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ଖେଳ ବଦଳି ଯାଇଛି। କଂଗ୍ରେସର ୯ ବିଧାୟକ ବିଜେପି ସପକ୍ଷରେ କ୍ରସ୍ ଭୋଟିଂ କରିଥିବାରୁ ବିଜେପି ପ୍ରାର୍ଥୀ ହର୍ଷ ମହାଜନ ବିଜୟୀ ହୋଇଛନ୍ତି। ଯାହାକି କଦାଚିତ ସମ୍ଭବ ନଥିଲା। କେବଳ ଏହି ୯ ବିଧାୟକ ନୁହନ୍ତି, କଂଗ୍ରେସର ଆଉ ଜଣେ ବିଧାୟକ ଅସୁସ୍ଥ ହେବା ନାଁରେ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯାଇ ମତଦାନ ବେଳେ ଫେରି ନଥିବା କୁହାଯାଇଛି। ଏଭଳି ସ୍ଥିତିରେ ରାଜ୍ୟରେ ରାଜନୈତିକ ସଙ୍କଟ ଆରମ୍ଭ ହୋଇଛି। ବିଜେପି ପ୍ରାର୍ଥୀ ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁକ୍ଖୁ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ବିରୋଧୀ ଦଳ ନେତା ଜୟରାମ ଠାକୁର ଦାବି





କରିଛନ୍ତି। ଖୁବ କମ୍ ଦିନ ମଧ୍ୟରେ ଆମେ ସରକାର ଗଢିବୁ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ନିର୍ବାଚନରେ କଂଗ୍ରେସ ଏଠାରେ ବିଜୟୀ ହୋଇ ସରକାର ଗଢିବା ପରେ ଦଳ ସୁଖୁବିନ୍ଦର ସିଂ ସୁଖୁଙ୍କୁ ଦଳ ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଏହାକୁ ନେଇ ଦଳରେ ଅସନ୍ତୋଷ ବଢିଥିଲା। କାରଣ ସୁଖୁ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ଅଧିକାଂଶ ବିଧାୟକ ଚାହୁଁ ନଥିଲେ।

ଅନ୍ୟପକ୍ଷରେ ରାଜ୍ୟସଭା ପ୍ରାର୍ଥୀ ଭାବେ ଅଭିଷେକ ମନୁସିଂଘଭିଙ୍କୁ ଦଳ ପ୍ରାର୍ଥୀ କରିବା ପରେ ଦଳୀୟ ଅସନ୍ତୋଷ ଆହୁରି ବଢ଼ିଥିଲା। କାରଣ ହିମାଚଳ ଜଳ ବିଲ୍‌କୁ ନେଇ ରାଜ୍ୟ ସରକାର ଏକ କମ୍ପାନୀକୁ ବିରୋଧ କରିଥିଲା ବେଳେ ସଂପୃକ୍ତ କମ୍ପାନୀ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। କିନ୍ତୁ ଅଭିଷେକ ମନୁସିଂଘଭି ଏହି କମ୍ପାନୀ ପକ୍ଷରୁ ସୁପ୍ରିମକୋର୍ଟରେ ଲଢେଇ କରିଥିଲା ବେଳେ ଏହା କଂଗ୍ରେସ ବିଧାୟକମାନଙ୍କୁ ଆହୁରି ଅତିଷ୍ଠ କରିଥିଲା। ସେ କଂଗ୍ରେସ ନେତା ହୋଇ ବି ଏକ କଂଗ୍ରେସ ଶାସିତ ରାଜ୍ୟ ବିରୋଧରେ ଯାଇଛନ୍ତି ବୋଲି ବହୁ ବିଧାୟକ ମତାମତ ଦେଇଥିଲେ। ତେଣୁ କିଛି ବିଧାୟକଙ୍କ ମଧ୍ୟରେ ପୂର୍ବରୁ ରହିଥିବା ଏହି ଅସନ୍ତୋଷ ଏବେ ରାଜ୍ୟସଭା ନିର୍ବାଚନରେ ପ୍ରତିଫଳିତ ହୋଇଛି ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ ବ୍ୟତୀତ ଉତ୍ତରପ୍ରଦେଶରେ ମଧ୍ୟ କିଛି ସମାଜବାଦୀ ପାର୍ଟି ବିଧାୟକ ବିଜେପି ସପକ୍ଷରେ କ୍ରସ୍ ଭୋଟିଂ କରିଥିବା କୁହାଯାଉଛି। ଏଠାରେ ପଞ୍ଚମଥର ପାଇଁ ଦଳ ଜୟା ବଚ୍ଚନଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଥିବାରୁ ଏହା 'ପିଡିଏ (ପଛୁଆବର୍ଗ, ଦଳିତ ଓ ଅଳ୍ପ ସଂଖ୍ୟକ) ନେତାଙ୍କୁ ଅସନ୍ତୁଷ୍ଟ କରିଥିବା କୁହାଯାଇଛି। ମଙ୍ଗଳବାର ମତଦାନ ହେବାକୁ ରହିଥିଲା ବେଳେ ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଥିଲେ। କିନ୍ତୁ ଏହି ବୈଠକକୁ ୮ ରୁ ୯ ବିଧାୟକ ଆସି ନଥିଲେ। ସେମାନେ ହିଁ ମଙ୍ଗଳବାର କ୍ରସ୍‌ଭୋଟିଂ କରିଥିବା କୁହାଯାଉଛି। ଏଠାରେ ୮ଟି ଆସନରେ ବିଜେପି ବିଜୟୀ ହୋଇଥିବାବେଳେ ସମାଜବାଦୀ ପାର୍ଟି ୨ଟି ଆସନ ଜିତିଛି।

କର୍ଣ୍ଣାଟକରେ କଂଗ୍ରେସ ୩ଟି ଏବଂ ବିଜେପି ଗୋଟିଏ ଆସନରେ ବିଜୟୀ ହୋଇଛି। ଏଠାରେ ମଧ୍ୟ ଜଣେ ବିଜେପି ବିଧାୟକ କଂଗ୍ରେସ ସପକ୍ଷରେ କ୍ରସ୍ ଭୋଟିଂ କରିଥିବା କୁହାଯାଇଛି।

## ନାଗରିକଙ୍କ ମୁକ୍ତି ସର୍ବାଧିକ ଗୁରୁତ୍ୱ ବହନ କରୁଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ନାଗରିଙ୍କ ମୁକ୍ତି ସର୍ବାଧିକ ଗୁରୁତ୍ୱ ବହନ କରେ, ସର୍ବୋଚ୍ଚ ପ୍ରାଥମିକତା ଦାବି କରିଥାଏ। ନାଗରିକଙ୍କ ମୁକ୍ତି ହେଉଛି ସମ୍ବିଧାନର ଆତ୍ମା। ନାଗରିକଙ୍କ ମୁକ୍ତି ସମ୍ପର୍କିତ ମାମଲାର ବିଚାର ଯଥାଶୀଘ୍ର କରା ନ ଗଲେ ନାଗରିକ ସମ୍ବିଧାନର ଧାରା ୨୧ ଅନୁଯାୟୀ ପାଉଥିବା ବିଶେଷ ଅଧିକାରରୁ ବଞ୍ଚିତ ହୋଇଥାଏ। ସୁପ୍ରିମକୋର୍ଟ ଆଜି ଏପରି ମନ୍ତବ୍ୟ ଦେବାସହ କହିଛନ୍ତି ଯେ ବମ୍ବେ ହାଇକୋର୍ଟର କେତେକ ବିଚାରପତି ଜାମିନ ଓ ଆଗୁଆ



ଜାମିନ ଆବେଦନଗୁଡ଼ିକୁ ଯଥାଶୀଘ୍ର ପରଖିବାରେ ଆଗ୍ରହୀ ହୋଇନାହାନ୍ତି। ସୁପ୍ରିମକୋର୍ଟ ବିଚାରପତି ବି ଆର ଗଭାଇ ଓ ବିଚାରପତି ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଛନ୍ତି ଯେ ସେ ହାଇକୋର୍ଟର ଅନ୍ୟ ବିଚାରପତିମାନଙ୍କୁ ଏସମ୍ପର୍କରେ ସଚେତ କରାନ୍ତୁ, ଯେପରିକି ସେମାନେ ଜାମିନ ଓ ଆଗୁଆ ଜାମିନ ଆବେଦନଗୁଡ଼ିକୁ ଯଥାଶୀଘ୍ର ବିଚାର କରି ଆବଶ୍ୟକ ନିଷ୍ପତ୍ତି ନେବେ। ଜେଲରେ ସାଢ଼େସାତ ବର୍ଷ କଟାଇଥିବା ଜଣେ ବିଚାରାଧୀନ ବନ୍ଦୀ ବା ଅଭିଯୁକ୍ତ ବମ୍ବେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ମାମଲାରେ ୩୦ମାର୍ଚ୍ଚ ୨୦୨୩ରେ ହାଇକୋର୍ଟ କହିଥିଲେ, ଅଭିଯୁକ୍ତ ୨୦୨୨ ଏପ୍ରିଲରେ ସମାନ ଆବେଦନ କରିଥିଲେ କିନ୍ତୁ ପରେ ଆବେଦନକୁ ପ୍ରତ୍ୟାହାର କରିନେଇଥିଲେ। ଏବେ ସେ ଚାହିଁଲେ ନିମ୍ନ ଅଦାଲତରେ ଜାମିନ ଆବେଦନ କରିପାରିବେ। ହାଇକୋର୍ଟଙ୍କ ଏହି ଆଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମକୋର୍ଟ ୨୯ ଜାନୁଆରୀ ୨୦୨୪ରେ ହାଇକୋର୍ଟଙ୍କ ମାର୍ଚ୍ଚ ୨୦୨୩ର ଆଦେଶକୁ ରଦ୍ଦ କରି ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଦୁଇ ସପ୍ତାହରେ ଜାମିନ ଆବେଦନର ଯଥାର୍ଥତା ପରଖି ନିଷ୍ପତ୍ତି କରାଯାଉ। ପରେ ହାଇକୋର୍ଟ ଗତ ୧୨ ତାରିଖରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଜାମିନ ମଞ୍ଜୁର କରିଛନ୍ତି।

## ଓଠ ତଳେ ଲେଖିଲେ ପ୍ରେମିକ ନା



ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଟାଟୁ କଳାକାର ଅଭିଷେକ ସାପକଲ ଛାଡ଼ିଥିବା ଏହି ଭିଡିଓକୁ ଯିଏ ଦେଖୁଛି ସିଏ ଆଶ୍ଚର୍ଯ୍ୟ ହେଇଯାଉଛି। ପ୍ରେମ ପାଇଁ ଅନ୍ଧ ଥିବା ଜଣେ ପ୍ରେମିକ ନିଜ ପ୍ରେମିକାର ନାମ 'ଅମୃତା' ଓଠ ତଳେ ଲେଖିଛନ୍ତି। ଏ ପର୍ଯ୍ୟନ୍ତ ଭିଡିଓକୁ ୯ ନିୟୁତ ଲୋକ ଦେଖିଲେଣି। ତେବେ କିଛି ବ୍ୟବହାରକାରୀ ପ୍ରେମିକା ନିଜ ନାମକୁ ଦେଖି ପାରିବେନି କହି ଥଟାପରିହାସ କରିଛନ୍ତି।

## ମୁସେୱାଲାଙ୍କ ମାଆ ପୁଣି ଗର୍ଭବତୀ



ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି): ଦିବଂଗତ ଗୀତିକାର ସିଦ୍ଧୁ ମୁସେୱାଲାଙ୍କ ମାଆ ଚରଣ କୌର(୫୮) ପୁଣିଥରେ ମାଆ ହେବାକୁ ଯାଉଛନ୍ତି। ସେ ଏବେ ଗର୍ଭବତୀ ଅଛନ୍ତି। ଖୁବଶୀଘ୍ର ମୁସେୱାଲାଙ୍କ ପରିବାର ଘରକୁ ନୂଆ ଅତିଥିଙ୍କୁ ସ୍ୱାଗତ କରିବେ। ଆଇଭିଏଫ୍ ମାଧ୍ୟମରେ ସିଦ୍ଧୁ ମୁସେୱାଲାଙ୍କ ମାଆ ଗର୍ଭବତୀ ହୋଇଛନ୍ତି। ସେ ମାର୍ଚ୍ଚରେ ସନ୍ତାନ ଜନ୍ମ କରିବେ।

### ଗଗନଯାନ ଅଭିଯାନ: ୪ ମହାକାଶଚାରୀଙ୍କ ନାମ ଘୋଷଣା କଲେ ପ୍ରଧାନମନ୍ତ୍ରୀ

# ମହାକାଶକୁ ଯିବେ ୩ ଗ୍ରୁପ୍ କ୍ୟାପ୍ଟେନ, ଜଣେ ୱିଙ୍ଗ କମାଣ୍ଡର

ତିରୁଅନନ୍ତପୁରମ, ୨୭।୨ (ଏଜେନ୍ସି):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଥୁମ୍ବାଠାରେ ଥିବା ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର(ଭିଏସଏସସି)ରେ ପହଞ୍ଚି ଗଗନଯାନ ହ୍ୟୁମାନ୍ ସ୍ପେସ୍ ଫ୍ଲାଇଟ୍ ମିଶନର ପ୍ରସ୍ତୁତି ଓ ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହା ସହିତ ସେ ଗଗନଯାନର ୪ ମହାକାଶଚାରୀଙ୍କ ନାମ

> **ମହିଳା ବୈଜ୍ଞାନିକଙ୍କ ବିନା କୌଣସି ଅଭିଯାନର କଳ୍ପନା କରାଯାଇପାରିବ ନାହିଁ**

ଘୋଷଣା କରିଛନ୍ତି। ଭାରତୀୟ ବାୟୁସେନାର ଏହି ୪ ଜଣ ପାଇଲଟ ହେଲେ ଗ୍ରୁପ୍ କ୍ୟାପଟେନ୍ ଭି ବାଲକ୍ରିଷ୍ଣନ୍ ନାୟାର (କେରଳ), ଗ୍ରୁପ୍ କ୍ୟାପଟେନ୍ ଅଜିତ କ୍ରିଷ୍ଣନ୍ (ତାମିଲନାଡୁ), ଗ୍ରୁପ୍ କ୍ୟାପଟେନ୍ ଅଙ୍ଗଦ ପ୍ରତାପ (ଉତ୍ତରପ୍ରଦେଶ) ଓ ୱିଙ୍ଗ କମାଣ୍ଡର ଏସ ଶୁକ୍ଲା (ଉତ୍ତରପ୍ରଦେଶ)। ପ୍ରଧାନମନ୍ତ୍ରୀ ମୋଦୀ ମହାକାଶ ଯାତ୍ରା ପାଇଁ ରୁଷ ଓ ଭାରତର ବିଭିନ୍ନ ସ୍ପେସ ଫାସିଲିଟିରେ ତାଲିମପ୍ରାପ୍ତ ଏହି ୪ ମହାକାଶଚାରୀଙ୍କୁ ଆଷ୍ଟ୍ରୋନାଟ ୱିଙ୍ଗ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଭାରତ ପ୍ରଥମ ଥର ପାଇଁ



ମହାକାଶକୁ ନିଜସ୍ୱ ଜ୍ଞାନକୌଶଳରେ ମାନବ ପ୍ରେରଣ କରିବାକୁ ଯାଉଛି। ତାଲିମପ୍ରାପ୍ତ ଏହି ୪ ମହାକାଶଚାରୀ ଭାରତର ଗୌରବ। ଏମାନେ କେବଳ ୪ ମନୁଷ୍ୟ ନୁହଁନ୍ତି, ବରଂ ୪ ଶକ୍ତି ମଧ୍ୟ। ଏହି ମହାକାଶଚାରୀ ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷାକୁ ମହାକାଶକୁ ନେଇଯିବେ। ୪୦ ବର୍ଷ ପରେ କୌଣସି ଭାରତୀୟ ମହାକାଶ ଯାତ୍ରା କରିବେ। ମାତ୍ର ଚଳିତ ଥର ସବୁ କିଛି ଆମର। ପ୍ରକ୍ଷେପଣ ମଞ୍ଚ(ଲଞ୍ଚପ୍ୟାଡ୍), ରକେଟ ଓ ଅବଗଣନା(କାଉଣ୍ଟ ଡାଉନ୍) ସବୁ ଆମର, ସବୁ ଭାରତ ନିର୍ମିତ।' ଏହି ଯାନର ଅଧିକାଂଶ ଉପକରଣ ଭାରତରେ ପ୍ରସ୍ତୁତ। ୨୦୩୫ ସୁଦ୍ଧା ଭାରତ ମହାକାଶରେ ନିଜର ସ୍ପେସ୍ ଷ୍ଟେସନ ବନାଇବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ସାହାଯ୍ୟରେ ଭାରତ ମହାକାଶ ଉପରେ ଅଧ୍ୟୟନ କରିବ। ନିଜ ରକେଟରେ ବସି ଭାରତୀୟ ମହାକାଶଚାରୀ ଚନ୍ଦ୍ରରେ ଅବତରଣ କରିବେ। ଭାରତ ନିଜ ସାମର୍ଥ୍ୟରେ ସାରା ବିଶ୍ୱକୁ ଚମକାଇ ଦେଇଛି। ଗତ ୧୦ ବର୍ଷରେ ୪୦୦ ଉପଗ୍ରହ ଉତ୍କ୍ଷେପଣ କରାଯାଇଛି। ମହାକାଶ କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ମହିଳା ବୈଜ୍ଞାନିକଙ୍କ ବିନା କୌଣସି ଅଭିଯାନର କଳ୍ପନା କରାଯାଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ସାଙ୍ଗରେ କେରଳ ରାଜ୍ୟପାଳ ଆରିଫ ମହମ୍ମଦ, ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ, କେନ୍ଦ୍ର ମନ୍ତ୍ରୀ ମୁରଲୀଧରନ୍ ଓ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ଅଧ୍ୟକ୍ଷ ଏସ ସୋମନାଥ ମଧ୍ୟ 'ଭିଏସଏସସି'କୁ ଯାଇଥିଲେ। ଆଜି ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରୋର ୩ଟି ଗୁରୁତ୍ୱପୂର୍ଣ୍ଣ ମହାକାଶ ଇନଫ୍ରା-ଟେକ୍ନିକାଲ୍ ପ୍ରକଳ୍ପ ଉଦଘାଟନ କରିଛନ୍ତି। ସେଗୁଡ଼ିକ ହେଲା, ଶ୍ରୀହରିକୋଟାରେ ଥିବା ସତୀଶ ଧାୱନ ସ୍ପେସ ରିସର୍ଚ୍ଚ ସେଣ୍ଟରର ପିଏସଏଲଭି ଇଣ୍ଟିଗ୍ରେସନ୍ ଫାସିଲିଟି, ଇସ୍ରୋର ମହେନ୍ଦ୍ରଗିରିରେ ଥିବା ପ୍ରପଲସନ୍ କମ୍ପ୍ଲେକ୍ସର ସେମିକ୍ରାୟୋଜେନିକସ ଇଣ୍ଟିଗ୍ରେଟେଡ ଇଞ୍ଜିନ ଆଣ୍ଡ ଷ୍ଟେଜ ଟେଷ୍ଟ ଫାସିଲିଟି ଓ ଥୁମ୍ବାଠାରେ ଥିବା ଭିଏସଏସସି'ର ଟ୍ରାଇସୋନିକ୍ ୱିଣ୍ଡ ଟନେଲ। ଏହି ୩ଟି ମହାକାଶ ପ୍ରକଳ୍ପରେ ମୋଟ ୧୮୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

## ୪ ମହାକାଶଚାରୀଙ୍କ ବିଷୟରେ କିଛି...

ମହାକାଶକୁ ଯିବାକୁ ଥିବା ୪ ମହାକାଶଚାରୀ ବେଙ୍ଗାଲୁରୁ ସ୍ଥିତ ବାୟୁସେନାର ଏୟାରକ୍ରାଫ୍ଟ ଆଣ୍ଡ ସିଷ୍ଟମ ଟେଷ୍ଟିଂ ଏଷ୍ଟାବ୍ଲିସମେଣ୍ଟର ଟେଷ୍ଟ ପାଇଲଟ। ମହାକାଶଚାରୀ ହେବା ପାଇଁ ଅନେକ ପାଇଲଟ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ୧୨ ଜଣ ୨୦୧୯ ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇଥିଲେ। ବିଭିନ୍ନ ପରୀକ୍ଷାନିରୀକ୍ଷା ପରେ ଶେଷରେ ୪ ଜଣଙ୍କୁ ବଛା ଯାଇଥିଲା। ୨୦୨୦ ଫେବୃଆରୀରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ଏହି ୪ ଜଣ ରୁଷ୍ର ୟୁରି ଗାଗାରିନ କସ୍ମୋନଟ ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ ନେଇଥିଲେ। ଏମାନଙ୍କ ମଧ୍ୟରୁ ଜଣଙ୍କୁ ନାସା ପ୍ରଶିକ୍ଷଣ ଦେବ ବୋଲି କୁହାଯାଉଛି। ତେବେ ଅଭିଯାନରେ ମହିଳା ମହାକାଶଚାରୀ ସାମିଲ ନ ଥିବାରୁ ଅନେକ ପ୍ରଶ୍ନ ଉଠୁଛି। ସେ ସମୟରେ ଦେଶରେ କୌଣସି ମହିଳା ଟେଷ୍ଟ ପାଇଲଟ ନ ଥିଲେ। ଏହି ପାଇଲଟ ବିମାନ ଉଡ଼ାଇବାରେ ଅଭିଜ୍ଞ ହୋଇଥାନ୍ତି। ଏମାନଙ୍କୁ ବାୟୁସେନାର ସର୍ବଶ୍ରେଷ୍ଠ ପାଇଲଟ କୁହାଯାଇଥାଏ। ତେଣୁ ଗଗନଯାନ ପାଇଁ କୌଣସି ମହିଳା ମହାକାଶଚାରୀଙ୍କୁ ଚୟନ କରାଯାଇ ନ ଥିଲା।

# ଓସିଏମ୍‌ଆର୍ ଅଧ୍ୟକ୍ଷଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

**କଟକ, ୨୭ ।୨(ସମିସ):** ଜାଲ୍ ଏମ୍‌ବିବିଏସ ଡିଗ୍ରୀ ପ୍ରମାଣପତ୍ର ବଳରେ ଡାକ୍ତର ନିଯୁକ୍ତି ପାଇବା ଏବଂ ଉପଯୁକ୍ତ ଡିଗ୍ରୀ ନଥାଇ ନକଲି ଡାକ୍ତର ରୋଗୀ ସେବା ଚଳାଇବା ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱ ପ୍ରଦାନ କରି ଶୁଣାଣି କରୁଛନ୍ତି। ରାଜ୍ୟରେ ଜାଲ ଡିଗ୍ରୀଧାରୀ ଡାକ୍ତରଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହୋଇଛି କି ନାହିଁ ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**ନକଲି ଡାକ୍ତରଙ୍କ ବିରୋଧରେ ଫୌଜଦାରୀ ମାମଲା ହୋଇଛି କି ନାହିଁ ଜଣାଅ: ହାଇକୋର୍ଟ**

ସେହିପରି ଓଡ଼ିଶା କାଉନସିଲ ଅଫ ମେଡିକାଲ ରେଜିଷ୍ଟ୍ରେସନ(ଓସିଏମ୍‌ଆର)ର ଅଧ୍ୟକ୍ଷ ବ୍ୟକ୍ତିଗତ ଭାବେ ହାଜର ହେବେ। ନକଲି ଡାକ୍ତରଙ୍କ ରୋଗୀସେବା ଦ୍ୱାରା ସମାଜ କିଭଳି ସମସ୍ୟାର ସମ୍ମୁଖୀନ ହେଉଛି ଓ ଏହାର ସମାଧାନ ପ୍ରସଙ୍ଗରେ ନିଜର ମତାମତ ରଖିବାକୁ କହିଛନ୍ତି ହାଇକୋର୍ଟ। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରୁଜୁ ଏହି ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ୍.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପଟେ ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସତ୍ୟପାଠ ଦିଆଯାଇଥିଲା। ଯେଉଁଥିରେ ସମସ୍ତ ପଞ୍ଜିକୃତ ସରକାରୀ ଓ ବେସରକାରୀ ଡାକ୍ତରଙ୍କ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ବିଶେଷକରି ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ପଞ୍ଜିକରଣ ପ୍ରମାଣପତ୍ରକୁ ଯାଞ୍ଚ କରାଯାଇଛି ବୋଲି ଉଲ୍ଲେଖ କରାଯାଇଥିଲା। କାଉନସିଲ ଅଫ ମେଡିକାଲ ରେଜିଷ୍ଟ୍ରେସନ ଓଡ଼ିଶା ପକ୍ଷରୁ ଗତ ୨୦୨୨ଜୁନ୧୯ପର୍ଯ୍ୟନ୍ତ ମାନୁଆଲ ରେଜିଷ୍ଟ୍ରେସନ ହେଉଥିବା ବେଳେ ଏହା ପରଠାରୁ ଡାକ୍ତରମାନଙ୍କର ଅନଲାଇନରେ ରେଜିଷ୍ଟ୍ରେସନ କରାଯାଉଥିବା ସତ୍ୟପାଠରେ କୁହାଯାଇଛି। ତେବେ ରାଜ୍ୟର ଭିନ୍ନ ସ୍ଥାନରେ ନିଜକୁ ଡାକ୍ତର ବୋଲାଇ କ୍ୱାକ ଓ କେତେକ ବିନା ଡିଗ୍ରୀଧାରୀ ବ୍ୟକ୍ତି ଏଲୋପାଥି ଓ ହୋମିଓପାଥି ଚିକିତ୍ସା ଚଳାଇଆସୁଥିବା ଅଭିଯୋଗକୁ ଦର୍ଶାଇଥିଲେ। ସେହିପରି ଏଥିପାଇଁ ସମସ୍ତ ଡାକ୍ତରଙ୍କ ଅନଲାଇନ ଡାଟାବେସ୍ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ ଅଦାଲତକୁ ଜଣାଇଥିଲେ।

ମାମଲାରୁ ପ୍ରକାଶ ଯେ ଜାଲ୍ ଏମବିବିଏସ ଡିଗ୍ରୀ ପ୍ରମାଣପତ୍ର ଦେଇ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ପିଏଚ୍‌ସିରେ ଜଣେ ବ୍ୟକ୍ତି ଡାକ୍ତର ନିଯୁକ୍ତି ପାଇଥିଲେ। ବୁର୍ଲା ମେଡିକାଲ କଲେଜ ଓ ହସପିଟାଲରୁ ଏମ୍‌ବିବିଏସ୍ ପାସ୍‌କରିଥିବା ନେଇ ସେ ଜାଲ ପ୍ରମାଣପତ୍ର ଦେଇଥିଲେ। ସୁନ୍ଦରଗଡ଼ ଟାଉନ୍ ପୁଲିସ ତାଙ୍କୁ ଗିରଫ କରିଥିଲା। ହାଇକୋର୍ଟରେ ଏହି ମାମଲା ପହଞ୍ଚିବା ପରେ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ତଦନ୍ତ କରି ରିପୋର୍ଟ ଦେଇଥିଲା। ଏହାପରେ ଅଦାଲତ ସମଗ୍ର ରାଜ୍ୟରେ ଯାଞ୍ଚ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ।

■ ଲିଙ୍ଗରାଜ ମନ୍ଦିର ସନ୍ନିକଟ ଧର୍ମଶାଳା ଓ ଜମିର ବେଆଇନ ବିକ୍ରି ଅଭିଯୋଗ ପ୍ରସଙ୍ଗ

# ମାମଲାରେ ହାଇକୋର୍ଟଙ୍କ ପୂର୍ଣ୍ଣଚ୍ଛେଦ

**କଟକ,୨୭ ।୨(ସମିସ):** ଲିଙ୍ଗରାଜ ମନ୍ଦିର ସନ୍ନିକଟ ଏକ ଧର୍ମଶାଳା ଓ ଏହାର ଜମିକୁ ବେଆଇନ ଭାବେ ବିକ୍ରି କରାଯାଉଥିବା ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ । ଏହି ଧର୍ମଶାଳା ଏକ ପବ୍ଲିକ ଟ୍ରଷ୍ଟର ହୋଇଥିବାରୁ ସେବେ ଏହାର ସେଲ୍ ଡିଡ ବୈଧତାରେ ଭାରତୀୟ ସମ୍ବିଧାନର ଧାରା ୨୨୬ ଅନ୍ତର୍ଗତ ରିଟ୍ କୋର୍ଟ ହସ୍ତକ୍ଷେପ କରିବା ଉପଯୁକ୍ତ ହେବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଗନ୍ନାଥ ବସ୍ତିଆଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଚାହିଁଲେ ଏହି ଅଭିଯୋଗ ନେଇ ଅନ୍ୟ ଉପଯୁକ୍ତ ଫୋରମର ଦ୍ୱାରସ୍ଥ ହୋଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି । ମାମଲାରୁ ପ୍ରକାଶ ଯେ ରାୟ ବାହାଦୁର ହାଜାରିମୁଲ ଦୁଦୁୱାଲା ଧର୍ମଶାଳା ଏବଂ ଏହାର ଜମି ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟରେ ଅବସ୍ଥିତ। ଭୁବନେଶ୍ୱରର ଗୌତମନଗର ଅଞ୍ଚଳରେ ଥିବା ଜମି ଓ ଧର୍ମଶାଳାକୁ ଗତ ୨୦୨୦ ଡିସେମ୍ବର୨୯ରେ ବେଆଇନ ବିକ୍ରି ପଞ୍ଜୀକରଣ କରାଯାଇଛି। ଉକ୍ତ ନିର୍ମାଣ ଏବଂ ଜମି ଧାର୍ମିକ ତଥା ପରୋପକାରୀ କାର୍ଯ୍ୟ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି। ବିଶେଷ ଭାବରେ ଭୁବନେଶ୍ୱରରେ ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀ, ପର୍ଯ୍ୟଟକ, ଭକ୍ତ ଏବଂ ଯାତ୍ରୀଙ୍କ ରହଣି ସୁବିଧା ପାଇଁ ଏହା କରାଯାଇଥିଲା ବେଳେ ଏହାର ବେଆଇନ ବିକ୍ରି ଦ୍ୱାରା ଶ୍ରଦ୍ଧାଳୁ ମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଦର୍ଶାଇଥିଲେ ଆବେଦନକାରୀ।

**ଉତ୍ପାଦ ସ୍ଥଳରେ ଅନାଦର; ପଡ଼ିଶାରେ ଆଦର**

# କୋରାପୁଟ କଷି ପଣସକୁ ମିଳୁନି ଉଚିତ ମୂଲ୍ୟ

**କୋରାପୁଟ,୨୭ ।୨(ସମିସ):** ଶାକାହାରୀଙ୍କ ପାଇଁ ମାଂସର ଭ୍ରମ ସୃଷ୍ଟି କରୁଥିବା ଓ ପୁଷ୍ଟି ପୋଷକତତ୍ତ୍ୱଭରା କୋରାପୁଟ୍‌ର କଷି ପଣସର ସ୍ୱାଦ ନିଆରା। ଜିଲ୍ଲାର ପ୍ରାୟ ପ୍ରତ୍ୟେକ ଘରେ ପଣସରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି ସହ ଲୋକମାନେ ଏହାକୁ ଖାଇବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ମାତ୍ର ବିଡ଼ମ୍ବନାର ବିଷୟ, ସେହି କଷି ପଣସକୁ ନା ମିଳୁଛି ଉଚିତ ବଜାର ନା ମୂଲ୍ୟ। ଏହି କଷି ପଣସ ଗଛରୁ ସଂଗ୍ରହ ପରେ ରାସ୍ତାକଡ଼ରେ ବଜାର ଖୋଲୁଛି। ଯୁବଗୋଷ୍ଠୀ ନିଜ ବାଡ଼ି ବଗିଚାର ହେଉ ବା ଜଙ୍ଗଲରେ ଥିବା ଗଛରୁ କଷି ପଣସ ତୋଳି ଆଣି ଗୋଟା ୧୫ରୁ ୨୦ ଟଙ୍କାରେ ବିକ୍ରି କରି ନିଜ ହାତଖର୍ଚ୍ଚ ରୂପେ ବ୍ୟବହାର କରୁଛନ୍ତି। କିନ୍ତୁ ସଂଗୃହୀତ ପଣସର ଚାହିଦା ବାହାର ରାଜ୍ୟରେ ଏତେ ଅଧିକ ଯେ ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଆଦି କେତେକ ଅଞ୍ଚଳର ଦଲାଲମାନେ ଏହି ପଣସକୁ ଶାଗମାଛ ଦରରେ ଟ୍ରକ୍ ଟ୍ରକ୍ ବୋହିନେଇ ମାଲାମାଲ୍ ହେଉଛନ୍ତି। ସମଗ୍ର ଭାରତ ବର୍ଷରେ ପଣସ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟରେ ରହିଛି। ଓଡ଼ିଶାର ପ୍ରାୟ ୧୫ଟି ଜିଲ୍ଲାରେ ଏହି ପଣସ ଚାଷ ହେଉଥିବା ବେଳେ ୩.୧୫ ଟନ୍ ଉତ୍ପାଦନ ହୋଇଥାଏ। କୋରାପୁଟ ଜିଲ୍ଲାରେ ଏହାର ସିଂହଭାଗ ଉତ୍ପାଦନ ହେଉଛି। ହେଲେ ଏଠାକାର ପଣସ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବାହାର ଅଞ୍ଚଳର ବ୍ୟବସାୟୀମାନେ ଆସି ଗଛରେ କଷି ଥିବା ବେଳୁ ହିଁ କିଣି ନେଉଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ବି ଦୃଷ୍ଟି ଦେଉନି। ଜିଲ୍ଲାରେ ବହୁଳ ଉତ୍ପାଦନ ହେଉଥିବା ପଣସର ସଦୁପଯୋଗ କରିବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। ବାହାର ଅଞ୍ଚଳରେ ପଣସର ବହୁତ ଆଦର ରହିଛି। ସେଠାରେ ପଣସକୁ ପ୍ରୋସେସିଂ କରି ଚିପ୍ସ, ଆଚାର ଓ ଅଟା ଆଦି ପ୍ରସ୍ତୁତି କରି ବିକ୍ରୟ କରାଯାଉଛି। ଫଳରେ ଅଳ୍ପ ମୂଲ୍ୟରେ ଏଠାରୁ କିଣି ନେଇ ବ୍ୟବସାୟୀମାନେ ଲାଭବାନ ହେଉଛନ୍ତି।

କୋରାପୁଟ ଜିଲ୍ଲାର ଜଳବାୟୁ ଓ ମାଟି ଯୋଗୁଁ ଏଠାରେ ପଣସ ଭଲ ଉତ୍ପାଦନ ହୋଇଥାଏ। ଏଠାକାର ପଣସରେ ଅଛି ମାନବ ଶରୀରକୁ ପ୍ରତିଦିନ ଆବଶ୍ୟକ କରୁଥିବା ଏକାଧିକ ଭିଟାମିନ୍। ପ୍ରାୟ ୫୫ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ଏହାକୁ ପନିପରିବା ଭାବେ ରୋଷେଇ କରି ଖାଇଥାଆନ୍ତି। ଉଦ୍ୟାନ କୃଷି ବିଭାଗ ସହଯୋଗରେ ଜିଲ୍ଲାରେ ୩ ହଜାର



ହେକ୍ଟର ଜମିରେ ଏହି ଚାଷ କରାଯାଉଛି। କିନ୍ତୁ ଏଠାରେ ପଣସ ମିସନ୍ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନଥିବାରୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଆନ୍ଧ୍ର, ଛତିଶଗଡ଼ ଅଞ୍ଚଳର ବ୍ୟବସାୟୀମାନେ ଆସି କଷି ପଣସଗୁଡ଼ିକୁ ୧୫ରୁ ୨୦ଟଙ୍କାରେ କିଣି ନେଉଛନ୍ତି। ସେହିପରି ଏହି ବାହାର ଅଞ୍ଚଳର ବ୍ୟବସାୟୀମାନେ ଚାଷ ଆରମ୍ଭ ପୂର୍ବରୁ ଏଠାକୁ ଆସି ଚାଷୀମାନଙ୍କୁ ଅଗ୍ରୀମ ଭାବେ ଆର୍ଥିକ ସହାୟତା ଦେଉଛନ୍ତି। ଫଳ ଧରିଲେ କଷି ଥିବା ବେଳୁ ହିଁ ସଙ୍ଗେସଙ୍ଗେ କିଣି ନେଉଛନ୍ତି। କୋରାପୁଟ ଜିଲ୍ଲାର ନନ୍ଦପୁର, ସେମିଳିଗୁଡ଼ା, ଲମତାପୁଟ, ବନ୍ଧୁଗାଁ, ନାରାୟଣପାଟଣା, ବୈପାରୀଗୁଡ଼ା, ଲକ୍ଷ୍ମୀପୁର ବ୍ଲକରେ ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ ଓ ଚାଷୀଙ୍କ ନିଜସ୍ୱ ଉଦ୍ୟମରେ ୮୮୮ ହେକ୍ଟର ଜମିରେ ପଣସ ବୃକ୍ଷରୋପଣ ହୋଇଥିବା କୁହାଯାଇଛି। ଉକ୍ତ ପଣସ ଗଛରୁ ବାର୍ଷିକ ୧୩୭୬୪ ମେଟ୍ରିକ୍ ଟନ୍ ପଣସ ଉତ୍ପାଦନ ହେଉଥିବା ସୂଚନା ମିଳିଛି।

କୋରାପୁଟ ଜିଲ୍ଲାର ଜଙ୍ଗଲୀ ପଣସରେ ଭିଟାମିନ ଏ, ସି, କ୍ୟାଲସିୟମ, ପଟାସିୟମ, ଆଇରନ, ଫଲିକ ଏସିଡ୍, ଥାୟାମିନ ଓ ନିଆମିନ୍ ଭଳି ପୋଷାକତତ୍ତ୍ୱ ଥିବା ବୈଜ୍ଞାନିକମାନେ ଦାବି କରନ୍ତି। କିନ୍ତୁ ଉକ୍ତ ପୋଷକ ତତ୍ତ୍ୱକୁ ଜିଲ୍ଲାରେ ତଥା ରାଜ୍ୟବାସୀଙ୍କ ହିତରେ ବ୍ୟବହାର କରିବାର ସାଧନ ନାହିଁ। ଉକ୍ତ ଉତ୍ପାଦିତ ପଣସର ସଦୁପଯୋଗ କରି ମହିଳା ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବାରେ ବିଭାଗ ବିଫଳ ହୋଇଛି। ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରି ପଣସରୁ ଚିପ୍ସ, ଆଚାର, ବ୍ୟଞ୍ଜନ, ମଞ୍ଜିରୁ ଅଟା ଆଦି ପ୍ରସ୍ତୁତି କରି ବଜାରୀକରଣ କରିବାରେ ବିଫଳ ହୋଇଛି।

ଅନ୍ୟପଟେ କୋରାପୁଟ ପଣସକୁ ବାହାର ରାଜ୍ୟରେ ଆଦର ମିଳୁଛି। ଦୈନିକ ବ୍ଲକ ପିଛା ୧୫ରୁ ୨୦ ଗାଡ଼ି କଷି ପଣସ ଚାଲାଣ ହେଉଛି। କୋରାପୁଟ ଜିଲ୍ଲାରେ ପଣସ ଭଳି ପ୍ରାକୃତିକ ସମ୍ବଳର ବିନିଯୋଗ ପାଇଁ ବଜାର ନାହିଁ। ପଣସରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରକ୍ରିୟାକରଣ କେନ୍ଦ୍ର କିମ୍ବା କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ନାହିଁ। ପ୍ରଶାସନ ତରଫରୁ କିଛି ହାତଗଣତି ମହିଳା ଗୋଷ୍ଠୀଙ୍କ ନିମନ୍ତେ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲାଯାଇ କାଗଜ କଲମରେ ପଣସ ମିସନ୍‌କୁ ବଞ୍ଚାଇ ରଖିବାର ଅଭିନୟ କରାଯାଉଥିବା ଚର୍ଚ୍ଚା ହେଉଛି।

କିନ୍ତୁ ଗାଁ ଗହଳି ଓ କୋରାପୁଟ ଜିଲ୍ଲାର କୌଣସି ବଜାରରେ ପଣସ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରି ହେବାର ନଜରକୁ ଆସୁନାହିଁ। ବାହାର ରାଜ୍ୟକୁ ଚାଲାଣ ଯୋଗୁଁ ବର୍ତ୍ତମାନ କଷି ପଣସଟିଏ ଖୋଜି ଘରେ ତରକାରୀ କରିବାକୁ ନନ୍ଦପୁର, ସେମିଳିଗୁଡ଼ା, ସୁନାବେଡ଼ା, କୋରାପୁଟ, ଜୟପୁର ଭଳି ସହରାଞ୍ଚଳର ବାସିନ୍ଦା ପାଇଁ ଦୁର୍ଲଭ ହୋଇଛି। କୋରାପୁଟ ଜିଲ୍ଲା ଓରମାସ ତରଫରୁ ଜିଲ୍ଲାରେ

- **କିଣି ନେଉଛନ୍ତି ବାହାର ରାଜ୍ୟର ବ୍ୟବସାୟୀ**
- **ନାଁକୁ ମାତ୍ର ପଣସ ମିସନ୍, ଅଭାବୀ ବିକ୍ରିର ଶିକାର ହେଉଛି ଚାଷୀ**

ଥିବା ମହିଳା ଗୋଷ୍ଠୀଙ୍କ ମାଧ୍ୟମରେ ପଣସରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ପାଇଁ ଖୁବଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ସିଇଓ ରୋଶନ କାର୍ତ୍ତିକ କହିଛନ୍ତି। ଜିଲ୍ଲାର ମରୀଚିମାଳଠାରେ ଏକ ଟେକନୋ ଇନକମ୍ବେସନ ସେଣ୍ଟର ଓ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯାଇଛି। ତାଲିମ ପାଇଁ ପୁରୁଣା ଆଇଟିଆଇ କୋଠାରେ ବ୍ୟବସ୍ଥା ହୋଇଥିବା ବେଳେ ପ୍ରୋସେସିଂ ପାଇଁ ଆବଶ୍ୟକ ମେସିନଗୁଡ଼ିକ ଆସି ଲାଗି ସାରିଛି। କେବଳ ୱେୟାରିଂ କାମ ବାକି ଅଛି। ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ। ଏହି ତାଲିମ କେନ୍ଦ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ, ଫାର୍ମର ପ୍ରଡ୍ୟୁସର ଗ୍ରୁପ୍ ଓ ଅନ୍ୟ ଚାଷୀମାନଙ୍କୁ ପଣସର ପ୍ରୋସେସିଂ ନେଇ ତାଲିମ ଦିଆଯିବ। ସେହିପରି ମାର୍କେଟିଂ, ବ୍ରାଣ୍ଡିଙ୍ଗ ପାଇଁ ମଧ୍ୟ ତାଲିମ ଦିଆଯିବ। ସେମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ନିଜେ ପ୍ରୋସେସିଂ କରି ଲାଭବାନ ହେବେ ବୋଲି ଉଦ୍ୟାନ କୃଷି ବିଭାଗର ଅଧିକାରୀ କହିଛନ୍ତି।

# ପୂର୍ବତନ ସ୍କୁଲ୍ କମିଟି ସଭାପତିଙ୍କୁ ୩ବର୍ଷ ଜେଲ୍

**ଭୁବନେଶ୍ୱର, ୨୭ ।୨(ସମିସ):** ସରକାରୀ ଅର୍ଥ ତୋଷରପାତ ମାମଲାରେ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅଧୀନ ସିକାବାଡ଼ି ପ୍ରାଥମିକ ବିଦ୍ୟାଳୟ କମିଟିର ପୂର୍ବତନ ସଭାପତି ମନୋଜ ପ୍ରଧାନଙ୍କୁ ୩ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ବ୍ରହ୍ମପୁର ଭିଜିଲାନ୍ସ କୋର୍ଟ। ଜରିମାନା ଅନାଦାୟ ହେଲେ, ୬ ମାସ ଅତିରିକ୍ତ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାମଲାରୁ ପ୍ରକାଶ ଯେ ୨୦୧୭ ମସିହାରେ ମନୋଜ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅଧୀନ ସିକାବାଡ଼ି ପ୍ରାଥମିକ ବିଦ୍ୟାଳୟ କମିଟିର ସଭାପତି ଥିଲେ। ତାଙ୍କର କାର୍ଯ୍ୟକାଳ ସମୟରେ ସିକାବାଡ଼ି ବିଦ୍ୟାଳୟ ପରିସରରେ ନୂଆ ଶ୍ରେଣୀ କୋଠରି ନିର୍ମାଣ ହୋଇଥିଲା। ଏହି ନିର୍ମାଣ କାର୍ଯ୍ୟରେ ଅର୍ଥ ତୋଷରପାତ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସରେ ୨୦୧୭ ଡିସେମ୍ବର ୧୪ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା

**ସରକାରୀ ଅର୍ଥ ତୋଷରପାତ ମାମଲା**

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

# ଅବଶିଷ୍ଟାଂଶ...

## ବିନା ସୁଧରେ...

କାମ କରିଚାଲିଛି। ମା' ମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶୀଦାର ହୋଇ ନୂଆ ଓଡ଼ିଶା ଗଠନରେ ସାମିଲ ହୋଇଛନ୍ତି।

ଆଜି ମିଶନ ଶକ୍ତି ମା' ମାନଙ୍କର ଭଲ କାମ ଦେଶ ବିଦେଶରେ ପହଞ୍ଚି ପାରିଛି । ଏକ ସ୍ୱତନ୍ତ୍ର ଜୀବିକା ଅର୍ଜନ ପଦକ୍ଷେପ ମାଧ୍ୟମରେ ମିଶନ ଶକ୍ତି ମା' ମାନଙ୍କୁ ୮ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟିକ ସହାୟତା ଯୋଗାଇ ଦିଆଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ ଦୁବାଇ ଓ ସିଙ୍ଗାପୁରକୁ ଏକ୍ସପୋଜର ଭିଜିଟ୍‌ରେ ଯାଉଛନ୍ତି ଓ ଆଗକୁ ଅଧିକରୁ ଅଧିକ ମା' ମାନେ ବିଦେଶ ଯିବେ । ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ ଏସ୍‌ଏଚ୍‌ଜିରୁ ଏସ୍‌ଏମଇ ଆଡ଼କୁ ଆଗେଇଛନ୍ତି ଓ ଶିଳ୍ପଜଗତ ସହ ଯୋଡ଼ି ହୋଇଛନ୍ତି। ସେଥିପାଇଁ ରାଜ୍ୟର ୭୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ୧.୫ ଲକ୍ଷ ଏସଏଚ୍‌ଜି ଲିଡର ମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ପାଇଁ ୭୩୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ମିଶନ ଶକ୍ତି ମା' ମାନଙ୍କ ଦ୍ୱାରା ତିଆରି ଜିନିଷର ବିକ୍ରି ପାଇଁ ମିଶନ ଶକ୍ତି ବଜାର କରାଯାଉଛି। ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ମିଶନ ଶକ୍ତି ବଜାର ଖୋଲାଯାଇଥିବା ବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ୫ ହଜାର ମିଶନ ଶକ୍ତି ବଜାର ଓ ରିଟେଲ୍ ଆଉଟଲେଟ୍ ଖୋଲାଯିବ। ଚଳିତ ବର୍ଷ ମିଶନ ଶକ୍ତି ମା' ମାନେ ୧୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ପାଇଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ମା' ମାନଙ୍କୁ ୭୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଇ ଦିଆଯିବ। ଏଣିକି ଓଡ଼ିଶାର ମା' ମାନେ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ନେଇପାରିବେ ଏବଂ ସମସ୍ତ ସୁଧ ରାଜ୍ୟ ସରକାର ଫେରସ୍ତ କରିବେ। ଏହା ଦ୍ୱାରା ମା' ମାନଙ୍କର ଲକ୍ଷ ଲକ୍ଷ ଟଙ୍କା ସଞ୍ଚୟ ହେବ । ମିଶନ ଶକ୍ତି ମା'ମାନେ ଓଡ଼ିଶାର ରୂପାନ୍ତରରେ ଯୋଗଦାନ ଦେଉଛନ୍ତି। ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଓ ଫେଡେରେସନ ଲିଡରମାନେ ବହୁତ ଭଲ କାମ କରୁଛନ୍ତି ବୋଲି ଉଲ୍ଲେଖ କରି ଖୁବ୍ ଶୀଘ୍ର ସେମାନେ ଖୁସି ଖବର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରି ବରଗଡ ଜିଲ୍ଲାର ମା' ଯମୁନା ଏସ୍‌ଏଚ୍‌ଜି ଓ ଗଞ୍ଜାମ ଜିଲ୍ଲାର ମା' ବିମଳା ଏସ୍‌ଏଚ୍‌ଜିକୁ ଚେକ୍ ପ୍ରଦାନ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ମହିଳା ସଶକ୍ତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ମିଶନ ଶକ୍ତି ମା'ମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏସ୍‌ଏଚଜି ସ୍ତରରେ ମହିଳା ନେତୃତ୍ୱାଧିନ ଉଦ୍ୟୋଗଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ବିନା ସୁଧରେ ଋଣ ବ୍ୟବସ୍ଥା ମା'ମାନଙ୍କୁ ଅହୁରି ଅଧିକ ସଶକ୍ତ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଗୀତାଞ୍ଜଳି ବସ୍ତିଆ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାର ଏସ୍‌ଏଚ୍‌ଜି ଲିଡର କେତକୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରୂପାନ୍ତରଣରେ...

ପାଇଁ ମୁଖ୍ୟମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ୭୦ ଲକ୍ଷ ମା' ମାନଙ୍କୁ ୟୁନିଫର୍ମ ପାଇଁ ଆର୍ଥିକ ସହାୟତା ସହ ଏହା ସହିତ ଦେଢ଼ ଲକ୍ଷ ଏସ୍‌ଏଚ୍‌ଜି ଲିଡରମାନଙ୍କୁ ବ୍ଲେଜର୍ ସହାୟତା ଯୋଗାଇ ଦିଆଯାଇଛି।

ବ୍ଲେଜରକୁ ସାଧାରଣତଃ କର୍ପୋରେଟ ଜଗତର ଏକ ପ୍ରତୀକ ଭାବେ ଗଣନା କରାଯାଏ। ପୂର୍ବରୁ ବ୍ଲେଜର କେବଳ ବଡ଼ ବଡ଼ ସଂସ୍ଥାର ସିଇଓ ଏବଂ ଏମ୍‌ଡି ମାନେ ପିନ୍ଧିଥାନ୍ତି। ମାତ୍ର ଆଜିଠୁ ଓଡ଼ିଶାରେ ଏସଏଚଜି ମହିଳା ଲିଡରମାନେ ବ୍ଲେଜର ପିନ୍ଧିବେ। ସେମାନେ ମଧ୍ୟ ସିଇଓ ଏବଂ ଏମ୍‌ଡିଙ୍କ ଠାରୁ କମ୍ ନୁହଁନ୍ତି । ଦ୍ୱିତୀୟତଃ ଓଡ଼ିଶା ପ୍ରଥମ ଏବଂ ଏକମାତ୍ର ରାଜ୍ୟ ଭାବେ ଏସଏଚଜି ମା' ମାନଙ୍କ ଋଣ ଉପରେ ସୁଧ ପରିଶୋଧ କରୁଛନ୍ତି। ଏହାସହ ଶୂନ ପ୍ରତିଶତ ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାକୁ ଯୋଜନା କରିଛି। ଯେଉଁ ମା ଦିନେ ୧୦୦ ଟଙ୍କା ବ୍ୟାଙ୍କ ଋଣ ମାଗିବାକୁ ଡରୁଥିଲେ, ସେମାନେ ଆଜି ବ୍ୟାଙ୍କ୍‌ରେ ମୁଣ୍ଡ ଟେକି କୋଟି କୋଟି ଟଙ୍କାର କାରବାର କରିବାକୁ ସମର୍ଥ ହୋଇଛନ୍ତି । ଏହି ସୁଧ ଫେରସ୍ତ ଯୋଜନାରେ ଗତ ୫ବର୍ଷ ମଧ୍ୟରେ ମା' ମାନଙ୍କୁ ୯୨୫ କୋଟି ଟଙ୍କା ଫେରସ୍ତ ହୋଇସାରିଲାଣି। ଯାହା ମା'ମାନଙ୍କ ହାତ ମୁଠାକୁ ସୁଦୃଢ଼ କରିଛି ଓ ସେମାନଙ୍କ ବ୍ୟବସାୟକୁ ଆଗକୁ ନେବାରେ ବଡ଼ ଭୂମିକା ନେଇଛି ବୋଲି ସେ କହିଛନ୍ତି। ସେହିପରି ତୃତୀୟ ପଦକ୍ଷେପ ଭାବେ ମିଶନ ଶକ୍ତି ବଜାର ଉଦ୍‌ଘାଟନ ଦ୍ୱାରା ଏଠାରେ ସମସ୍ତ ମା' ମାନଙ୍କ ପାଇଁ ଏକ ବଜାର। ଏହି ବଜାରରେ ଉତ୍ପାଦକ ଓ ଅଂଶୀଦାର ହେଉଛନ୍ତି ଏସ୍‌ଏଚ୍‌ଜି ସହ ସମ୍ପୃକ୍ତ ମା' ମାନେ। ଏହି ବଜାରକୁ ସେମାନେ ଚଳାଇବେ । ଚଳିତ ଆର୍ଥିକ ବର୍ଷ ଅର୍ଥାତ ଗୋଟିଏ ବର୍ଷରେ ୧୫ ହଜାର କୋଟି ଟଙ୍କା ମା' ମାନଙ୍କୁ ଋଣ ଦିଆଯାଇଛି। ଆଜିର ହୋଇଥିବା ନିଷ୍ପତ୍ତି ବଳରେ ମାମାନେ ଏହାଠାରୁ ୩-୪ ଗୁଣ ଅଧିକ ଋଣ ନେଇ ମଧ୍ୟ ପରିଶୋଧ କରିବେ ବୋଲି କହିଛନ୍ତି ଶ୍ରୀମତୀ କାର୍ତ୍ତିକେୟନ ।

## ସମୃଦ୍ଧ ହେବ...

ବ୍ରହ୍ମପୁରକୁ ଆସିଥିବା ବେଳେ ତାଙ୍କ ସ୍ମୃତିରେ ବ୍ରହ୍ମପୁର ଷ୍ଟାଡିୟମକୁ ମହାତ୍ମା ଗାନ୍ଧୀ କ୍ରିକେଟ ଷ୍ଟାଡିୟମ ନାମରେ ନାମିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବ୍ରହ୍ମପୁର ଶୀତଳାପଲ୍ଲୀଠାରେ ଏକ ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏହି କମ୍ପ୍ଲେକ୍ସରେ ଆଥଲେଟିକଠାରୁ ଆରମ୍ଭ କରି ଫୁଟବଲ, କ୍ରିକେଟ, ଇନ୍‌ଡୋର ଷ୍ଟାଡିୟମ ପରି ସୁବିଧାମାନ ଯୋଗାଇ ଦିଆଯିବ। ଯାହା ଏହି ଅଞ୍ଚଳର କ୍ରୀଡ଼ାବିତ୍‌ଙ୍କ କ୍ରୀଡ଼ା ଅଭ୍ୟାସ ଆବଶ୍ୟକତାକୁ ପୂରଣ କରିପାରିବ। ସେହିପରି ଗଞ୍ଜାମରେ ଭାରୋତ୍ତୋଳନ ଏକାଡେମୀ ସହ ୨୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲର ମଧ୍ୟ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ଭାରତର ସର୍ବାଧିକ ସୁବିଧା ବିଶିଷ୍ଟ ଭାରୋତ୍ତୋଳନ କେନ୍ଦ୍ର ଅଟେ। ଗଞ୍ଜାମରେ ଭାରୋତ୍ତୋଳନ ବେଶ୍ ଲୋକପ୍ରିୟ ହୋଇଥିବା ବେଳେ ଏହି ଜିଲ୍ଲାରୁ ବହୁତ ଭାରୋତ୍ତୋଳନକାରୀ ବାହାରିବା ସହ ସୁନାମ ଆଣିଛନ୍ତି। ସେମାନଙ୍କ ପ୍ରତି ଏହି ଏକାଡେମୀକୁ ଉତ୍ସର୍ଗ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଅନ୍ୟପଟେ, ଯାଜପୁରରେ ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମିର ମଧ୍ୟ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିମଧ୍ୟରେ କୁସୁମା କମ୍ପ୍ଲେକ୍ସ ସୁଇମିଂ ପୁଲ୍, ହକି ତାଲିମ କେନ୍ଦ୍ର, ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ, ଆଥଲେଟିକ୍ ଟ୍ରାକ୍, ଫୁଟବଲ ପଡ଼ିଆ ଆଦି ସାମିଲ ରହିଛି। ସେହିପରି ଜିଲ୍ଲାରେ ରଗ୍‌ବୀ ଏବଂ କ୍ରିକେଟ ପଡ଼ିଆ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ସେ ବରଗଡ଼ ଓ ଢେଙ୍କାନାଳରେ ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଏଠାରେ ଆଥଲେଟିକ୍ ଟ୍ରାକ୍, ସୁଇମିଂ ପୁଲ୍, ଫୁଟବଲ ଓ କ୍ରିକେଟ ପଡ଼ିଆ ପରି ସୁବିଧା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଏବଂ ଓସିଏ ଦ୍ୱାରା କ୍ରିକେଟ ଉପରେ ଧ୍ୟାନ ଦିଆଯିବା ଦ୍ୱାରା ଏହା ରାଜ୍ୟରେ ଏକ ଉତ୍କୃଷ୍ଟ କ୍ରୀଡ଼ା ପରିବେଶ ସୃଷ୍ଟି କରିବ। ଯାହାଦ୍ୱାରା ଆଗାମୀ ବର୍ଷରେ ରାଜ୍ୟରୁ ବହୁ ସଫଳ କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିବେ। ଯୁବକମାନଙ୍କ ସଶକ୍ତିକରଣ ପାଇଁ କ୍ରୀଡ଼ାକୁ ରାଜ୍ୟ ସରକାର ବେଶ୍ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଓଡ଼ିଶା ବର୍ତ୍ତମାନ ଦେଶର ଏକ ପ୍ରମୁଖ କ୍ରୀଡ଼ାସ୍ଥଳ ଭାବେ ଉଭା ହେଉଛି। ରାଜ୍ୟବ୍ୟାପୀ ନିର୍ମାଣ କରାଯାଉଥିବା ସମସ୍ତ କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ ସୁବିଧା ଛୋଟପିଲାମାନଙ୍କୁ କ୍ରୀଡ଼ା ପ୍ରତି ଆକର୍ଷିତ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମଟି ରାଜ୍ୟର ୫୦ଟି ସ୍ଥାନରେ ଭିଡିଓ କନଫରେନ୍ସିଂ ଜରିଆରେ ଆୟୋଜିତ ହୋଇଥିବା ବେଳେ ଏଥିରେ ବହୁ ସଂଖ୍ୟାରେ କ୍ରିକେଟ ଖେଳାଳୀ, କ୍ରୀଡ଼ା ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓସିଏ ଅଧ୍ୟକ୍ଷ ପ୍ରଣବ ପ୍ରକାଶ ଦାସ, ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ବହୁ ସଂଖ୍ୟାରେ କ୍ରିକେଟ ଖେଳାଳୀ କଟକ ବାରବାଟୀ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଆଜି ଓଡ଼ିଶା...

ଉଦ୍‌ଘାଟନ କରିବେ ରାଷ୍ଟ୍ରପତି। ଅପରାହ୍ଣ ୫ଟା ୨୦ରେ ରାଷ୍ଟ୍ରପତି ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ହେବେ। ୬ଟା ୫୪ରେ ସେ ରାଜଭବନରେ ପହଞ୍ଚି ସେଠାରେ ପହଞ୍ଚି ରାତ୍ରଭୋଜନ କରିବା ସହ ରହିବେ। ମାର୍ଚ୍ଚ ୧ ତାରିଖରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି। ଅପରାହ୍ଣ ୪ଟା ୫ରେ କଟକରେ ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ। ୨ ତାରିଖ ସକାଳ ୧୦ଟା ୧୦ରେ ଝାଡ଼ସୁଗଡ଼ା ବିମାନବନ୍ଦରରେ ଓହ୍ଲାଇ ସିଧା ସମ୍ବଲପୁର ଜିଲ୍ଲା ଗସ୍ତରେ ଯିବେ ରାଷ୍ଟ୍ରପତି। ସେଠାରେ ସନ୍ଥକବି ଭୀମଭୋଇଙ୍କ ଦିବ୍ୟଜ୍ୟୋତି ଦର୍ଶନ ସହ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବେ। ଏହାସହ ସମ୍ବଲପୁର ମିନି ଷ୍ଟାଡିୟମରେ ମହିମା ସମ୍ପ୍ରଦାୟ ଅନୁଗାମୀଙ୍କ ସହ ଭେଟିବେ ବୋଲି କାର୍ଯ୍ୟସୂଚୀରେ ସ୍ଥିର କରାଯାଇଛି।

## ଜୀବିକା ପାଇଁ...

କରି ଏହାର କାର୍ଯ୍ୟ ସମୀକ୍ଷା କରିଥିଲେ। ୧୦ ହଜାର ବର୍ଗଫୁଟ୍ ପରିସରରେ ନିର୍ମାଣ ହୋଇଥିବା ଏହି ବଜାରରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ ସହ ପ୍ରଦର୍ଶନ କରାଯିବ। ସାରା ରାଜ୍ୟରୁ ମିଶନ୍ ଶକ୍ତି ମହିଳାମାନେ ସେମାନଙ୍କ ଉତ୍ପାଦ ଏଠାରେ ବିକ୍ରି କରିବାର ସୁଯୋଗ ପାଇବେ। ଆରମ୍ଭରୁ ଏଠାରେ ପ୍ରାୟ ୧ ହଜାର ପ୍ରକାର କୃଷି ଓ ଅଣକୃଷି ଜାତୀୟ ସାମଗ୍ରୀ ବିକ୍ରୟ କରାଯିବ। ଏଠାରେ ଢିଙ୍କିକୁଟା ନାଲି ଚାଉଳ, ବ୍ରହ୍ମପୁର ଆଚାର, କନ୍ଧମାଳ ହଳଦୀ, ନୂଆପଡ଼ା ମହୁ, ମୟୂରଭଞ୍ଜର ସବାଇ ଉତ୍ପାଦ, କେନ୍ଦ୍ରାପଡ଼ାର ସୁବର୍ଣ୍ଣ ଘାସ (କାଇଁଚ), କେନ୍ଦୁଝରେ ଫୁଲବଡ଼ି ସମେତ ରାଜ୍ୟର ଅନ୍ୟ ପ୍ରମୁଖ ବା ପ୍ରସିଦ୍ଧ ସାମଗ୍ରୀମାନ ଉପଲବ୍ଧ ହେବ। ଏହା '୫-ଟି' ପଦକ୍ଷେପ ଅଧୀନରେ ବିକଶିତ ହୋଇଛି। ସୂଚନାଯୋଗ୍ୟ, ଏହି ବଜାର ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ପାଇଁ ଏକ ପ୍ରମୁଖ ସ୍ଥଳୀ ହେବ। ଏହାସହ ଏହି ବଜାର ଭୁବନେଶ୍ୱର ଗ୍ରାହକଙ୍କ ଖୁଚୁରା ଆବଶ୍ୟକତା ପୂରଣ କରିବା ସହ ବଡ଼ କ୍ରେତାମାନଙ୍କୁ ଉତ୍ପାଦକାରୀ ଏସ୍‌ଏଚ୍‌ଜି ମାନଙ୍କ ସହିତ ଯୋଗାଯୋଗର ମାଧ୍ୟମ ସାଜିବ। ଏହି ବଜାରକୁ ଇ-କମର୍ସ ପୋର୍ଟାଲ ସହିତ ମଧ୍ୟ ଯୋଡ଼ାଯିବ। ମହିଳାମାନଙ୍କ ଦ୍ୱାରା ପ୍ରାମାଣିକ ହସ୍ତତନ୍ତ ଉତ୍ପାଦ ପାଇଁ ଏହା ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ମଧ୍ୟ ଏଠାରେ ସ୍ଥାନ ପାଇବ। ଏହି ବଜାର ମିଶନ ଶକ୍ତି ସଦସ୍ୟାଙ୍କ ଦ୍ୱାରା ପ୍ରତିଷ୍ଠିତ ଖୋର୍ଦ୍ଧା ମାତୃଶକ୍ତି କୃଷି ଉତ୍ପାଦ କମ୍ପାନୀ ଦ୍ୱାରା ପରିଚାଳିତ ହେବ। ଏଥିରେ ପ୍ରାୟ ୨୦୦ ଏସ୍‌ଏଚ୍‌ଜି ଅଂଶୀଦାର ଭାବେ ରହିଛନ୍ତି। '୫-ଟି' ପଦକ୍ଷେପ ଅନୁଯାୟୀ ନିଆଯାଇଥିବା ମିଶନ୍ ଶକ୍ତି ବଜାର ଏସ୍‌ଏଚ୍‌ଜିଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତର କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି।

## ୧୦୦ ଟଙ୍କାରେ...

ଚିକିତ୍ସା ଜନିତ ପାର୍ଶ୍ୱ ପ୍ରତିକ୍ରିୟାକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଦେବ। ଆଗାମୀ ଦିନରେ ଏହି ଔଷଧ ସବୁଠି ଉପଲବ୍ଧ ହେବ। ଏହା ମାତ୍ର ୧୦୦ ଟଙ୍କାରେ ମିଳିବ। ଟାଟା ମେମୋରିଆଲ ହସ୍ପିଟାଲର ବରିଷ୍ଠ କର୍କଟ ଚିକିତ୍ସକ ଡ. ରାଜେନ୍ଦ୍ର ବଡଭେ ଏହି ଗବେଷଣାରେ ସାମିଲ ଥିଲେ। ସେ କହିଛନ୍ତି ଯେ ଗବେଷଣା ପାଇଁ ମନୁଷ୍ୟର କର୍କଟ କୋଷିକାକୁ ମୂଷାଠାରେ ପ୍ରୟୋଗ କରାଯାଇଥିଲା। ପରେ ବିକିରଣ ଥେରାପି, କେମୋଥେରାପି ଏବଂ ଅସ୍ତ୍ରୋପଚାର ମାଧ୍ୟମରେ ମୂଷାଙ୍କୁ ଚିକିତ୍ସା କରାଯାଇଥିଲା।କର୍କଟ କୋଷିକାଗୁଡିକ ମରିଯିବା ପରେ ଏହା ଛୋଟ ଛୋଟ କଣିକା 'କ୍ରୋମାଟିନ ପାର୍ଟିକିଲ୍ସ'ରେ ପରିଣତ ହୋଇଥାଏ। ଏହା ରକ୍ତପ୍ରବାହ ମାଧ୍ୟମରେ ଅନ୍ୟ ଅଙ୍ଗରେ ପହଞ୍ଚି କର୍କଟ ସୃଷ୍ଟି କରିଥାଏ। ଆଉ କିଛି କ୍ରୋମାଟିନ ପାର୍ଟିକିଲ୍ସ ସୁସ୍ଥ ଗୁଣସୂତ୍ର ସହ ମିଶି ପୁଣି କର୍କଟର କାରଣ ପାଲଟିଥାଏ। ଏହି ସମସ୍ୟାର ସମାଧାନ ଲାଗି ଡାକ୍ତର ମୂଷାକୁ ରେସଭେରାଟ୍ରୋଲ ଏବଂ କପର (ଆର+ସିୟୁ) ସହିତ ପ୍ରି-ଅକ୍ସିଡାଣ୍ଟ ଦିଆଯାଇଥିଲା। (ଆର+ସିୟୁ) ଅକ୍ସିଜେନ ରାଡିକାଲ୍ ସୃଷ୍ଟି କରିଥାଏ। ଏହା କ୍ରୋମାଟିନ କଣିକାକୁ ନଷ୍ଟ କରିଦେଇଥାଏ। ଏହି ପ୍ରକ୍ରିୟା କେମୋଥେରାପିର ପାର୍ଶ୍ୱ ପ୍ରତିକ୍ରିୟାକୁ ରୋକିଥାଏ।

ଏହି ଔଷଧ ୧୦୦ ଟଙ୍କାରେ ଉପଲବ୍ଧ। ଏହା କର୍କଟର ସବୁଠାରୁ ଶସ୍ତା ଚିକିତ୍ସା ହେବ। ଏହି ବଟିକାକୁ ମଞ୍ଜୁରି ଦେବା ପାଇଁ ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି (ଏଫଏସଏସଏଆଇ)କୁ ଆବେଦନ କରାଯାଇଛି।

ମଣିଷର ମସ୍ତିଷ୍କ ହିଁ ପ୍ରକୃତ ପ୍ରୟୋଗଶାଳା, ଯେଉଁଠାରେ ମାୟାର ଆଢୁଆଳରୁ ମୌଳିକ ସତ୍ୟ ଆବିଷ୍କୃତ ହୁଏ।
-ସାର ଜଗଦୀଶ ଚନ୍ଦ୍ର ବୋଷ

ସକାଳ
THE SAKALA

# ଓଡ଼ିଶାରେ ମହାବଳଙ୍କ ସଂଖ୍ୟା ବୃଦ୍ଧି

ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟରେ କରାଯାଇଥିବା ବାଘ ଗଣନାର ରିପୋର୍ଟ ସରକାରୀ ଭାବେ ପ୍ରକାଶ ପାଇଛି। ଏଥିରେ ରାଜ୍ୟରେ ମହାବଳ ବାଘଙ୍କ ସଂଖ୍ୟା ୩୦ ବୋଲି କୁହାଯାଇଛି। ଜାତୀୟ ବାଘ ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ୨୦୨୧-୨୨ରେ ଯେଉଁ ଗଣନା କରିଥିଲା, ସେଥିରେ ଓଡ଼ିଶାରେ ମହାବଳ ବାଘଙ୍କ ସଂଖ୍ୟା ମାତ୍ର ୨୦ ବୋଲି କୁହାଯାଇଥିଲା। ଏହି ରିପୋର୍ଟ ୨୦୨୩ ଜୁଲାଇ ୨୯ରେ ପ୍ରକାଶ ପାଇବା ପରେ ଏହାର ସତ୍ୟାସତ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ତେଣୁ ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ରାଜ୍ୟରେ ବାଘ ଗଣନା କରିଥିଲେ। ଏହି ରିପୋର୍ଟ ଏବେ ପ୍ରକାଶ ପାଇଛି ଏବଂ ଜାତୀୟ ଗଣନା ତୁଳନାରେ ଓଡ଼ିଶାରେ ମହାବଳ ବାଘଙ୍କ ସଂଖ୍ୟା ୧୦ ଅଧିକ ଦର୍ଶାଯାଇଛି। ଏହି ୩୦ ବୃହତ୍ ମାର୍ଜାରଙ୍କ ବ୍ୟତୀତ ଆଠଟି ମହାବଳ ଶାବକ ରାଜ୍ୟରେ ଥିବା କ୍ୟାମେରାରେ ଉତ୍ତୋଳିତ ହୋଇଥିବା ଚିତ୍ରରୁ ଜଣାପଡ଼ିଛି।

ବାଘ ଗଣନା ଏକ ଜଟିଳ ବ୍ୟାପାର। ଆଗରୁ ବାଘଙ୍କ ପାଦ ଚିହ୍ନରୁ ସଂଖ୍ୟା ଗଣନା କରାଯାଉଥିଲା, ଯାହା ସମ୍ପୂର୍ଣ୍ଣ ଭରସାଯୋଗ୍ୟ ଓ ନିର୍ଭୁଲ ନଥିଲା। ତା'ପରେ ଆସିଲା କ୍ୟାମେରା ଟ୍ରାପ୍ ପଦ୍ଧତି। ଘନ ଜଙ୍ଗଲାଞ୍ଚଳ, ବିଶେଷକରି ଯେଉଁ ଅଞ୍ଚଳରେ ମହାବଳ ବାଘଙ୍କ ଉପସ୍ଥିତି ଜଣାଥାଏ, ସେଠାରେ ସ୍ୱୟଂକ୍ରିୟ କ୍ୟାମେରା ଲଗାଇ ଜଙ୍ଗଲ ବିଭାଗ କର୍ମଚାରୀମାନେ ଫଟୋ ଉତ୍ତୋଳନ କରି ବାଘଙ୍କ ସଂଖ୍ୟା, ଶ୍ରେଣୀ ବିଭାଗ ଓ ଲିଙ୍ଗ ନିରୂପଣ କରିଥା'ନ୍ତି। ଓଡ଼ିଶା ସରକାର ୨୦୨୩ ଅକ୍ଟୋବର ୧୫ ରୁ ୨୦୨୪ ଫେବୃଆରୀ ୧୦ ମଧ୍ୟରେ ରାଜ୍ୟର ଦୁଇ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର (ଟାଇଗର ରିଜର୍ଭ) ଶିମିଳିପାଳ ଓ ସାତକୋଶିଆ ସମେତ ଆଉ କେତେକ ଜଙ୍ଗଲାଞ୍ଚଳରେ ମୋଟ୍ ୧୪୩୨ଟି କ୍ୟାମେରା ଟ୍ରାପ୍ ଲଗାଇଥିଲେ। ସେଥିରୁ ମିଳିଥିବା ୫୬୭ଟି ଫଟୋକୁ ସଂଗ୍ରହ କରି ତାହାକୁ ପରୀକ୍ଷା ନିରୀକ୍ଷା କରିବା ପରେ ଜଙ୍ଗଲ ବିଭାଗ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ସେଥିରୁ ସର୍ବାଧିକ ୨୭ଟି ବାଘଙ୍କର ସନ୍ଧାନ କେବଳ ଶିମିଳିପାଳ ଟାଇଗର ରିଜର୍ଭରୁ ମିଳିଛି। ଏହି ବନାଞ୍ଚଳ ବିଶ୍ୱର ଏକମାତ୍ର ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର, ଯେଉଁଠି କଳାବାଘ (ମେଲାନିଷ୍ଟିକ୍ ଟାଇଗର) ଦେଖିବାକୁ ମିଳନ୍ତି। ରିପୋର୍ଟ ଅନୁସାରେ ଶିମିଳିପାଳରେ ୨୭ଟି ମହାବଳ ବାଘଙ୍କ ମଧ୍ୟରୁ ସାତଟି ସ୍ୱାଭାବିକ ରଙ୍ଗର ମାଈ ଓ ଚାରିଟି ଅଣ୍ଡିରା। ସେହିଭଳି ସେଠାରେ ଥିବା କଳା ମହାବଳ ବାଘଙ୍କ ମଧ୍ୟରୁ ସାତଟି ମାଈ ଓ ଛ'ଟି ଅଣ୍ଡିରା। ଏହାଛଡ଼ା ସେଠାରେ ଆଉ ତିନିଟି ମହାବଳ ବାଘଙ୍କ ବିଷୟରେ ଜଙ୍ଗଲ ବିଭାଗ ପାଖରେ ଚାକ୍ଷୁସ ପ୍ରମାଣ ରହିଛି, ଯଦିଓ କ୍ୟାମେରାରେ ସେମାନଙ୍କ ଫଟୋ ଉଠିନାହିଁ। ଏହାଛଡ଼ା ହୀରାକୁଦ ବଣ୍ୟପ୍ରାଣୀ ଉପଖଣ୍ଡ (ଡେବ୍ରିଗଡ଼ ଅଭୟାରଣ୍ୟ), ପାରଳାଖେମୁଣ୍ଡି ଓ କେନ୍ଦୁଝର ବନଖଣ୍ଡ ଅଞ୍ଚଳରୁ ଗୋଟିଏ ଲେଖାଏଁ ଏମିତି ମୋଟ୍ ତିନିଟି ମହାବଳ ବାଘଙ୍କ ଫଟୋ କ୍ୟାମେରା ଟ୍ରାପ୍‌ରେ ଧରାପଡ଼ିଛି।

ଜଙ୍ଗଲ ବିଭାଗର ସଦ୍ୟତମ ତଥ୍ୟ କହୁଛି ଯେ ଓଡ଼ିଶାରେ ମୋଟ୍ ୩୦ ମହାବଳ ବାଘଙ୍କ ମଧ୍ୟରୁ ୧୪ ମାଈ ଓ ୧୩ ଅଣ୍ଡିରା। ଅନ୍ୟ ତିନିଟିଙ୍କର ଲିଙ୍ଗ ନିର୍ଣ୍ଣୟ କରି ହୋଇପାରିନାହିଁ। ଶିମିଳିପାଳ ବ୍ୟତୀତ ଅନ୍ୟ ସ୍ଥାନରେ ଥିବା ବାଘଙ୍କ ମଧ୍ୟରୁ ସମସ୍ତେ ଅଣ୍ଡିରା। ଏହାଛଡ଼ା ରାଜ୍ୟରେ ଆଠଟି ମହାବଳ ଶାବକ ଥିବା ଗଣନାରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ୨୦୦୬ରେ ଓଡ଼ିଶାରେ ମହାବଳ ବାଘ ସଂଖ୍ୟା ଥିଲା ଜାତୀୟ ଗଣନା ଅନୁସାରେ ୪୫। ୨୦୧୦ରେ ଏହି ସଂଖ୍ୟା ୩୨, ୨୦୧୪ରେ ୨୮, ୨୦୧୮ରେ ୨୮ ଏବଂ ୨୦୨୨ରେ ୨୦କୁ ଖସି ଆସିଥିଲା। ଓଡ଼ିଶାରେ ଜଙ୍ଗଲର ସ୍ଥିତି ଭଲ ଏବଂ ମହାବଳଙ୍କ ବଂଶବୃଦ୍ଧି ପାଇଁ ଉତ୍ତମ ପ୍ରାକୃତିକ ପରିବେଶ ରହିଛି। ଏହାସତ୍ତ୍ୱେ ସର୍ବଶେଷ ଜାତୀୟ ଗଣନାରେ ବାଘ ସଂଖ୍ୟା ଯଥେଷ୍ଟ କମିଯିବା ଫଳରେ ବିଭିନ୍ନ ମହଲରେ ଏହାକୁ ନେଇ ପ୍ରଶ୍ନ ଉଠିଥିଲା। ଗଣନାଗତ ତ୍ରୁଟି ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ମଧ୍ୟ ବିବାଦ ଦେଖା ଦେଇଥିଲା। ରାଜ୍ୟ ସରକାର, ବିଶେଷକରି ଜଙ୍ଗଲ ବିଭାଗ, ପାଇଁ ଏହା ଏକ ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବାରୁ ଓଡ଼ିଶା ସରକାର ନିଜେ ଏହି ଗଣନା ସ୍ୱତନ୍ତ୍ର ଭାବେ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଟୁଇଟର ବାର୍ତ୍ତାରେ ଏହି ଖବର ଦେଇ ସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟ ଜଙ୍ଗଲ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି। ଏହା ମଧ୍ୟ ଆମ ସରକାର ଓ ଜଙ୍ଗଲ ବିଭାଗର କଥାକୁ ସତ୍ୟ ପ୍ରମାଣିତ କରିଛି। ବାଘ ଗଣନା ଏକ ଲୁଚା ଛପା କଥା ନୁହେଁ। ଏହି ସଂଖ୍ୟାକୁ ଉଦ୍ଦେଶ୍ୟମୂଳକ ଭାବେ ବଢ଼ା ଯାଇପାରିବ ନାହିଁ; କିନ୍ତୁ ଗଣନାଗତ ତ୍ରୁଟି ପାଇଁ ସଂଖ୍ୟା କମିବାର ଆଶଙ୍କା ଅଧିକ। ତେବେ ଓଡ଼ିଶା ସରକାରଙ୍କ ଏହି ତଥ୍ୟ ସପ୍ରମାଣ ଏନ୍‌ଟିସିଏ ପାଖରେ ଦାଖଲ ହେବ ଏବଂ ସେହି କର୍ତ୍ତୃପକ୍ଷ ଏହାକୁ ପରୀକ୍ଷା ନିରୀକ୍ଷା କରି ଦେଖିବା ପରେ ପ୍ରକୃତ ସଂଖ୍ୟା ଘୋଷଣା କରିବେ।

ଗୋଟିଏ ଜଙ୍ଗଲ ବା ବନ୍ୟ ଜୀବମଣ୍ଡଳରେ ଶୀର୍ଷରେ ରହେ ବାଘ। ନିର୍ଦ୍ଦିଷ୍ଟ ଜଙ୍ଗଲର ଖାଦ୍ୟ ଓ ପରିବେଶ ସହିତ ମହାବଳ ବାଘଙ୍କ ସଂଖ୍ୟା ଜଡ଼ିତ। ମୟୂରଭଞ୍ଜର ଶିମିଳିପାଳ ଦେଶର ଟାଇଗର ରିଜର୍ଭ ମଧ୍ୟରେ ୨୦୨୩ରେ ଏକାଦଶ ସ୍ଥାନରେ ରହିଥିଲା। ପରିଚାଳନା ଓ ପ୍ରଭାବ ମୂଲ୍ୟାୟନ ଏମ୍‌ଇଇ ଦୃଷ୍ଟିରୁ ଏହାର ସ୍ଥିତି ଭଲ। ଏହା ଆମର ଜାତୀୟ ପଶୁଙ୍କ ବଂଶବୃଦ୍ଧି ପାଇଁ ଏକ ଅନୁକୂଳ ଅଞ୍ଚଳ। ତେବେ ଏଠାରେ ଆନ୍ତଃ ପ୍ରଜନନ (ଇନ୍‌ବ୍ରିଡିଂ)ର ସମ୍ଭାବନା ଅଧିକ ଥିବାରୁ ନୂଆ ପ୍ରଜନ୍ମ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ। ତେଣୁ ଅନ୍ୟ ଅଞ୍ଚଳର ଅଣ୍ଡିରା ବାଘଙ୍କୁ ଆଣି ଏଠାରେ ଛାଡ଼ିବା ସହିତ ଆନୁବଂଶିକ (ଜେନେଟିକ୍) ପରିବର୍ତ୍ତନ କରି ବାଘକୁଳଙ୍କୁ ସୁରକ୍ଷିତ କରିବାକୁ ଜଙ୍ଗଲ ବିଭାଗ ପକ୍ଷରୁ ଉଦ୍ୟମ ହେବା ସ୍ୱାଗତଯୋଗ୍ୟ ବିଷୟ।

ମହାବଳ ବାଘ କେବଳ ଆମର ଜାତୀୟ ପଶୁ ନୁହେଁ, ଏହା ସହିତ ଆମ ବନ୍ୟଖଣ୍ଡ ଓ ବନ୍ୟ ପରିବେଶର ସ୍ୱାସ୍ଥ୍ୟ ଜଡ଼ିତ। ବାଘଶୂନ୍ୟ ଜଙ୍ଗଲର ଅର୍ଥ ସେ ବନାଞ୍ଚଳ ପ୍ରାଣୀକୁଳ ଶୂନ୍ୟ ସଂଗେ ସମାନ। ରୋଗବ୍ୟାଧି ଓ ପ୍ରାକୃତିକ କାରଣ ବ୍ୟତୀତ ଅବୈଧ ବାଘ ଶିକାର ମହାବଳ ବଂଶ ପ୍ରତି ବଡ଼ ବିପଦ। ତେଣୁ ବନରକ୍ଷକ ଓ ବନପାଳମାନଙ୍କୁ ବନ୍ଧୁକ ପ୍ରଦାନ ସହିତ ଆବଶ୍ୟକ ସ୍ଥଳେ ଶିକାରୀଙ୍କ ଉପରକୁ ଗୁଳି ଚଳାଇବାର ଅଧିକାର ସେମାନଙ୍କୁ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ଘନ ଜଙ୍ଗଲାଞ୍ଚଳ ଓ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ କ୍ୟାମେରା ଟ୍ରାପ୍ ଲଗାଇବା ସମ୍ଭବ ନୁହେଁ। ତାହା ହୋଇଥିଲେ ରାଜ୍ୟରେ ବାଘ ପରିସଂଖ୍ୟାନ ବୋଧହୁଏ ଆହୁରି ବଢ଼ିଥା'ନ୍ତା। ତେବେ ସେ ଯା'ହେଉ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଖବର। ●

# କ୍ରେଡିଟ୍ କାର୍ଡର ମାୟା



ଅନନ୍ତ ଚରଣ ସ୍ୱାଇଁ
ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

କ୍ରେଡିଟ କାର୍ଡର ଲୋକପ୍ରିୟତା ଓ ବ୍ୟବହାର ଦିନକୁ ଦିନ ବଢ଼ି ଚାଲିଛି। ରିଜର୍ଭ ବ୍ୟାଙ୍କର ତଥ୍ୟାନୁସାରେ, ୨୦୨୩ ସେପ୍ଟେମ୍ବର ମାସରେ ଆମଦେଶରେ ୮.୬ କୋଟି କ୍ରେଡିଟ କାର୍ଡ ବ୍ୟବହାରକାରୀ ଅଛନ୍ତି ଏବଂ କ୍ରେଡିଟ୍ କାର୍ଡରେ କାରବାର ୧ ଲକ୍ଷ ୪୨ ହଜାର କୋଟି ଟଙ୍କା ଟପି ଯାଇଛି।

କ୍ରେଡିଟ କାର୍ଡ ହେଉଛି ଏକ ବନ୍ଧକ ବିହୀନ ଋଣ ସୁବିଧା। ପ୍ରତ୍ୟେକ କାର୍ଡ ପାଇଁ ନିର୍ଦ୍ଦିଷ୍ଟ ଋଣ ରାଶିର ସୀମା(କ୍ରେଡିଟ୍ ଲିମିଟ୍) ପୂର୍ବରୁ ସ୍ଥିର ହୋଇଥାଏ। ପାଖରେ ଟଙ୍କା ଥାଉ ବା ନଥାଉ କ୍ରେଡିଟ୍ କାର୍ଡରେ ପୂର୍ବ ନିର୍ଦ୍ଧାରିତ ଋଣ ସୀମା(ଲିମିଟ୍) ମଧ୍ୟରେ ଏହାର ବ୍ୟବହାର କରିହେବ। ବିଶେଷକରି ଅଭାବ ସମୟରେ ଜରୁରୀ ଖର୍ଚ୍ଚର ଭରଣା ପାଇଁ କ୍ରେଡିଟ୍ କାର୍ଡ କାମରେ ଆସେ। କ୍ରେଡିଟ କାର୍ଡରେ ବ୍ୟବହୃତ କ୍ରୟ ରାଶି ଆମ ନିଜର ନୁହେଁ। ସୁବିଧାରେ ମିଳୁଥିବା ଏକପ୍ରକାର ଋଣ ହୋଇଥିବାରୁ କ୍ରେଡିଟ୍ କାର୍ଡର ଦେୟ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିଶୋଧ ନ କଲେ ବକେୟା ରାଶି ଉପରେ ଉଚ୍ଚ ହାରରେ ସୁଧ ଓ ବିଳମ୍ବ ଶୁଳ୍କ ଦେବାକୁ ପଡ଼େ।

କ୍ରେଡିଟ କାର୍ଡ ନେବା; ଦରକାର ସମୟରେ ଏହାର ବ୍ୟବହାର କରିବା ଏବଂ କ୍ରେଡିଟ କାର୍ଡର ଦେୟ ରାଶିକୁ ଠିକ ସମୟ ସୀମା ମଧ୍ୟରେ ପରିଶୋଧ କରାଯିବା ଏକ ଆଦର୍ଶ ଦୃଷ୍ଟାନ୍ତ। ଏପରି ସ୍ଥିତି ଗ୍ରାହକଙ୍କ ପାଇଁ ଅନୁକୂଳ, କିନ୍ତୁ କାର୍ଡ ପ୍ରଦାନକାରୀ ସଂସ୍ଥା ପ୍ରତି କ୍ଷତିକାରକ। ବଜାରରୁ ଟଙ୍କା ମାଗଣାରେ ମିଳେନାହିଁ। କାର୍ଡ ପରିଚାଳନା ପାଇଁ ଆବଶ୍ୟକ ପୁଞ୍ଜି, ଏହାକୁ ଯୋଗାଡ଼ କରିବା ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ବାବଦକୁ କାର୍ଡ ପ୍ରଦତ୍ତକାରୀ ସଂସ୍ଥାକୁ ଅନେକ ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ। ଲାଭ ନହେଲେ କୌଣସି ପ୍ରକାରର ବ୍ୟବସାୟ ତିଷ୍ଠିବ ନାହିଁ। ଏଣୁ କ୍ରେଡିଟ କାର୍ଡ କାରବାର ଲାଭଦାୟକ କରିବା ଲକ୍ଷ୍ୟରେ କାର୍ଡ କମ୍ପାନୀଗୁଡ଼ିକ ଅନେକ ପ୍ରକାର ଆକର୍ଷଣୀୟ ଯୋଜନା ଆଣିଥାଆନ୍ତି। କ୍ରୟ ଉପରେ ରିହାତି, ପରିଶୋଧ ପାଇଁ ମାସିକ କିସ୍ତିର ସୁବିଧା ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ।

କୌଣସି ଏକ ସାମଗ୍ରୀ ପ୍ରତି ଆସକ୍ତି ଆସିଲେ ପ୍ରଥମ ଚିନ୍ତା ହେଉଛି ଏହାକୁ କିଣିବା ପାଇଁ ପକେଟରେ ଟଙ୍କା ଅଛି କି ନାହିଁ? ଟଙ୍କା ନଥିଲେ କିଣିବାର ଇଚ୍ଛା ଆପେ ଆପେ ମଉଳି ଯାଏ। ପାଖରେ କ୍ରେଡିଟ କାର୍ଡ ଥିଲେ ଏହାକୁ କିଣିବା ସହଜ ହୋଇ ଯାଏ। ସେହିପରି ପ୍ରେରଣା କ୍ରୟ(ଇମ୍ପଲ୍‌ସ ବାଇଂ)ର ମାନସିକତା ହେତୁ ଅନାବଶ୍ୟକୀୟ ବସ୍ତୁ କିଣିବାରେ କ୍ରେଡିଟ କାର୍ଡର ବ୍ୟବହାର ବଢ଼ିଚାଲିଛି। ପୂର୍ବପ୍ରସ୍ତୁତି ନଥାଇ ହଠାତ କୌଣସି ଜିନିଷ ପ୍ରତି ଆକର୍ଷିତ ହେବା ଓ ଏହାର ବ୍ୟାବହାରିକ ଦିଗକୁ ଦୃଷ୍ଟି ନଦେଇ ଏହାକୁ କିଣିବା ହେଉଛି ପ୍ରେରଣାକ୍ରୟ। ଏପରି ଖର୍ଚ୍ଚର ଭରଣା କ୍ରେଡିଟ କାର୍ଡ ଦ୍ୱାରା ସୁବିଧାରେ ହୋଇପାରୁଛି।




ବ୍ୟାଙ୍କ ଶାଖା, ଫୋନ ବ୍ୟାଙ୍କିଂ, ଇ ମେଲ୍, ଏପରିକି ସପିଂ ମଲରେ ଏଜେଣ୍ଟମାନଙ୍କ ମାଧ୍ୟମରେ କ୍ରେଡିଟ କାର୍ଡ ବିକ୍ରୟ କରାଯାଉଛି। ଅତି ସୁନ୍ଦର ଭାବରେ କ୍ରେଡିଟ କାର୍ଡର ଆବଶ୍ୟକତା ଓ ଉପକାରିତା ବିଷୟରେ ବୁଝାଇ ଲୋକମାନଙ୍କୁ ଆକୃଷ୍ଟ କରି କାର୍ଡ ବିକ୍ରୟ କରାଯାଏ। କାର୍ଡ ପାଇବା ବେଳେ ଲାଗିବ ଯେପରି ଅମୃତର ଫଳଟିଏ ମିଳିଛି। କିନ୍ତୁ ବେଳେବେଳେ ମନରେ ପ୍ରଶ୍ନ ଉଠେ - କ୍ରେଡିଟକାର୍ଡରେ ଏପରି କ'ଣ ରହିଛି ଯେ ଏହାର ବିକ୍ରୟ ପାଇଁ ସମସ୍ତେ ପାଗଳ? ଗୋଟିଏ ଉଦାହରଣ ମାଧ୍ୟମରେ ବୁଝିବାକୁ ପ୍ରୟାସ କରିବା। ମନେକରନ୍ତୁ ଜଣେ ଗ୍ରାହକ କ୍ରେଡିଟ କାର୍ଡରେ ୧, ୦୧, ୦୦୦ ଟଙ୍କାର ସାମଗ୍ରୀ ଅକ୍ଟୋବର ୧ ତରିଖରେ କିଣିଲେ। ପ୍ରତି ମାସ ୨୦ ତାରିଖରେ ଷ୍ଟେଟମେଣ୍ଟ ବାହାରେ। ଅକ୍ଟୋବର ୨୦ରେ ବାହାରିଥିବା ଷ୍ଟେଟମେଣ୍ଟରେ ଉଲ୍ଲେଖ ଥିବ ଯେ ମୋଟ ଦେୟ ରାଶି ୧, ୦୧, ୦୦୦ ଟଙ୍କା ଓ ନିର୍ଦ୍ଧାରିତ ଦେୟ ତାରିଖ ହେଉଛି ୬ ନଭେମ୍ବର। ଗ୍ରାହକ ୬ ନଭେମ୍ବର ସୁଦ୍ଧା ଏହି ରାଶି ଜମାକଲେ। ଏହାପରେ ସେ ଆଉ କାର୍ଡର ବ୍ୟବହାର କରିନାହାନ୍ତି। ମାସକ ପରେ ଅର୍ଥାତ୍, ୨୦ ନଭେମ୍ବର, ୨୦୨୩ର ଷ୍ଟେଟମେଣ୍ଟରେ ଦେଖିବାକୁ ମିଳିବ ଯେ ବକେୟା ଦେୟ - ୧୦୦୦ ଓ ତା' ଉପରେ ମାସିକ ୩.୬% ହାରରେ ସୁଧ ମିଶାଇ ୫୦ଦିନର (ସେପ୍ଟେମ୍ବର ମାସର ୩୦ଦିନ ଓ ଅକ୍ଟୋବର ମାସର ୨୦ଦିନ) ସୁଧ ୬୦୬୦ ଟଙ୍କା। ପୁଣି ତା' ଉପରେ ୧୮% ଜିଏସଟି - ୧୦୯୦.୮୦ ଟଙ୍କା। ଏହିପରି ମୋଟ ଦେୟ ପରମାଣ ୮୧୫୦.୮୦ ଟଙ୍କା।(୧୦୦୦+୬୦୬୦+୧୦୯୦.୮୦)। ଏତଦ୍‌ବ୍ୟତୀତ ପରବର୍ତ୍ତୀ ସମୟରେ କାର୍ଡରେ ହେଉଥିବା ସମସ୍ତ କାରବାର ଉପରେ ମଧ୍ୟ ଦେୟ ଲାଗିବ। ଏସବୁର ହିସାବ ଏତେ ଜଟିଳ ଓ ବିଭ୍ରାନ୍ତିକର ଯେ, ସାଧାରଣ ଲୋକ ବୁଝିବା କଷ୍ଟକର। ଥରେ ଯଦି କିଛି ଦେୟ ବାକି ରହିଯାଏ, ତାହା ସମ୍ପୂର୍ଣ୍ଣ ପରିଶୋଧ ନକରିବା ଯାଏଁ ସୁଧ ବଢ଼ି ଚାଲିଥାଏ।

ଅନ୍ୟ ଏକ ଉଦାହରଣ ନେବା। ମନେକରନ୍ତୁ ଯଦି ବକେୟା ଦେୟ ୧୦, ୦୦୦ ଟଙ୍କା, ତା'ହେଲେ ଷ୍ଟେଟମେଣ୍ଟରେ ଉଲ୍ଲେଖ ଥିବ ମୋଟ ଦେୟ ୧୦, ୦୦୦ ଟଙ୍କା, ନ୍ୟୂନତମ ଦେୟ ୫୦୦ ଟଙ୍କା। ଦେୟରେ ଖିଲାପ କଲେ ୩.୬% ହାରରେ ସୁଧ ଲାଗିବ। ଏପରି ଷ୍ଟେଟମେଣ୍ଟ ଦେଖି ଗ୍ରାହକ ଖୁସି ହୁଏ। ସେ ଧରିନିଏ ଯେ ୫୦୦ ଟଙ୍କା ପରିଶୋଧ କଲେ କାର୍ଡ ବ୍ୟବହାର କରିବା ସର୍ତ୍ତରେ ଖିଲାପ ହେବନାହିଁ, ମାତ୍ର ୩.୬% ହାରରେ ସୁଧ ଦେବାକୁ ହେବ। ଏପରି ଭାବନା ଆଂଶିକ ଭୁଲ। ନ୍ୟୂନତମ ଦେୟ ୫୦୦ ଟଙ୍କା ଦେବା ପରେ କାର୍ଡ କାର୍ଯ୍ୟକ୍ଷମ ରହିବ, କିନ୍ତୁ ମୂଳ ରାଶି ଅର୍ଥାତ୍ ୧୦,୦୦୦ ଟଙ୍କା ଉପରେ ବାର୍ଷିକ ୪୨% ହାରରେ ସୁଧ ଲାଗିବ। କ୍ରେଡିଟ କାର୍ଡ ପ୍ରଦାନକାରୀ ସଂସ୍ଥା ଅନାଦେୟ ରାଶି ଉପରେ ସୁଧ ନେବା ଯଥାର୍ଥ। କିନ୍ତୁ ଉଚ୍ଚ ହାରରେ ୩୬% ରୁ ୪୮% ସୁଧ ସମ୍ପୂର୍ଣ୍ଣ ଦେୟ ରାଶି ଉପରେ ଲାଗୁ କରିବା ଗ୍ରହଣୀୟ ନୁହେଁ।

ଏହାବ୍ୟତୀତ କ୍ରେଡିଟ କାର୍ଡ କାରବାର ଉପରେ ବିଭିନ୍ନ ଆଳରେ ଲାଗୁଥିବା ଦେୟ ବା ଚାର୍ଜ ସବୁକୁ ବୁଝିବା କଷ୍ଟକର। ଅନେକ କ୍ରେଡିଟ କାର୍ଡଧାରୀ ଏପରି ହରଡ଼ ଘଣାରେ ପଡ଼ିଯାଆନ୍ତି ଯେ କେବଳ ସୁଧ ଗଣି ଗଣି ଓ ମାସିକିଆ କିସ୍ତି ସୁଝି ସୁଝି ଦିନ ବିତିଯାଏ; ଅଥଚ କ୍ରେଡିଟ କାର୍ଡ ଋଣରୁ ମୁକୁଳି ପାରନ୍ତି ନାହିଁ। ଏକପ୍ରକାର ଋଣ ଯନ୍ତାରେ ପଡ଼ି ଜୀବନସାରା ଛଟପଟ ହୁଅନ୍ତି।

ଅତ୍ୟଧିକ ଲାଭ ଆଶାରେ ଉଚ୍ଚା ଦରରେ ସୁଧ ଆଦାୟ କରିବା, ଗ୍ରାହକଙ୍କୁ ବିଭିନ୍ନ ଦେୟ ବା ଶୁଳ୍କ ବା ଚାର୍ଜ ସମ୍ବନ୍ଧରେ ସଠିକ ତଥ୍ୟ ନଦେଇ ଅନ୍ଧକାରରେ ରଖିବା କେତେ ଯଥାର୍ଥ ତାହା ବିଚାର କରିବାର ସମୟ ଆସିଛି। ଯଦିଓ ଚାର୍ଜ ବିଷୟରେ ମାସିକ ଦସ୍ତାବିଜରେ(ଷ୍ଟେଟମେଣ୍ଟରେ) ଉଲ୍ଲେଖ ଥାଏ, ଏହା ଏତେ ଜଟିଳ ଯେ ସାଧାରଣ ଗ୍ରାହକ ଏହାକୁ ପଢ଼ି ବୁଝିବା କଷ୍ଟକର। କ୍ରେଡିଟ କାର୍ଡ ବିକ୍ରୟ ସମୟରେ ଏହାର ଆବଶ୍ୟକତା, ଉପକାରିତା, ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରସଙ୍ଗରେ ବୁଝାଇ ଗ୍ରାହକଙ୍କୁ ଆକୃଷ୍ଟ କରାଯାଏ। କିନ୍ତୁ ଏହାର ବିପରୀତ ଦିଗ ପ୍ରତି ସେତେଟା ପ୍ରାଞ୍ଜଳ ଭାବେ ବୁଝାଯାଏ ନାହିଁ। କାରଣ ଗ୍ରାହକ ଜାଣିଲେ, ହୁଏତ କାର୍ଡ ନେବାକୁ କୁଣ୍ଠାବୋଧ କରିବେ କିମ୍ବା ସତର୍କତାର ସହ କାର୍ଡର ବ୍ୟବହାର କରିବେ।

କ୍ରେଡିଟ କାର୍ଡର ଲୋକପ୍ରିୟତା ବଢ଼ିବା ସହ କାରବାର ମଧ୍ୟ ବଢ଼ି ଯାଇଛି। କାର୍ଡ ଦେୟ ଦେବାରେ ସାମାନ୍ୟ ଅବହେଳା କଲେ ଏହା ଅଦୃଶ୍ୟ ଘାତକ ପରି ଗ୍ରାହକକୁ ଆଘାତ କରିଚାଲେ। କ୍ରେଡିଟ କାର୍ଡ ପ୍ରଦାନକାରୀ କମ୍ପାନୀଗୁଡ଼ିକର ମନମୁଖି କାରବାର ବିରୁଦ୍ଧରେ ଜନସଚେତନତା ଆବଶ୍ୟକ। ପ୍ରଲୋଭନରେ ନପଡ଼ି, ସତର୍କତାର ସହ କାର୍ଡ ବ୍ୟବହାର କଲେ ନିଜକୁ ଏପରି ଅଦୃଶ୍ୟ ଘାତକଠାରୁ ବଞ୍ଚାଇ ହେବ। ●

# ସି ଭି ରମଣଙ୍କ ସାଧନା ଓ ସିଦ୍ଧି



ନିକୁଞ୍ଜ ବିହାରୀ ସାହୁ
ଭୋପାଳ, ମୋ: ୮୯୧୭୬୩୭୯୭୪

୧୯୨୦ ମସିହାର କଥା। ନାରକୁଣ୍ଡା ନାମକ ବାଷ୍ପୀୟ ଜାହାଜଟି ଇଂଲଣ୍ଡର ସାଉଦାମ୍ପଟନ୍ ବନ୍ଦରରୁ ବାହାରି ଭାରତର ବମ୍ବେ ଅଭିମୁଖେ ଯାତ୍ରା କରୁଥାଏ। ଚାରିପଟେ ଭୂମଧ୍ୟସାଗରର ସୁନୀଳ ଜଳରାଶି। ସମୁଦ୍ରର ଢେଉ କାଟି କାଟି ଆଗେଇ ଚାଲିଥାଏ ଜାହାଜଟି। ଯାତ୍ରୀମାନେ ଏହି ରୋମାଞ୍ଚକର ଜଳଯାତ୍ରାର ମଜା ନେଉଥା'ନ୍ତି। କିନ୍ତୁ ସେହି ଯାତ୍ରୀମାନଙ୍କ ମଧ୍ୟରେ ଥା'ନ୍ତି ଜଣେ ପଗଡ଼ି ପିନ୍ଧା ସାଧାରଣ ଦିଶୁଥିବା ତରୁଣ। ସେ କୌଣସି ଆଡ଼କୁ ଦୃଷ୍ଟି ନଦେଇ ପକେଟରୁ ଛୋଟଛୋଟ ଉପକରଣ ବାହାର କରି ସମୁଦ୍ର ଓ ଆକାଶକୁ ନିରୀକ୍ଷଣ କରୁଥା'ନ୍ତି। ମଝିରେ ମଝିରେ ବୋତଲରେ ପାଣି ସଂଗ୍ରହ କରି ମନଧ୍ୟାନରେ କିଛି ପରୀକ୍ଷା ନିରୀକ୍ଷା କରିବାରେ ବ୍ୟସ୍ତ ରହିଥା'ନ୍ତି। ଯାତ୍ରୀମାନେ ତାଙ୍କୁ ଧରି ନେଇଥା'ନ୍ତି ଏକ ପାଗଳ ବୋଲି।

ଯାତ୍ରୀମୁଖରେ ସେଦିନର ସେହି ପାଗଳ ଜଣକ ଥିଲେ ଭାରତ ତଥା ବିଶ୍ୱର ସ୍ୱନାମଧନ୍ୟ ପଦାର୍ଥବିଜ୍ଞାନୀ ଚନ୍ଦ୍ରଶେଖର ଭେଙ୍କଟ ରମଣ। ସେଦିନ ସେ ଯେଉଁ ପରୀକ୍ଷା କରୁଥିଲେ, ତାହା ଥିଲା ଆକାଶର ନୀଳରଙ୍ଗ ଉପରେ। ପୂର୍ବରୁ ବୈଜ୍ଞାନିକମାନେ ବିଶ୍ୱାସ କରୁଥିଲେ ଯେ, ନୀଳ ଆକାଶର ପ୍ରତିଫଳନ ଦ୍ୱାରା ସମୁଦ୍ରର ନୀଳିମା ସୃଷ୍ଟି ହୋଇଥାଏ। ମାତ୍ର ରମଣ ସେଦିନର ସେହି ପରୀକ୍ଷାରେ 'ନିକୋଲ ପ୍ରିଜିମ୍' ନାମକ ଏକ ଛୋଟିଆ ଉପକରଣ ବ୍ୟବହାର କରି ପ୍ରଚଳିତ ଧାରଣାକୁ ଭୁଲ ପ୍ରମାଣିତ କଲେ ଏବଂ ଏକ ନୂତନ ସିଦ୍ଧାନ୍ତ ଆବିଷ୍କାର କଲେ। ରମଣଙ୍କ ମତରେ, ସମୁଦ୍ରର ଜଳଅଣୁଗୁଡ଼ିକ ସୂର୍ଯ୍ୟାଲୋକର କମ୍‌ତରଙ୍ଗ ଦୈର୍ଘ୍ୟବିଶିଷ୍ଟ ନୀଳ ଆଲୋକ ରଶ୍ମିର ବେଶୀ ବିଚ୍ଛୁରଣ(ସ୍କାଟରିଂ) ଘଟି ଦର୍ଶକ ଚକ୍ଷୁରେ ପ୍ରବେଶ କରୁଥିବାରୁ ସମୁଦ୍ରର ବର୍ଣ୍ଣ ନୀଳ ଦେଖାଯାଉଛି। ରମଣଙ୍କ ଆଲୋକ ସମ୍ବନ୍ଧୀୟ ଏହି ବିଚ୍ଛୁରଣ ତତ୍ତ୍ୱ ବିଜ୍ଞାନ ଜଗତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲା। ଏହା ତା'ଙ୍କୁ ପରବର୍ତ୍ତୀ କାଳରେ ବିଶ୍ୱର ସର୍ବୋଚ୍ଚ ସମ୍ମାନ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ 'ନୋବେଲ ପୁରସ୍କାର' ଅର୍ଜନ କରିବାରେ ସହାୟକ ହୋଇଥିଲା।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଟି ଦିନରୁ ରମଣଙ୍କ ଅସାଧାରଣ ପ୍ରତିଭାର ପରିଚୟ ମିଳିଥିଲା। ସେ ଏମ୍‌ଏ ପଢୁଥିବା ସମୟରେ ତାଙ୍କର ଦୁଇଟି ବୈଜ୍ଞାନିକ ନିବନ୍ଧ ଲଣ୍ଡନର ପ୍ରସିଦ୍ଧ ବିଜ୍ଞାନ ପତ୍ରିକା 'ଦି ଫିଲୋସୋଫିକାଲ୍ ମାଗାଜିନ୍'ରେ ପ୍ରକାଶିତ ହୋଇଥିଲା। ସ୍ନାତକୋତ୍ତର ଶିକ୍ଷାଲାଭ ପରେ ଦେଶରେ ଉଚ୍ଚତର ବିଜ୍ଞାନଶିକ୍ଷା ଓ ଗବେଷଣାର ସୁଯୋଗ ନ ମିଳିବାରୁ ସେ ଆଇସିଏସ୍ ପରୀକ୍ଷା ଦେଲେ। ସେଥିରେ ସେ ପ୍ରଥମ ସ୍ଥାନ ଅଧିକାର କରି କଲିକତାଠାରେ ସହକାରୀ ମହାଲେଖାକାର(ଆସିଷ୍ଟାଣ୍ଟ ଆକାଉଣ୍ଟ ଜେନେରାଲ୍) ପଦବୀରେ ଯୋଗଦେଲେ। ମାତ୍ର ବିଜ୍ଞାନବ୍ରତରେ ଯେ ବ୍ରତୀ, ତା'ଙ୍କୁ ସାଧାରଣ ହିସାବରକ୍ଷକ ଚାକିରିଟିଏ ବାନ୍ଧି ରଖିପାରନ୍ତା ବା କିପରି?

ସେ କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଆମନ୍ତ୍ରଣକ୍ରମେ ଉଚ୍ଚ ସରକାରୀ ଚାକିରି ଛାଡ଼ି ମାତ୍ର ୮୦୦ ଟଙ୍କା ବେତନରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ରାଜାବଜାର ବିଜ୍ଞାନ ମହାବିଦ୍ୟାଳୟରେ 'ପାଲିତ୍ ପ୍ରଫେସର' ପଦବୀରେ ଯୋଗଦେଲେ। ସେ ପରବର୍ତ୍ତୀ ସମୟରେ କଲିକତାସ୍ଥିତ 'ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ କଲ୍ଟିଭେସନ୍ ଅଫ୍ ସାଇନ୍ସ' ଅନୁଷ୍ଠାନରେ ଗବେଷଣା କରି ମାତ୍ର ୫୦୦ ଟଙ୍କା ମୂଲ୍ୟର ଯନ୍ତ୍ରପାତି ବ୍ୟବହାର ପୂର୍ବକ ନିଜର ଚିରସ୍ମରଣୀୟ 'ରମଣ ପ୍ରଭାବ' ଆବିଷ୍କାର କରିଥିଲେ।



ରମଣ ପ୍ରଭାବ ସମଗ୍ର ବିଜ୍ଞାନ ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ଅବିଷ୍କାର ଥିଲା। ସେ ଏକବର୍ଣ୍ଣୀ (ମନୋକ୍ରୋମାଟିକ୍) ଆଲୋକରଶ୍ମିକୁ ଏକ ସ୍ୱଚ୍ଛ ତରଳ ମାଧ୍ୟମ ଦେଇ ଅତିକ୍ରମ କରାଇ ନିର୍ଗତ ଆଲୋକରଶ୍ମିକୁ ଏକ ବର୍ଣ୍ଣାଳୀଦର୍ଶକ (ସ୍ପେକ୍ଟ୍ରୋମିଟର) ଯନ୍ତ୍ର ଦେଇ ଲକ୍ଷ୍ୟ କଲେ। ବର୍ଣ୍ଣାଳୀରେ ମୂଳ ତରଙ୍ଗଦୈର୍ଘ୍ୟ ବ୍ୟତୀତ ଅନ୍ୟ କିଛି ତରଙ୍ଗଦୈର୍ଘ୍ୟ ରହିଥିବାର ସେ ଲକ୍ଷ୍ୟ କଲେ ଏବଂ ମାଧ୍ୟମର ଅଣୁଗୁଡ଼ିକ ମୂଳ ଆଲୋକରଶ୍ମିରୁ କିଛି ଶକ୍ତି ଗ୍ରହଣ କରି 'ବିଚ୍ଛୁରଣ' ଧର୍ମ ହେତୁ ନିଜେ କିଛି ଅଲଗା ତରଙ୍ଗଦୈର୍ଘ୍ୟର ଆଲୋକରଶ୍ମି ଉତ୍ସର୍ଜନ କରୁଥିବାରୁ ଏଭଳି ପ୍ରଭାବ ସୃଷ୍ଟି ହେଉଛି ବୋଲି ରମଣ ପ୍ରମାଣ କଲେ। ଏହାକୁ ହିଁ 'ରମଣ ପ୍ରଭାବ' କୁହାଗଲା।

ଏହି ତତ୍ତ୍ୱକୁ ଭିତ୍ତି କରି କଠିନ, ତରଳ କିମ୍ବା ଗ୍ୟାସୀୟ ରୂପରେ ଥିବା ନୂତନ ପଦାର୍ଥର ଗଠନ ଓ ଆଣବିକ ସଂରଚନା (ମଲିକ୍ୟୁଲାର କମ୍ପୋଜିସନ୍ ଆଣ୍ଡ ଷ୍ଟ୍ରକ୍‌ଚର) ନିରୂପଣ କରିବା ସହିତ ସେଗୁଡ଼ିକୁ ସହଜରେ ଚିହ୍ନଟ କରିହେଲା। ରମଣ ସ୍ପେକ୍ଟ୍ରୋସ୍କୋପି ପଦ୍ଧତିର ପ୍ରୟୋଗ ଦ୍ୱାରା ଜଟିଳ ବସ୍ତୁ ଯଥା ବିଭିନ୍ନ ଅଣୁଜୀବ ଓ ଶରୀରର କୋଷିକା ସବୁକୁ ଅନୁଧ୍ୟାନ ଓ ଅନୁଶୀଳନ କରିହେଲା। ଏହା ବିଜ୍ଞାନର ବିଭିନ୍ନ ଦିଗନ୍ତ ଯଥା ପଦାର୍ଥ, ରସାୟନ, ଅନ୍ତରୀକ୍ଷ, ବାୟୁମଣ୍ଡଳ, ଯୋଗାଯୋଗ, ଲେଜର୍ ଓ ଜୀବ ବିଜ୍ଞାନ ଆଦି କ୍ଷେତ୍ରରେ ବହୁଳ ପ୍ରୟୋଗ ହୋଇ ମାନବ ସମାଜର ଅଶେଷ କଲ୍ୟାଣ ସାଧନ କରୁଛି।

ରମଣ ଦେଖାଇଗଲେ, ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ପାଇଁ ଅର୍ଥ କିମ୍ବା ପୃଷ୍ଠଭୂମିର ବିଶେଷ ଆବଶ୍ୟକତା ନାହିଁ; ବରଂ ଲୋଡ଼ା ସ୍ୱପ୍ନ ଓ ସାଧନା। ଏହି ଦୃଷ୍ଟିରୁ ରମଣ ଆମ ସମସ୍ତଙ୍କ ପାଇଁ ଜଣେ ଆଦର୍ଶ ଏବଂ ତା'ଙ୍କର ଜୀବନୀ ଆମ ସମସ୍ତଙ୍କୁ ଚିରଦିନ ଅନୁପ୍ରାଣିତ କରୁଥିବ।

ଏହି ଯୁଗାନ୍ତକାରୀ ଆବିଷ୍କାର ନିମନ୍ତେ ରମଣଙ୍କୁ ୧୯୩୦ ମସିହାରେ ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜ୍ଞାନ କ୍ଷେତ୍ରରେ ନୋବେଲ୍ ପୁରସ୍କାର ଲାଭ କରିବାରେ ରମଣ ଥିଲେ ସର୍ବପ୍ରଥମ ଏସୀୟ ଓ ଭାରତୀୟ। ରମଣଙ୍କ ଏହି ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର ଘଟିଥିଲା ୧୯୨୮ ମସିହା ଫେବୃଆରୀ ୨୮ ତାରିଖରେ। ସେଥିପାଇଁ ଫେବୃଆରୀ ୨୮ ତାରିଖକୁ ଆମ ଦେଶରେ ପ୍ରତି ବର୍ଷ 'ଜାତୀୟ ବିଜ୍ଞାନ ଦିବସ' ରୂପେ ପାଳନ କରାଯାଉଛି। ●

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com







କଳା
ଟପ୍ସ୍‌ରେ ହ୍ୱାଇଟ୍ ଗାଉନ...ଓଠରେ
ହସ'ର ଫୁଆର, ହାତରେ ମାଇକ୍ରୋ ଫୋନ୍ ।
ରାତି ୭ଟା୫୦ । ବାରବାଟୀ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର
ସ୍ଥାପନ ଉତ୍ସବ ଅବସରରେ ମଞ୍ଚରେ ଉଭା ହେଲେ ବଲିଉଡ୍
ପ୍ରଖ୍ୟାତ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ନେହା କକ୍କର୍ ଓରଫ୍ ନେହୁ.... ମିଲେ
ହୋ ତୁମ୍ ହମ୍ କୋ, ବଡି ନସିବୋ ସେ...ଚୁରାୟା ହେ'ମେନେ କିସ୍ ମତ୍
କି ଲକିରୋ ସେ'...ଏଭଳି ସେନ୍‌ସେସ୍‌ନାଲ୍ ରୋମାଣ୍ଟିକ୍ ନମ୍ବରରୁ ଦର୍ଶକଙ୍କ
ହୃଦୟ କିଣି ନେଲେ । ତା'ପରେ ଗୋଟିଏ ପରେ ଗୋଟିଏ ମିଲିୟନ୍...ବିଲିୟନ୍
ଭ୍ୟୁ'ଯାଇଥିବା ଗୀତ ଭେଟି ଦେଲେ ଦର୍ଶକଙ୍କୁ । ଶେଷ'ରେ 'ଜୟ ଜଗନ୍ନାଥ' କହି
ମଞ୍ଚକୁ ଅଲବିଦା କହିଲେ ନେହୁ....






## ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

# ବାରବାଟୀରେ ନେହା କକ୍କର୍‌ଙ୍କ ଜଲ୍‌ୱା

କଟକ, ୨୭ ।୨(ସମିସ):

ବାରବାଟୀ ଦେଖିଲା ବଲିଉଡ୍'ର ପ୍ରଖ୍ୟାତ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ନେହା କାକ୍କରଙ୍କ ଜଲ୍‌ୱା । ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲେ ନେହୁ । ସାଂସ୍କୃତିକ କାର୍ଯ୍ୟକ୍ରମ ଯଦିଓ ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇଥିଲା ରାତି ୭ଟା୫୦ରେ ମଞ୍ଚକୁ ଚଢିଥିଲେ ନେହା କକ୍କର୍ । ତୁ ଚିଜ୍ ବଡି ହେ' ମସ୍ତ ମସ୍ତ, ହାଏ ଗର୍‌ମୀ, ସାକି ସାକି, ତୁ ଏକ ବାର୍ ଆଓ ତୋ ସହି, ଉଚି ଉଚି ବିଲ୍ଡିଂ, ହାଏ ରେ ମେରେ ବିଜ୍‌ଲୀ, ଆ ଦିଖାଦୁଁ ମେରେୱାଲା ଡ୍ୟାନ୍ସ, ଧାତିଙ୍ଗ୍ ନାଚ, ଜିନେ ମେରେ ଦିଲ୍ ଲୁଟିୟା, ଜିନେ କେ ହେ' ଚାର୍ ଦିନ୍, କାଲା ଚଷମା ଓ ଲଡକି ଆଖିଁ ମାର୍ ଭଳି ପାଖାପାଖି ୧୫ଟି ସୁପର୍ ହିଟ୍ ଗୀତ ଗାଇଥିଲେ ସେ । ଦର୍ଶକ ତାଙ୍କ ଏହି ସଙ୍ଗୀତ ଭିତ୍ତିକ ବ୍ୟାଣ୍ଡ ସୋ' ଦେଖିବା ପାଇଁ ଲମ୍ବା ଧାଡିରେ ଆସିଥିଲେ । ଡ୍ୟାନ୍ସ ନମ୍ବର ସାଙ୍ଗକୁ ଇମୋସନାଲ୍ ନମ୍ବରରେ ଷ୍ଟାଡିୟମ୍‌ରେ ଥିବା ପ୍ରତ୍ୟେକ ଦର୍ଶକ ଆତ୍ମବିଭୋର ହୋଇଥିଲେ । ସବୁଠାରୁ ଆକର୍ଷଣୀୟ ମୁହୂର୍ତ୍ତ ଥିଲ ।, ଯେତେବେଳେ ନେହୁ ଗାଇବା ଆରମ୍ଭ କରିଥିଲେ, ମିଲେ ହୋ ତୁମ୍ ହମ୍ କୋ...ଗୀତ । ନେହା କକ୍କର୍‌ଙ୍କ ଭାଇ ଟୋନି କକ୍କରଙ୍କ ସଙ୍ଗୀତ ଓ ଗୀତକୁ ନେହୁ ମଞ୍ଚରେ ପରିବେଷଣ କଲା ବେଳେ ଏହି ଗୀତ ସହିତ ଥିବା ତାଙ୍କର ସଙ୍ଗୀତ ଯାତ୍ରାକୁ ଦର୍ଶକମାନେ ମନେ ପକାଉଥିଲେ । ୨୦୦୬ ମସିହାରୁ ସଙ୍ଗୀତ କ୍ୟାରିୟର୍ ଆରମ୍ଭ କରିଥିବା ନେହା କକ୍କର୍ ଆଜି ବଲିଉଡ୍‌ରେ ଶୀର୍ଷରେ ରହିଛନ୍ତି । ଦୀର୍ଘ ୧୮ ବର୍ଷ ମଧ୍ୟରେ ସେ ଭାରତର ପ୍ରତ୍ୟେକ ସଙ୍ଗୀତ ପ୍ରେମୀଙ୍କ ହୃଦୟ ଜିଣିଛନ୍ତି । କଟକର ଦର୍ଶକ ଆଜି ବାରବାଟୀ ଷ୍ଟାଡିୟମ୍‌ରେ ତାଙ୍କ ସଙ୍ଗୀତକୁ ଉପଭୋଗ କରୁଥିବା ବେଳେ ନେହୁଙ୍କ ସଙ୍ଗୀତର ଯାତ୍ରାକୁ ଭାବି ଦର୍ଶକ ଭାବବିହ୍ୱଳ ହେଉଥିବା ଦେଖିବାକୁ ମିଳିଥିଲା । ୫ଜଣ ପୁଅ ଓ ୨ଜଣ ଝିଅ ଡ୍ୟାନ୍ସରଙ୍କ ସହିତ ନେହୁ'ଙ୍କ ବ୍ୟାଣ୍ଡ ସୋ' ଶେଷ ହୋଇଥିଲା ।

ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଓଲିଉଡ୍' ପ୍ରଚ୍ଛଦପଟ୍ଟ ଗାୟିକା ଦୀପ୍ତିରେଖା ପାଢ଼ି ସଙ୍ଗୀତ ପରିବେଷଣ କରିଥିଲେ । ଟିକେ ଟିକେ ଅଚିହ୍ନା ତୁ, ହାଏ ତୋ ପ୍ରେମର ରଂଗୋଲି, ହାଏ ତୋ ପ୍ରେମ...ଭଳି ଦୀପ୍ତିରେଖା ଗୋଟିଏ ପରେ ଗୋଟିଏ ହିଟ୍ ନମ୍ବର ଗାଇଥିଲେ । ଏହାପରେ ମଞ୍ଚକୁ ଆସିଥିଲେ ଗାୟକ ସ୍ୱୟମ୍ ପାଢ଼ୀ । ତୁ ନୂଆ ସାଏରୀ ନା ନୂଆ କବିତା, ଲକ୍ଷେ ଫଗୁଣ, ତୁ ତୁ ତୁ ଠୁମକୁ, ତେଲୁଗୁ ସୁନ୍ଦରୀ ଭଳି ଗୀତ ଦର୍ଶକଙ୍କୁ ଭେଟି ଦେଇଥିଲେ । ଏହି ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟରେ ଦର୍ଶକ ପ୍ରଜ୍ଞା ଓ ଶଙ୍କର୍‌ଙ୍କ କମେଡିର ମଜା ଉଠାଇଥିଲେ । ହାସ୍ୟ ଅଭିନେତା ପ୍ରଜ୍ଞା ପୁଅ ହୋଇଥିବା ବେଳେ ବାପା ଭୂମିକାରେ ନଜର ଆସିଥିଲେ ଶଙ୍କର । କ୍ରିକେଟ୍‌କୁ ଭିତ୍ତିକରି ୧୫ରୁ ୨୦ମିନିଟ୍ ଧରି ସେମାନେ କମେଡି ପରିବେଷଣ କରିଥିଲେ । ଏହି ଭିତ୍ତିପ୍ରସ୍ତରସ୍ଥାପନ ଅବସରରେ କ୍ରିକେଟ୍ ଇଜ୍ ସାଇନିଂ ସ୍ୱତନ୍ତ୍ର ସଙ୍ଗୀତ ପରିବେଷଣ କରାଯାଇଥିଲା । ଏଥିରେ ବାରବାଟୀର ସଂସ୍କୃତି, ଐତିହ୍ୟର ଝଲକ ଦେଖିବାକୁ ମିଳିଥିଲା । ଓସିଏ କେଉଁଭଳି ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳର ଯୁବ ଖେଳାଳିଙ୍କ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳି ଭାବେ ଗଢ଼ିବାକୁ ଚାହୁଁଛି, ତାହା ଏହି ଗୀତରେ ସ୍ଥାନିତ ହୋଇଛି ।

### 'ତୁ ଚିଜ୍ ବଡି ହେ ମସ୍ତ ମସ୍ତ' ଗୀତରୁ ଆରମ୍ଭ 'କାଲା ଚଷ୍‌ମା'ରେ ଶେଷ
### ମୋବାଇଲ୍ ଫ୍ଲାସ୍‌ରେ ଝଲସିଲା ଷ୍ଟାଡିୟମ୍





### ଅତିଥିଙ୍କ ମୁହଁରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଅଧ୍ୟକ୍ଷ ଅରୁଣ ସିଂହ ଧୂମାଲ ହୁଅନ୍ତୁ କି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ । ଅଥବା ପୂର୍ବତନ ଅନ୍ତର୍ଜାତୀୟ ଓଡ଼ିଆ କ୍ରିକେଟର ପ୍ରଜ୍ଞାନ ଓଝା । ବାରବାଟୀ ଷ୍ଟାଡିୟମ ନବକଳେବର ଭିତ୍ତିପ୍ରସ୍ତର ସ୍ଥାପନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅତିଥି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭୂରିଭୂରି ପ୍ରଶଂସା କରିଥିଲେ । ଓଡ଼ିଶା ନବନିର୍ମାଣର କର୍ଣ୍ଣଧାର ଭାବେ ଅଭିହିତ କରିବା ସହିତ ରାଜ୍ୟରେ କ୍ରୀଡ଼ାର ବିକାଶରେ ତାଙ୍କ ସମସ୍ତ ଅବଦାନକୁ ନିଜ ଅଭିଭାଷଣରେ କହିଥିଲେ । ଏପରିସ୍ଥଳେ ଦର୍ଶକଙ୍କ ମହଲରୁ ମଧ୍ୟ ଶୁଭିଥିଲା, ନବୀନ ପଟ୍ଟନାୟକ.. ଜିନ୍ଦାବାଦ ।







### ବିସିସିଆଇରୁ ମିଳିବ ସମ୍ପୂର୍ଣ୍ଣ ସହଯୋଗ

**ଫୋନ୍ କଲ୍‌ରେ ସବୁଜ ସଙ୍କେତ ଦେଲେ ଜୟ ଶାହ**

ବାରବାଟୀ ଷ୍ଟାଡିୟମର ନବୀକରଣ କାର୍ଯ୍ୟ ରାଜ୍ୟ ସରକାର, ଓସିଏ ଓ ବିସିସିଆଇର ମିଳିତ ଉଦ୍ୟମରେ ହେବ ବୋଲି ଘୋଷଣା ହୋଇଥିଲା । ତେବେ ଓସିଏ ପକ୍ଷରୁ ଯାହା ଆବଶ୍ୟକ ଥିବ ତାହାକୁ ପୂରଣ କରିବାକୁ ବିସିସିଆଇ ସମ୍ପୂର୍ଣ୍ଣ ଉଦ୍ୟମ କରିବ ବୋଲି ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଅଧ୍ୟକ୍ଷ ଅରୁଣ ସିଂହ ଧୂମାଲ ମଞ୍ଚରେ କହିଥିଲେ । ଏହାର କିଛି ସମୟ ପରେ ଓସିଏ ସଭାପତି ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଏଭଳି ଏକ ଘୋଷଣା କରିଥିଲେ ଯାହାକି ଷ୍ଟାଡିୟମର ଶତାଧିକ କ୍ରୀଡାପ୍ରେମୀଙ୍କ ମନରେ ଭରି ଦେଇଥିଲା ଉତ୍ସାହ । ସେ କହିଥିଲେ ଯେ, କିଛି ସମୟ ପୂର୍ବରୁ ବିସିସିଆଇ ସମ୍ପାଦକ ଜୟ ଶାହ ଫୋନ୍‌କଲ୍ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ କଥା ହୋଇଛନ୍ତି । ବାରବାଟୀ ନବକଳେବର ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଶ୍ରୀ ଶାହ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ଦାସ କହିଥିଲେ । ପ୍ରକାଶଥାଉକି, ଉଦଘାଟନୀ କାର୍ଯ୍ୟକ୍ରମରେ ବିସିସିଆଇ ସମ୍ପାଦକ ଶ୍ରୀ ଶାହଙ୍କୁ ଅତିଥି ଭାବେ ନିମନ୍ତ୍ରଣ ଦେଇଥିଲା ଓସିଏ । କିନ୍ତୁ ବ୍ୟକ୍ତିଗତ କାରଣ ଯୋଗୁଁ ସେ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରିନଥିଲେ ।

### ବିଦେଶ ଯିବ ଓସିଏ ଟିମ୍

ବାରବାଟୀ ଷ୍ଟାଡିୟମ ନୂଆ ରୂପ ନେବ । ଏହାକୁ ଇଣ୍ଡୋର କ୍ରିକେଟ ଷ୍ଟାଡିୟମରେ ପରିଣତ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) । ତେବେ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ ସହରରେ ଏଭଳି ଏକ କ୍ରିକେଟ ଷ୍ଟାଡିୟମ ପୂର୍ବରୁ ରହିଛି । ଯାହାକି ବିଶ୍ୱର ପ୍ରଥମ ଇଣ୍ଡୋର କ୍ରିକେଟ ଷ୍ଟାଡିୟମ । ବାରବାଟୀରେ ଯୋଜନା ସଫଳ ରୂପ ନେଲେ ଏହା ବିଶ୍ୱର ଦ୍ୱିତୀୟ ତଥା ଭାରତର ପ୍ରଥମ ଇଣ୍ଡୋର କ୍ରିକେଟ ଷ୍ଟାଡିୟମ ପାଲଟିବ । କିନ୍ତୁ ମେଲବୋର୍ଣ୍ଣରେ ରହିଥିବା ଇଣ୍ଡୋର କ୍ରିକେଟ ଷ୍ଟାଡିୟମରେ ଯେଉଁ ସବୁ ସମସ୍ୟା ଦେଖା ଦେଉଛି ତାହାକୁ ଏଡାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି ଓସିଏ କର୍ତ୍ତୃପକ୍ଷ । ମେଲବୋର୍ଣ୍ଣରେ ଥିବା ଷ୍ଟାଡିୟମରେ ସୂର୍ଯ୍ୟାଲୋକ ନପଡୁଥିବା ହେତୁ ଗ୍ରାଉଣ୍ଡର ଘାସ ସଠିକ ଭାବେ ବୃଦ୍ଧି ପାଉନାହିଁ । ଯଦ୍ୱାରା ଖେଳ ପ୍ରଭାବିତ ହେଉଛି । ଏହାଛଡ଼ା ବାୟୁପ୍ରବାହ ସମ୍ପୂର୍ଣ୍ଣ ପ୍ରଭାବିତ ହେଉଛି । ଏ ସବୁ ଯୋଗୁଁ ଦର୍ଶକ ମଧ୍ୟ ଅସନ୍ତୁଷ୍ଟ ହେଉଛନ୍ତି । ବାରବାଟୀ ଷ୍ଟାଡିୟମରେ ଏହି ସମସ୍ୟା କିପରି ନହେବ ସେ ଦିଗରେ ଓସିଏ ଉଦ୍ୟମ କରିଛି । ଓସିଏର ଏକ ଟିମ୍ ଖୁବଶୀଘ୍ର ଏକାଧିକ ବିଦେଶ ରାଷ୍ଟ୍ର ଯିବ । ଇଣ୍ଡୋର ଫୁଟବଲ ଷ୍ଟାଡିୟମ ଗୁଡିକ କିପରି ପରିଚାଳିତ ହେଉଛି ତାହା ଅନୁଧ୍ୟାନ କରି ଫେରିବ ବୋଲି ଜଣାପଡ଼ିଛି ।

### କଟକରେ ୮ଟି ନୂତନ କ୍ରିକେଟ୍ ଏକାଡେମୀ

ସମଗ୍ର ରାଜ୍ୟରେ ଓସିଏ ମୋଟ ୪୧ଟି ନୂତନ କ୍ରିକେଟ ଏକାଡେମୀ ପ୍ରତିଷ୍ଠା କରିଛି । ଯାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଉଦ୍‌ଘାଟନ କରିଥିଲେ । ତେବେ ଏହା ଭିତରେ କଟକରେ ରହିଛି ୮ଟି ଏକାଡେମୀ । କଟକର ବିଡାନାସୀ ମିନି ଷ୍ଟାଡିୟମ, ୟୁନିୟନ ସ୍ପୋର୍ଟିଂ କ୍ଲବ, ନିମପୁର, ସିଡିଏ ଡିଏଭି, କୁରାଙ୍ଗ ଶାସନ, ବିଶ୍ୱଭାରତୀ କ୍ଲବ, ସନସାଇନ କ୍ଲବ ଏବଂ ଷ୍ଟିୱାର୍ଟ ସ୍କୁଲରେ ଗୋଟିଏ ଲେଖାଏ କ୍ରିକେଟ ଏକାଡେମୀ ଖୋଲାଯାଇଛି । ପ୍ରତ୍ୟେକ ଏକାଡେମୀରେ ଟର୍ଫ ୱିକେଟ, ନେଟ୍ କେଜେସ୍, ଇଭି ରୋଲର୍, ପିଚ୍ ଗ୍ରାସ କଟର, ବୋଲିଂ ମେସିନ, ପ୍ରାକ୍ଟିସ କିଟ୍‌ସ, ଟ୍ରେନିଂ କିଟସ ସମେତ ଅନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଓସିଏ ପକ୍ଷରୁ ଯୋଗାଇ ଦିଆଯାଇଛି । ରାଜ୍ୟରେ କ୍ରୀଡ଼ା ରାଜଧାନୀ ଭାବେ ପରିଗଣିତ କଟକରେ ଏବେ କ୍ରିକେଟରଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି ହୋଇଛି ।



■ ମହାନଦୀ ଶଯ୍ୟା ଜବରଦଖଲ ମାମଲା

## ଯୁଗ୍ମ କମିଟି ତଦନ୍ତ କରିବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

**କଟକ, ୨୭ ।୨ (ସମିସ):** ମହାନଦୀର କଟକ ସହର ସୀମା ମଧ୍ୟରେ ଥିବା ଅନେକ ସ୍ଥାନରେ ବେଆଇନ ନିର୍ମାଣ ହୋଇଥିବା ଅଭିଯୋଗରେ ରୁଜୁ ମାମଲାର ଶୁଣାଣି କରି ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି) ଏକ ମିଳିତ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟିରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧି, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରତିନିଧି, ରାଜ୍ୟ ଜଳସମ୍ପଦ ବିଭାଗର ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରତିନିଧିଙ୍କ ସହ କଟକ ଜିଲ୍ଲାପାଳ ସଦସ୍ୟ ରହିବେ ବୋଲି ଏନଜିଟି କହିଛନ୍ତି । ଆସନ୍ତା ଦୁଇ ସପ୍ତାହ ଭିତରେ ଜବରଦଖଲ ଅଭିଯୋଗ ହୋଇଥିବା ସ୍ଥାନ ଗୁଡିକ ପରିଦର୍ଶନ କରିବ । ଏଥିସହ ଏହି କମିଟି ଘଟଣାସ୍ଥଳ ଯାଞ୍ଚ କରିବା ସହ ଯଦି କିଛି ଜବରଦଖଲ ହୋଇଥାଏ ତା'ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ପରାମର୍ଶ ଦେବ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି କମିଟିର ନୋଡାଲ ଏଜେନ୍ସି ରହିବ । ଆସନ୍ତା ଶୁଣାଣି ସୁଦ୍ଧା କମିଟି ପକ୍ଷରୁ ଏନଜିଟିରେ ରିପୋର୍ଟ ଉପସ୍ଥାପନ କରାଯିବ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ୨୩କୁ ସ୍ଥିର କରାଯାଇଛି । ମାମଲାରୁ ପ୍ରକାଶ ଯେ ସହରର କନ୍ହେଇପୁର, ଉଦିମୂଳ, ଗଡିରାଉତପାଟଣା ଏବଂ ଡିହସାହିରେ ଥିବା ମହାନଦୀ ନଦୀ ଶଯ୍ୟାରେ ବେଆଇନ ନିର୍ମାଣ କାର୍ଯ୍ୟ କରାଯାଉଥିବା ନେଇ ଶୈଳେଶ ସାହୁଙ୍କ ପକ୍ଷରୁ ଏନଜିଟିରେ ମାମଲା ରୁଜୁ ହୋଇଥିଲା । ମହାନଦୀ ଶଯ୍ୟାରେ ବେଆଇନ ନିର୍ମାଣ କାର୍ଯ୍ୟ ଉପରେ କର୍ତ୍ତୃପକ୍ଷ ନିଷ୍କ୍ରିୟତା ଅବଲମ୍ବନ କରୁଥିବା ନେଇ ଆବେଦନରେ ଦର୍ଶାଯାଇଥିଲା ।

ଖଣିଜ ନିୟମର ଖୋଲା ଉଲ୍ଲଙ୍ଘନ

# ରାସ୍ତା ପାର୍ଶ୍ୱରେ ବାଲି ଗଦା କରି ଚାଲିଛି ବିକ୍ରି

**କଟକ, ୨୭।୨ (ସମିସ):**



ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଲି ପରିବହନ ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇବା ସହ ନିର୍ଦ୍ଦେଶ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ହେଲେ ଏହି ସମୟ ବାହାରେ ଜିଲ୍ଲାର କେତେକ ବାଲିଘାଟ ଗୁଡିକରୁ ବାଲି ଉଠୁଥିବା ଜଣାପଡ଼ିଛି । ଗୋଟିଏ ପଟରେ ଯାନ୍ତ୍ରିକ ପଦ୍ଧତିରେ ବାଲି ଉଠାଣକୁ ଆବଶ୍ୟକତା ସ୍ଥଳେ ତଥା ଭୌଗଳିକ ସ୍ଥିତିକୁ ଦୃଷ୍ଟିରେ ରଖି ଅନୁମତି ଦିଆଯିବା ପାଇଁ ହାଇକୋର୍ଟ କହିଥିଲେ । ହେଲେ ଏହାକୁ ମଧ୍ୟ ଉଲ୍ଲଙ୍ଘନ କରାଯାଇ ଆସୁଥିବା ପରିଲକ୍ଷିତ ହୋଇଛି । ଗୋଟିଏ ପଟରେ ଚାଲାଣ ରୋକିବାକୁ ପ୍ରଶାସନ ସକ୍ଷମ ହୋଇନାହିଁ ।

ସେହିପରି କେବଳ ଘାଟ ଗୁଡିକରୁ ବାଲି ବିକ୍ରିର ଅନୁମତି ଥିଲେ ମଧ୍ୟ ରାସ୍ତାଘାଟ ଓ ଖୋଲା ଜାଗା ମାନଙ୍କରେ ବାଲି ଗଦା କରି ଏବେ ବି ବେଧଡକ ବିକ୍ରି ଚାଲିଛି । ଚୋରା ବାଲିକୁ ବିଭିନ୍ନ ସ୍ଥାନରେ ଜମା କରି ବିକ୍ରି କରିବା ଖଣିଜ ନିୟମର ଉଲ୍ଲଙ୍ଘନ ଅଟେ । ନିଲାମ ହୋଇଥିବା ବାଲିଘାଟ ହେଉ କିମ୍ବା କେତେକ ଅନ୍ୟାନ୍ୟ ଅଘୋଷିତ ବାଲିଘାଟକୁ ବାଲି ମାଫିଆମାନେ ବ୍ୟବହାର କରି ରାତିଅଧିଆ ବାଲି ଚୋରା ଚାଲାଣ କରୁଛନ୍ତି । ମହାନଦୀ, କାଠଯୋଡି, ଦେବୀ, ବିରୂପା, ଲୁଣା, ଚିତ୍ରୋତ୍ପଳା ଆଦି କେତେକ ନଦୀରେ ଏହି ସବୁ ଅଘୋଷିତ ଘାଟ ଚାଲୁଛି । ଏମିତିକି ଗୋଟିଏ ଟ୍ରାକ୍ଟର ଟ୍ରିପ ବାଲିର ଦାମ ୭୦୦ରୁ ୮୦୦ଟଙ୍କା ଗତ କିଛି ଦିନ ତଳେ ଥିବା ବେଳେ ଏବେ ଏହା ଦେଢ ହଜାରରୁ ଅଧିକ ହୋଇଯାଇଛି । କଟକ ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ବିଭିନ୍ନ ନଦୀରୁ ଦୈନିକ ସହସ୍ରାଧିକ ଟ୍ରିପ ବାଲି ଚାଲାଣ ହୋଇ ଏବେ ରାସ୍ତା କଡରେ ବିକ୍ରି ହେଉଛି । ହାଇକୋର୍ଟଙ୍କ ଆଦେଶ ପରେ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏନଫୋର୍ସମେଣ୍ଟ ଜାରି ରହିଥିବା ଖଣି ବିଭାଗ ପକ୍ଷରୁ କୁହାଯାଇଛି । ବିଗତ କିଛି ଦିନ ମଧ୍ୟରେ ବିଭିନ୍ନ ସ୍ଥାନରୁ ୧୦ରୁ ଅଧିକ ଗାଡିକୁ ଚୋରା ଖଣିଜ ଚାଲାଣ ଅଭିଯୋଗରେ ଜବତ କରାଗଲାଣି । ଜିଲ୍ଲାରେ ସମୁଦାୟ ୧୫ଟି ତହସିଲ ଅଧୀନରେ ମୋଟ ୧୦୭ଟି ବାଲିଘାଟ ରହିଥିଲେ ମଧ୍ୟ ତନ୍ମଧ୍ୟରୁ ୭୬ଟି ବାଲିଘାଟ ନିଲାମ କରାଯାଇଥିଲା । ସହରର ଖାନନଗର, ଘାଟକୂଳ, ସାର୍ତ୍ତୋଳ ଅଞ୍ଚଳରୁ ଚୋରାରେ ବାଲି ଚାଲାଣ ହେଉଛି । ଗୋଟିଏ ପଟରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବାଲିଘାଟ ଗୁଡିକ ସାମୟିକ ବନ୍ଦ ରହିଥିଲେ ବି କେଉଁଠୁ ବାଲି ଉଠୁଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଦିଓ ହାଇୱା ଗୁଡିକୁ କିଛି ଦିନ ହେବ ବାଲି ଚାଲାଣ କରୁଥିବା ଦେଖିବାକୁ ମିଳୁନାହିଁ କିନ୍ତୁ ଶହ ଶହ ସଂଖ୍ୟାରେ ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି । ଏଗୁଡିକ ବିରୋଧରେ କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ ।

## ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ପ୍ରତିବର୍ଷ କରାଯିବ ପୁରସ୍କୃତ



**କଟକ, ୨୭।୨ (ସମିସ):** ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ଚୟନ କରି ପ୍ରତ୍ୟେକ ବର୍ଷ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ପୁରସ୍କୃତ କରାଯିବ । ଆଜି ସ୍ଥାନୀୟ ଗାନ୍ଧି ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଘୋଷଣା କରିଛନ୍ତି । ଶ୍ରୀ ମହାନ୍ତ କହିଥିଲେ ଯେ, ସମ୍ପ୍ରତି ମୁଦ୍ରଣ ପ୍ରଯୁକ୍ତିବିଦ୍ୟାର ଯଥେଷ୍ଟ ଉନ୍ନତି ଘଟିଥିବାରୁ ଓଡ଼ିଆ ଭାଷାରେ ଅଧିକ ସଂଖ୍ୟକ ପୁସ୍ତକ ପ୍ରକାଶିତ ହେଉଛି । ମାତ୍ର ପ୍ରକାଶିତ ପୁସ୍ତକଗୁଡ଼ିକରେ ବନାନଗତ ତଥା ବ୍ୟାକରଣଗତ ତ୍ରୁଟି ଭରି ରହୁଥିବା ଦେଖିବାକୁ ମିଳୁଛି । ଏଥିଯୋଗୁଁ ଓଡ଼ିଆ ଭାଷା ଓ ସାହିତ୍ୟ ବିକୃତ ହେଉଛି । ଗୁରୁତ୍ୱ ସହକାରେ ପ୍ରୁଫ୍-ଦେଖା ହେଉ ନ ଥିବାରୁ ତ୍ରୁଟି ସବୁ ସଂଶୋଧନ ହୋଇପାରୁ ନାହିଁ । ଉନ୍ନତ ଦେଶଗୁଡ଼ିକରେ ପ୍ରୁଫ୍-ସଂଶୋଧନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଆମ ଦେଶରେ ଆଜିକାଲି ତାହାକୁ ହାଲୁକା ଭାବରେ ନିଆଯାଉଛି । ଏପରିକି ଆଦୌ ପ୍ରୁଫ୍-ସଂଶୋଧକଙ୍କ ସାହାଯ୍ୟ ନ ନେଇ ମଧ୍ୟ ବହି ଛପାଯାଉଛି । ଉପଯୁକ୍ତ ପ୍ରୁଫ୍-ସଂଶୋଧନର ଅଭାବ ହିଁ ସମ୍ପ୍ରତି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ସବୁଠାରୁ ବଡ଼ ସଂକଟ ରୂପେ ଉଭା ହୋଇଛି । ଏହି ପରିପ୍ରେକ୍ଷୀରେ ପ୍ରୁଫ୍-ସଂଶୋଧନର ଗୁରୁତ୍ୱକୁ ସମାଜ ଆଗରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଉଚ୍ଚଶିକ୍ଷିତ ଯୁବକଙ୍କୁ ଏ ଦିଗରେ ଆକର୍ଷିତ କରିବା ଲକ୍ଷ୍ୟ ନେଇ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ତରଫରୁ ପ୍ରତିବର୍ଷ ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ଅର୍ଥରାଶି ସହ ପୁରସ୍କୃତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଚୟନବେଳେ ଉଭୟ ପେସାଦାର ଓ ସୌଖୀନ ପ୍ରୁଫ୍-ସଂଶୋଧକଙ୍କ କଥା ବିଚାରକୁ ନିଆଯିବ ବୋଲି ଶ୍ରୀ ମହାନ୍ତ ଘୋଷଣା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ନ୍ୟାସର ସଦସ୍ୟ ଡକ୍ଟର ଶଂକର୍ଷଣ ମିଶ୍ର, ଡ. ନାରାୟଣ ମହାନ୍ତି ଓ ଡ. ସୁଶାନ୍ତ କୁମାର ଦାସ ଉପସ୍ଥିତ ଥିଲେ ।

■ ରାଷ୍ଟ୍ରପତିଙ୍କ କଟକ ଗସ୍ତ କାର୍ଯ୍ୟକ୍ରମ

## ସୁରକ୍ଷା ଦାୟିତ୍ୱରେ ୨୫ ପ୍ଲାଟୁନ ଫୋର୍ସ, ୨ଶହ ଅଫିସର

**କଟକ, ୨୭ ।୨ (ସମିସ):** ଦୁଇ ଦିନ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଗସ୍ତରେ ଆସିବେ । ଇନଡୋର ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ସେ ଯୋଗଦେବେ । ରାଷ୍ଟ୍ରପତିଙ୍କ ଗସ୍ତସୂଚୀ ଚୂଡାନ୍ତ ହୋଇଛି । ରାଷ୍ଟ୍ରପତି ଭବନରୁ ଜାରି ହୋଇଥିବା ସୂଚୀ ଅନୁସାରେ, ୧ ତାରିଖ ଅପରାହ୍ନ ୩ଟା ବେଳେ ରାଷ୍ଟ୍ରପତି ଭୁବନେଶ୍ୱର ରାଜଭବନରୁ କାର ଯୋଗେ କଟକ ଆସିବେ । ଜାତୀୟ ରାଜପଥ ହୋଇ ରାଷ୍ଟ୍ରପତିଙ୍କ କାର୍‌କେଡ ଇନଡୋର ଷ୍ଟାଡିୟମରେ ଅପରାହ୍ନ ୩ଟା ୫୦ରେ ପହଞ୍ଚିବେ ।

ସେଠାରେ ଆୟୋଜିତ ହେଉଥିବା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ଅବସରରେ ମହାମହିମ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ସେ ପ୍ରାୟ ୧ ଘଣ୍ଟା ୧୦ ମିନିଟ ଅର୍ଥାତ ପୁରା ୭୦ ମିନିଟ ଉକ୍ତ କାର୍ଯ୍ୟକ୍ରମରେ ରହିବେ । ସନ୍ଧ୍ୟା ୫ଟାରେ ସେ ଇନଡୋର ଷ୍ଟାଡିୟମରୁ ବାହାରି ପୁଣି କାର ଯୋଗେ ଭୁବନେଶ୍ୱର ରାଜଭବନ ଫେରିଯିବେ । ତେବେ ଏହି ଗସ୍ତ ପାଇଁ ବ୍ଲୁବୁକ ଅନୁସାରେ ସୁରକ୍ଷା ବ୍ୟବସ୍ଥା କରାଯାଉଛି । ଏହି କ୍ରମରେ ଆଜି 'ଆଡଭାନ୍ସ ସିକ୍ୟୁରିଟି ଲିଆସିନିଂ'ର ଏକ ସମନ୍ୱୟ ବୈଠକ ଇନ୍‌ଡୋର ଷ୍ଟାଡିୟମରେ ହୋଇଥିଲା । କ୍ରାଇମବ୍ରାଞ୍ଚ ଏସପିଙ୍କ ସହିତ, କଟକ ଏଡିସିପି, ସ୍ପେସାଲ ବ୍ରାଞ୍ଚ, ଷ୍ଟାଡିୟମ କର୍ତ୍ତୃପକ୍ଷ, ଅଗ୍ନିଶମ, ଆୟୋଜକ ଅନୁଷ୍ଠାନ, ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ସାଜସଜ୍ଜା ଦାୟିତ୍ୱରେ ଥିବା ସଂସ୍ଥାର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ । ସୁରକ୍ଷା ବ୍ୟବସ୍ଥାରେ ପ୍ରାୟ ୨୫ ପ୍ଲାଟୁନ ଫୋର୍ସ ଓ ୨ଶହ ଅଫିସର ରହିବେ ବୋଲି ସୂଚନା ମିଳିଛି । ତେବେ କଟକ ପୋଲିସ ପକ୍ଷରୁ ଫୁଲନଖରା ପାଖରୁ ଜାତୀୟ ରାଜପଥ ହୋଇ ଶିଖରପୁର ଏବଂ ପରେ ଚିଂ ବନ୍ଧରେ ପୁରା ଇନଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ରୁଟ ଲାଇନିଂ ବ୍ୟବସ୍ଥା କରାଯାଇଛି । ଏହାଛଡା କାର୍ଯ୍ୟକ୍ରମ ସ୍ଥଳରେ ଖୋଦ ଡିସିପିଙ୍କ ନେତୃତ୍ୱରେ ପର୍ଯ୍ୟାପ୍ତ ଫୋର୍ସ, ଡଗ୍ ସ୍କ୍ୱାଡ, ବମ ସ୍କ୍ୱାଡ ଓ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ସୁରକ୍ଷା ୟୁନିଟର କମାଣ୍ଡୋମାନେ ରହିବେ । ରାଷ୍ଟ୍ରପତିଙ୍କ କାରକେଡ ନେଇ ବୁଧବାର ଏକ ରିର୍ହସାଲ ଆୟୋଜିତ ହେବ । ଭୁବନେଶ୍ୱରରୁ ଏହି କାରକେଡକୁ ଭୁବନେଶ୍ୱର ପୋଲିସ ଆଣି ଫୁଲନଖରା ପାଖରେ ଛାଡିବ । ସେଠାରୁ କଟକ ପୋଲିସ ଆଡଭାନ୍ସ ପାଇଲଟିଂ ଯୋଗେ ଇନ୍‌ଡୋର ଷ୍ଟାଡିୟମ ନେଇ ଆସିବ । ପୁଣି ସମାନ ଢଙ୍ଗରେ କାରକେଡକୁ ପୁଲିସ ନେଇ ଭୁବନେଶ୍ୱର ଫେରିବ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ୧୯୮୭ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ




**କଟକ, ୨୭।୨ (ସମିସ):** କଟକ ଖାନନଗର ହାଇସ୍କୁଲର ୧୯୮୭ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ କଟକ ସଦର ଥାନା ଅଧୀନ ଗୋପାଳପୁର ବଢେଇସାହି କାଠଯୋଡି କୂଳ ଆମୋଦ ପ୍ରମୋଦ ଉଦ୍ୟାନରେ ଅନୁଷ୍ଠିତ ବନ୍ଧୁମିଳନରେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ପ୍ରାକ୍ତନ ଶିକ୍ଷକ ନିକୁ କିଶୋର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଦିବଙ୍ଗତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କିଛି ଛାତ୍ରଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ବନ୍ଧୁମିଳନରେ ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଛାତ୍ରମାନେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସାଙ୍ଗକୁ ଆର୍ଶିବାଦ ଭିକ୍ଷା କରିଥିଲେ । କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସୁକାନ୍ତ ବେହେରା, ହେମନ୍ତ ବେହେରା, ବିଜୟ ମହାପାତ୍ର, ରମାକାନ୍ତ ବେହେରା, ଭରତ ଦଳାଇ ପ୍ରମୁଖ ମତବ୍ୟକ୍ତ କରିଥିଲେ ।

ମିଶନ ଶକ୍ତି ଋଣର ସୁଧ ଫେରସ୍ତ କଲେ ରାଜ୍ୟ ସରକାର

## ୩୦୮ ମହିଳା ଏସ୍‌ଏଚ୍‌ଜି ପାଇବେ ୨୩ ଲକ୍ଷ

**କଟକ, ୨୭।୨ (ସମିସ):** ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମାନେ ନେଇଥିବା ଋଣର ୧୪୦ କୋଟି ଟଙ୍କାର ସୁଧ ବାବଦ ଅର୍ଥ ରାଶିକୁ ଫେରସ୍ତ କରିଛନ୍ତି । ଏହି ଟଙ୍କା ସେମାନଙ୍କର ଆକାଉଣ୍ଟକୁ ସିଧାସଳଖ ପହଞ୍ଚିବ । ଏହି ଯୋଜନାରେ ରାଜ୍ୟର ପ୍ରାୟ ୨ ଲକ୍ଷ ୬୫ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହୋଇଛନ୍ତି । ସେହିପରି କଟକ ମହାନଗର ନିଗମ ଅଞ୍ଚଳର ୩୦୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ପ୍ରାୟ ୨୩ ଲକ୍ଷ ସୁଧ ଫେରସ୍ତ ଆକାରରେ ପାଇବେ । ଏଥି ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ପୂର୍ବରୁ ପାଉଥବା ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ପାଉଥିଲେ । ଏବେ ଏହାକୁ ୧୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ସରକାର । ଏହି ଅବସରରେ ଏକ ସଭା କଟକ ମହାନଗର ନିଗମ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ କଟକ ଚୌଧୁରୀବଜାର ସ୍ଥିତ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମେୟର ଶ୍ରୀ ସିଂଙ୍କ ସହିତ କର୍ପୋରେଟର ବନଲତା ପ୍ରଧାନ, ସିଡିପିଓ ନିବେଦିତା ବିଭୁତିରାୟ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ବିରଜା ପ୍ରସନ୍ନ କର, କଟକ ମହିଳା ସମବାୟ ବ୍ୟାଙ୍କର ମ୍ୟାନେଜର ସୌଦାମିନୀ ମୁଦୁଲି, କଟକ ସମବାୟ ବ୍ୟାଙ୍କର ମ୍ୟାନେଜର ବିଶ୍ୱଜିତ, ବିପିଓ ବିବେକାନନ୍ଦ ଜେନା, ମହିଳାନେତ୍ରୀ ବୃନ୍ଦ, ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜିଲ୍ଲା ମିଶନ ଶକ୍ତିର ଅଧିକାରୀମାନେ ଉପସ୍ଥିତ ଥିଲେ ।



ମନୋଜ ଦାସଙ୍କ ୯୦ତମ ଜୟନ୍ତୀ

## ମନୋଜ ସ୍ମୃତି ସାହିତ୍ୟ ପୁରସ୍କାର ପ୍ରଦାନ



**କଟକ, ୨୭ ।୨(ସମିସ):** ମନୋଜ ଦାସ ସ୍ମୃତି ସଂସଦ ଆନୁକୂଲ୍ୟରେ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ପ୍ରଖ୍ୟାତ ସାହିତ୍ୟ ସାଧକ ତଥା ବିଶିଷ୍ଟ କଥାକାର ମନୋଜ ଦାସଙ୍କ ୯୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ସଂସଦର ସଭାପତି କଥାକାର ତରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ପ୍ରାବନ୍ଧିକ ଡଃ ବାବାଜୀ ଚରଣ ପଟ୍ଟନାୟକ ଓ ସମ୍ମାନୀତ ଅତିଥି ଭାବେ ଡଃ ଜ୍ଞାନୀ ଦେବାଶିଷ ମିଶ୍ର ଯୋଗ ଦେଇଥିଲେ । ଉଭୟ ଅତିଥି ମନୋଜ ଦାସଙ୍କ ଗଳ୍ପ ଓ ସାହିତ୍ୟର ନାନା ଦିଗ ଦିଗନ୍ତ ଉପରେ ଆଲୋଚନା କରିଥିଲେ । ସହସମ୍ପାଦକ ସ୍ୱାତୀ ସୁଚରିତା ଅତିଥିବରଣ କରିଥିବା ବେଳେ ସମ୍ପାଦକ ପ୍ରକାଶକୁମାର ପରିଡ଼ା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଉପସଭାପତି ଡଃ ସୁନାମଣି ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗାଳ୍ପିକା ସ୍ୱୟଂପ୍ରଭା ସାହୁଙ୍କୁ 'ମନୋଜ ସ୍ମୃତି ସାହିତ୍ୟ ପୁରସ୍କାର' ପ୍ରଦାନ କରାଯାଇଥିଲା । ପରିଚାଳନା ସମ୍ପାଦକ ଦିଲ୍ଲୀପ କୁମାର ବେଉରା ଧନ୍ୟବାଦ ଦେଇଥିଲେ ।

## ବାଦାମବାଡି ଆଇଆଇସିଙ୍କୁ ସମ୍ବର୍ଦ୍ଧନା

**କଟକ, ୨୭।୨ (ସମିସ):** କୈବମା ତାରିଣୀ ପୂଜା କମିଟି ତରଫରୁ ବାଦାମବାଡି ଥାନା ଭାରପ୍ରାପ୍ତ ଅଧିକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ବାଦାମବାଡ଼ି ଥାନାର ନୂତନ ଅଧିକାରୀ ଅଜୟ ରାହୁଳଙ୍କୁ ମା' ତାରିଣୀ ପୂଜା କମିଟିର ସଭାପତି ନିମାଇଁ ଚରଣ ବିଶ୍ୱାଳ, ସମ୍ପାଦକ ଶିଶିର ଛାଟୋଇଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ କମିଟିର ଅଭିରାମ ରାଉତ, ରବି ସ୍ୱାଇଁ, ବବୁଲୁ ବିଶ୍ୱାଳ, ବୁଲୁ ଘୋଷ, ମିଟୁଆ ବେହେରା, ଧୀରଣୀ ସାହୁ, ନିଧି ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ, ଯୁଧିଷ୍ଠିର ଘୋଷ, ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ସାକ୍ଷାତ କରିଥିଲେ । ଶ୍ରୀ ବିଶ୍ୱାଳ ଆଇନ ଶୃଙ୍ଖଳାରେ ସୁଧାର ଆଣିବା ସହିତ ଗରିବଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଆଲୋଚନା କରିଥିଲେ ।

ରାଜ୍ୟସ୍ତରୀୟ ଚୁଲିମୁଣ୍ଡ ଲୋକଗଳ୍ପ ମହୋତ୍ସବ

# ଗାଳ୍ପିକ ଅଜୟ ମହାପାତ୍ରଙ୍କୁ ରାଜ୍ୟସ୍ତରୀୟ ଗଳ୍ପରତ୍ନ ସମ୍ମାନ

**କଟକ, ୨୭।୨ (ସମିସ):**




କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ରାଜ୍ୟସ୍ତରୀୟ ଚୁଲିମୁଣ୍ଡ ଲୋକ ଗଳ୍ପ ମହୋତ୍ସବ ବୁଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ । ରାଜ୍ୟସ୍ତରୀୟ ଲୋକ ଗଳ୍ପ ପଠନ ଓ ଆଲୋଚନାଚକ୍ର ଦୁଇଟି ପର୍ଯ୍ୟାୟରେ କରାଯାଇଥିଲା । କୁଳପତି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରଫେସର ଡକ୍ଟର ପ୍ରସନ୍ନ କୁମାର ସ୍ୱାଇଁ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଯୋଗଦେଇଥିଲେ । ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାଶ, ପ୍ରଫେସର ଡ. ସୁଲୋଚନା ଦାସ, ମୁଖ୍ୟବକ୍ତା ଡ. କୈଳାଶ ଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ ଇଂ ଅଜୟ ମହାପାତ୍ର, ବିଶିଷ୍ଟ ଗାଳ୍ପିକ ଏବଂ ସୁରେନ୍ଦ୍ରନାଥ ତ୍ରିପାଠୀ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗାଳ୍ପିକା ଡ. ସ୍ନେହାଶ୍ରୀ ସ୍ୱାଇଁ, ସ୍ତମ୍ଭକାର ଓ ଗାଳ୍ପିକ ଲଳିତେନ୍ଦୁ ପଲାଉରି ଯୋଗଦେଇ ଚୁଲିମୁଣ୍ଡକୁ ନେଇ ସୁନ୍ଦର ଗଳ୍ପର ଅବତାରଣା କରିଥିଲେ । ଏହି ଅବସରରେ ଡ. କୈଳାଶ ଚନ୍ଦ୍ର ତ୍ରିପାଠୀଙ୍କ 'ଅନୁଚିନ୍ତା ପରିଣତ ବୟସର', ଗାଳ୍ପିକ ଅଜୟ କୁମାର ପଣ୍ଡାଙ୍କ 'ବିନ୍ଦୁଏ କାକର' ଏବଂ ଗଣପତି ସ୍ୱାଇଁଙ୍କ 'ଦିବ୍ୟ ଝଙ୍କାର'ର ଉନ୍ମୋଚନ କରାଯାଇଥିଲା । ନୃତ୍ୟଶିଳ୍ପୀ ଜ୍ୟୋତି ପ୍ରଜ୍ଞା ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ । ପଚାଶ ଜଣ ଗାଳ୍ପିକ ଏବଂ ଗାଳ୍ପିକା ସ୍ୱରଚିତ ଲୋକଗଳ୍ପ ଚମତ୍କାର ଶୈଳୀରେ ପଠନ କରିଥିଲେ ଏବଂ ନୀତିଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଥମ ଅଧିବେଶନରେ ସାହିତ୍ୟିକା ଜୟଶ୍ରୀ ପଟ୍ଟନାୟକ ଏବଂ ଦ୍ୱିତୀୟ ଅଧିବେଶନରେ ସୁଭବ୍ରତ ମହାପାତ୍ର, ଜୟଶ୍ରୀ ମୁଦ୍ରା ଓ ସୁଶ୍ରୀ ସଙ୍ଗୀତା ମଞ୍ଚ ପରିଚାଳନା କରିଥିଲେ । ଗାଳ୍ପିକ ଅଜୟ ମହାପାତ୍ରଙ୍କୁ ରାଜ୍ୟସ୍ତରୀୟ ଗଳ୍ପରତ୍ନ ସମ୍ମାନ ଏବଂ ଯୁବ ଗାଳ୍ପିକ ଲଳିତ କୁମାର ସ୍ୱାଇଁଙ୍କୁ ରାଜ୍ୟସ୍ତରୀୟ ଗଳ୍ପ ଗୌରବ ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା । ଡ଼କ୍ଟର କୈଳାସ ଚନ୍ଦ୍ର ତ୍ରିପାଠୀ ଏବଂ ଡ଼କ୍ଟର ସୁକାନ୍ତି ମହାପାତ୍ରଙ୍କୁ ରାଜ୍ୟସ୍ତରୀୟ ସାହିତ୍ୟ ରତ୍ନ ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା । ଦୁଇ ଶହରୁ ଊର୍ଦ୍ଧ୍ୱ ଗାଳ୍ପିକ ଏବଂ ଗାଳ୍ପିକାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଉପଦେଷ୍ଟା ବିପିନ ବିହାରୀ ବାରିକ ଧନ୍ୟବାଦ୍ ଦେଇଥିଲେ ।




• କେନାଲରୁ ମାଟି ତାଡ଼ି ରାସ୍ତା ନିର୍ମାଣ

# ଜଳସମ୍ପଦ ବିଭାଗ ଏସ୍‌ଡିଓ ଓ ସହକାରୀ ଯନ୍ତ୍ରୀଙ୍କ ତଦନ୍ତ

ମାହାଙ୍ଗା,୨୭।୨(ସମିସ)



ମାହାଙ୍ଗା ବ୍ଲକ ଅଧୀନ ଖଦୋଲ-ଉମର ଭାୟା ଝାଡେଶ୍ୱରପୁର ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ସମୟରେ ଧର୍ମାଗତପୁର ଜଳସମ୍ପଦ ବିଭାଗର ୬ଡି ୧/୨ ନାଳ ମଧ୍ୟରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେନାଲ ଶଯ୍ୟା ଓ ବନ୍ଧକୁ ତାଡି ତା ମଧ୍ୟରେ ସୁରକ୍ଷା ପ୍ରାଚୀର ନିର୍ମାଣ କରି ମାଟି ଉଠାଇ ନେଇ ରାସ୍ତା କାର୍ଯ୍ୟ କରୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କ ନିର୍ଦ୍ଦେଶକ୍ରମେ ଆଜି ଘଟଣାର ତଦନ୍ତ କରାଯାଇଛି। ତେବେ ବିଭାଗ ପକ୍ଷରୁ କେନ୍ଦୁପାଟଣା ଜଳସଂପଦ ଉପଖଣ୍ଡ ଅଧିକାରୀ ଅକ୍ଷୟ ମଲିକ ଓ ଧର୍ମାଗତପୁର ଜଳସଂପଦ ସେକ୍ସନର ସହକାରୀ ଯନ୍ତ୍ରୀ ରମେଶ ମଲିକ ଭଉଁରିଆ ପଞ୍ଚାୟତ ପନ୍ଦରବାଟିଆ ଗ୍ରାମରେ ପହଞ୍ଚି କେନାଲର ସ୍ଥିତି ଅନୁଧ୍ୟାନ କରିବା ସହ ଲୁଟ ହୋଇଥିବା ମାଟି ସଂପର୍କରେ ତଦନ୍ତ କରି ସବିଶେଷ ତଥ୍ୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଇଥିବା ଜଣାଯାଇଛି। ଏହି ଘଟଣାର ଅନୁଧ୍ୟାନ ପରେ ସଂପୃକ୍ତ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଖଣ୍ଡ ଅଧିକାରୀ ଶ୍ରୀ ମଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ମାହାଙ୍ଗା ବ୍ଲକ ଅଧୀନ ଖଦୋଲ-ଉମର ଭାୟା ଝାଡେଶ୍ୱରପୁର ପ୍ରଧାନମନ୍ତ୍ରୀ ସଡକ ଯୋଜନା ସଂପ୍ରସାରଣ କାର୍ଯ୍ୟ ୬ କୋଟି ଟଙ୍କା ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧୀନରେ ଏହି ରାସ୍ତା ସଂପ୍ରସାରଣ କାର୍ଯ୍ୟ ଚାଲିଛି। ତେବେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ କାର୍ଯ୍ୟ କରାଯାଇ ସରକାରୀ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହେଉଥିଲା। ଏହି ରାସ୍ତା ସଂପ୍ରସାରଣ ସମୟରେ ଚାଷ ଜମିରେ ପାଣି ପହଞ୍ଚାଇବା ନିମନ୍ତେ ପଲ୍ଲିସାହିଠାରୁ ଭଉଁରିଆ ପଞ୍ଚାୟତ ପନ୍ଦରବାଟିଆ ପର୍ଯ୍ୟନ୍ତ ଥିବା ଓସାରିଆ କେନାଲକୁ ସଂପୃକ୍ତ ଠିକାଦାର ଜଳସଂପଦ ବିଭାଗ ବିନା ଅନୁମତିରେ ତାଡି ତା ମଧ୍ୟରେ ସୁରକ୍ଷା କାନ୍ଥ ନିର୍ମାଣ କରିବା ସହ କେନାଲ ମଧ୍ୟରୁ ମାଟି ତାଡି ନେଇ ରାସ୍ତା ପାର୍ଶ୍ୱରେ ଫିଲିଙ୍ଗ କରୁଥିଲେ। ଅପରପକ୍ଷରେ ଏହି ରାସ୍ତା ନିର୍ମାଣରେ ଆବଶ୍ୟକୀୟ ଥିବା ମାଟି ଫିଲ୍ଲିଂ କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ କେନାଲରୁ ମାଟି ଲୁଟ୍ କରି ବିଭାଗୀୟ ଅଧିକାରୀ ଓ ଠିକାଦାର ମାଲାମାଲ ହେଉଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ଏହି କେନାଲ ପ୍ରାୟ ୧୦ ଫୁଟ ଓସାର ଥିବାବେଳେ ରାସ୍ତା ନିର୍ମାଣ ଯୋଗୁ ଏବେ ଏହାର ଓସାର ଦୁଇରୁ ତିନି ଫୁଟକୁ କମି ଯାଇଛି।

## ମିଶନ ଶକ୍ତି ଭବନ ଉଦ୍‌ଘାଟିତ



**ଟାଙ୍ଗୀ,୨୭ ।୨(ସମିସ):** ମହିଳାଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ତଥା ବ୍ଲକ୍‌ସ୍ତରୀୟ ମିଶନ ଶକ୍ତି ମହାସଂଘ ସୁପରିଚାଳନା ନିମନ୍ତେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଭବନ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉକ୍ତ ଭବନ ଉଦଘାଟନ କରିଥିଲେ। ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଗୃହ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ବିଜେଡି ସଂଗଠକ କୃଷ୍ଣଚନ୍ଦ୍ର ଦାସ, ଜନ୍ମେଜୟ ଖିଲାର, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ ଓ ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ମହିଳାଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ବ୍ଲକ ମହାସଂଘ ସଭାନେତ୍ରୀ ଅନୁରାଧା ନାୟକ, ସମ୍ପାଦିକା ବନ୍ଦନା ପ୍ରଧାନ, ଉପସଭାନେତ୍ରୀ ରୀତା ସ୍ୱାଇଁ, ସହସମ୍ପାଦିକା ନିବେଦିତା ସାହୁ, କୋଷାଧ୍ୟକ୍ଷା ଧରିତ୍ରୀ ସାହୁ, ସଦସ୍ୟା ସନ୍ଧ୍ୟାରାଣୀ ମହାନ୍ତି, ନିର୍ମଳା ବେହେରା, ସାଗରିକା ଦାଶ, ଗାୟତ୍ରୀ ସାହୁ, କ୍ଷୀରମଣି ମହନ୍ତ ଓ ସସ୍ମିତା ପତି ପ୍ରମୁଖ ବିଧାୟକ ଶ୍ରୀ ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଜିଲ୍ଲାପାଳଙ୍କୁ ଭେଟିଲେ ଓଟିଏମ୍ କଲୋନୀ ଓ ବସ୍ତିବାସିନ୍ଦା ଥଇଥାନ ସଂଗଠନ

**ଚୌଦ୍ୱାର,୨୭।୨(ସମିସ):** ଓଟିଏମ୍ ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ହେଉଥିବାରୁ ଏଥିପାଇଁ ବିସ୍ଥାପିତ ହେବାକୁ ଥିବା ପରିବାରଙ୍କୁ ଥଇଥାନ କରିବା ଦିଗରେ ତୁରନ୍ତ ପଦକ୍ଷେପ ପାଇଁ ଓଟିଏମ୍ କଲୋନୀ ଓ ବସ୍ତିବାସିନ୍ଦା ଥଇଥାନ ସଂଗଠନ ତରଫରୁ ମଙ୍ଗଳବାର ଦିନ କଟକ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ତରଫରୁ ଜୟସିଂ, ଆଇନଜୀବୀ ସରିତା ଦାସ, ଭୀମସେନ ବିଶ୍ୱାଳ, ବିଶ୍ୱଜିତ୍ ଭଞ୍ଜ, ଜିତୁ ମହାନ୍ତି, କାହ୍ନୁ ନନ୍ଦ ପ୍ରମୁଖ ପ୍ରତିନିଧି ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ବିସ୍ଥାପିତଙ୍କ ଥଇଥାନ ସମ୍ପର୍କରେ ଆଲୋଚନା କରି ନୂତନ ଶିଳ୍ପ ପ୍ରତିଷ୍ଠା ହେଲେ ଓଟିଏମ୍ କଲୋନୀ ଓ ଏଥି ସଂଲଗ୍ନ ବିଭିନ୍ନ ବସ୍ତିରେ ରହୁଥିବା ୨ହଜାର ପରିବାର ବିସ୍ଥାପିତ ହେବେ ବୋଲି ସୂଚନା ଦେଇ ଉକ୍ତ ୨ହଜାର ପରିବାରକୁ ଥଇଥାନ କରିବା ପାଇଁ ପଦକ୍ଷେପ ନେବାକୁ ସଂଘ ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ବିସ୍ଥାପିତ ହେବାକୁ ଥିବା ୭୦୦ ପରିବାରର ତାଲିକା ଜିଲ୍ଲା ପ୍ରଶାସନ ପାଖରେ ଥିବା ପ୍ରକାଶ କରି ଆଉ ଥରେ ପ୍ରଶାସନିକସ୍ତରରେ ଏକ ସର୍ଭେ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧିମାନେ ସୂଚନା ଦେଇଛନ୍ତି।

## ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା

**ଫୁଲନଖରା,୨୭।୨(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ ଆମଣ ଗ୍ରାମପଞ୍ଚାୟତସ୍ଥିତ ବରୁଣେଶ୍ୱର ମହାଦେବ ମନ୍ଦିର ପରିସରରେ ରାଜ୍ୟ ଯୋଜନା ଆନୁକୂଲ୍ୟରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା ଆତ୍ମାର ଅଧ୍ୟକ୍ଷ ରଜନୀକାନ୍ତ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବ୍ଲକର ୩ଟି ପଞ୍ଚାୟତ ଯଥା ଆମଣ, ଉରାଳୀ ଓ ଖଣ୍ଡାଏତା ଚାଷୀଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କଟକ ସଦର ସହକାରୀ ଉଦ୍ୟାନ ଅଧିକାରୀ ଦେବୀ ପ୍ରସାଦ ରାଉତ ମୁଖ୍ୟଅତିଥି ଭାବରେ ଯୋଗଦେଇ କମ୍ ଖର୍ଚ୍ଚରେ ବିଭିନ୍ନ କିସମର ଉଦ୍ୟାନଭିତ୍ତିକ କୃଷିକୁ ଆପଣେଇ ଚାଷୀମାନେ କିପରି ଲାଭବାନ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ ମାନସୀ ପୃଷ୍ଟିଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆମଣ ସମିତିସଭ୍ୟ ରାଜ କିଶୋର ପଟ୍ଟନାୟକ, ଖଣ୍ଡେଏତା ସମିତିସଭ୍ୟ ଜୟନ୍ତୀ ସ୍ୱାଇଁ, ଉରାଳୀ ସମିତିସଭ୍ୟ ଶୁକଦେବ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ପରିଡା, ସୁବାସିନୀ ସେଠୀ, ଦୀପାଞ୍ଜଳି ସେଠୀ, ଆତ୍ମାର ସଦସ୍ୟ ଜ୍ୟୋତିରାଣୀ ପଣ୍ଡା, ଉଦ୍ୟାନ ଅଧିଦର୍ଶକ ଚିତ୍ତ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମର କୃଷକ ସାଥୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେଶୀ ବିହନ ପ୍ରଦର୍ଶନୀ ଉଦ୍‌ଘାଟିତ

• ଶହେରୁ ଊର୍ଦ୍ଧ୍ୱ ଦେଶୀ ଧାନ ଓ ପନିପରିବା ବିହନ ପ୍ରଦର୍ଶିତ



**ନିଆଳି,୨୭।୨(ସମିସ):** ନିଆଳି ଲୋକ ସମବାୟ ପ୍ରତିଷ୍ଠାନ ଆୟୋଜନରେ ଦୁଇଦିନିଆ ଦେଶୀ ବିହନ ପ୍ରଦର୍ଶନୀ ମଙ୍ଗଳବାର ନିଆଳି ସ୍ଥିତ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ୧ଶହ ପ୍ରକାରର ଦେଶୀ ଧାନ ସହ ବିଭିନ୍ନ ପ୍ରକାର ପନିପରିବା ବିହନ ପ୍ରଦର୍ଶିତ ହୋଇଥିଲା। ନାବାଡର୍ ସହାୟତାରେ ଏହି ପ୍ରଦର୍ଶନୀକୁ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ଡାକ୍ତର ଅଧିରାଜ କୁମାର ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ନଟବର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ବଂଶିଧର ଷଡ଼ଙ୍ଗୀ, ପୁଷ୍ପା ପରିଡ଼ା, ଦୀପ୍ତି ପ୍ରତିହାରୀ ଓ କାର୍ତ୍ତିକ ଷଡ଼ଙ୍ଗୀ, ଚାଷୀ ଅକ୍ଷୟ ସ୍ୱାଇଁ, ଧର୍ମାନନ୍ଦ ସ୍ୱାଇଁ, ଲିଟୁ ନାୟକ, ପ୍ରସନ୍ନ ପ୍ରଧାନ, ବିନୟ ରାଉତ ପ୍ରମୁଖ ଯୋଗଦେଇ 'ଯାନ୍ତ୍ରିକ ଓ ରାସାୟନିକ କୃଷିର ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରଭାବ' ଶୀର୍ଷକ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଦେଶୀ ବିହନ ପ୍ରଦର୍ଶନୀରେ ଝୁଂଝୁଲି, ଭୂତିଆ, ମିରିଗିଶିଆଳୀ, କନିଆପଟିଆ, କେଦାରଗୌରୀ, ମୟୁରକଣ୍ଠିଆ, କାକୁଡ଼ିମଞ୍ଜି, ସରୁଚିନାମାଳୀ, ରତ୍ନଚୁଡ଼ି, କଳାଜିରି, ସୋଲରୀ, ପିମ୍ପୁଡ଼ିବାସ, ଗୋବିନ୍ଦଭୋଗ, ସୀତାଭୋଗ, ବାହାଦୁରଭୋଗ, ରାମଭୋଗ, ଖାସକାମିନୀ, ପଦ୍ମକେଶରୀ, ବାଲାମୀ, କେନ୍ଦ୍ରଝିଲି, ଶାଳଫୁଲ, ବୀରମଣୀ, ଚାମରମଣୀ, ସରୁଗୋଲେଇ, ବିଦୁଲତା, ମୁଗେଇ କଦଳୀପେଣ୍ଠି ସମେତ ୧ଶହ ପ୍ରକାରର ଦେଶୀ ଧାନ ବିହନ ପ୍ରଦର୍ଶନ କରାଯାଇଥିଲା। ସେହିପରି ଏହି ପ୍ରଦର୍ଶନୀରେ ଦେଶୀ ଅଣ୍ଡା, ଦେଶୀ ମାଛ, ଦେଶୀଘିଅ ଓ ବିଭିନ୍ନ ପ୍ରକାର ଚାଉଳ, ନାଲି ଚୁଡ଼ା, କଳା ଚୁଡ଼ା ଓ ବିଭିନ୍ନ ପ୍ରକାରର ଦେଶୀ ପନିପରିବା ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରର ଚିତ୍ତ ରଞ୍ଜନ ପଟ୍ଟାୟତ, ଶିଖା ଭୋଇ, ଜ୍ୟୋତ୍ସ୍ନାରାଣୀ ଶତପଥୀ, ଅର୍ପିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ କେନ୍ଦ୍ରର ପରିଚାଳକ ଯୁବରାଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ବିଭାଗ ପକ୍ଷରୁ ଆଲୋଚନା ଚକ୍ର




**ନିଶ୍ଚିନ୍ତକୋଇଲି,୨୭।୨(ସମିସ):** କଟରପଡ଼ା ପଞ୍ଚାୟତ ସ୍ଥିତ ପିଠାପଡ଼ା ଠାରେ ଥିବା ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ 'ସମୃଦ୍ଧ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏହି ପାଠ୍ୟଚକ୍ରକୁ ଅଧ୍ୟାପକ ପ୍ରମୋଦ କୁମାର ଦାସ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଲେଜ ପ୍ରତିଷ୍ଠାତା ସୋମନାଥ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରମାନାଥ ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ସାମାଜିକସ୍ତରରେ ସମୃଦ୍ଧି କରିବାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ର ଶାରଦା ପ୍ରସନ୍ନ ପଣ୍ଡା, ଆଦିତ୍ୟ ରଞ୍ଜନ ଶତପଥୀ, ସୌମ୍ୟରଞ୍ଜନ ଭୂୟାଁ ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଅଞ୍ଜୁଶ୍ରୀ ଖଣ୍ଡାଇ, ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ଜେନା, ଅଧ୍ୟାପକ ସୁଜନ ବେହେରା, ଅଧ୍ୟାପକ ଆଶିଷ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ପ୍ରତିଚୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

• ରାଧାକାନ୍ତଜିଉ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଦର୍ଶକଙ୍କ ମନମୋହିଲା ଓଡ଼ିଶୀ ନୃତ୍ୟ



**ସାଲେପୁର,୨୭।୨(ସମିସ):** ରାଧାକାନ୍ତଜୀଉ ମହୋତ୍ସବର ଆଜି ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର 'ଅପରେସନ୍ ୧୨/୧୭'ର ଅଭିନେତ୍ରୀ ଭୂମିକା ଦାସ ଓ ଅନ୍ୟ ଅଭିନେତା ଅଭିନେତ୍ରୀମାନେ ଯୋଗଦେଇ ନିଜର ଅଭିନୟର ପରକାଷ୍ଠା ଦେଖାଇ ଆଜି ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରିଥିବାବେଳେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଖୋର୍ଦ୍ଧାର ନାଟ୍ୟ ଶାସ୍ତ୍ର, ବରଗଡ଼ର ମା'ସମଲେଶ୍ୱରୀ ଢ଼ାଲିଆ କଳା ପରିଷଦ, କଳାହାଣ୍ଡିର ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ସାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଶେଷ କରି ଆଜିର ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ମୁଖ୍ୟ ଆକର୍ଷଣ ହୋଇଥିବାବେଳେ ବରଗଡ଼ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଦୁଲ୍ ଦୁଲ୍ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। କଳାକାରମାନେ ବିଭିନ୍ନ ଢ଼ଙ୍ଗରେ ନୃତ୍ୟ ପରିବେଷଣ କରିବା ସହ ଆଜି ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ବେଶ୍ ଚିତାକର୍ଷକ କରିଥିଲେ। ସମାଜସେବୀ ତଥା ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଦ୍ୱିତୀୟ ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିବା ଉପସ୍ଥିତ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁବାସ ଦାଶ, ବିଜୟ କୁମାର ଦାଶ, ମଦନମୋହନ ଦାଶ, ଜୟନ୍ତ ଦାଶ, ଜଗମୋହନ ଦାଶ, ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ସମିତିସଭ୍ୟା ହିମାଂଶୁ ଦାଶ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସମସ୍ତ କଳାକାରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

• ଯୁବ ଅହମଦିୟା ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଯୁବଜ୍ୟୋତିକୁ ହରାଇ ଫାଇନାଲରେ ଶରଧାପୁର

**ତିଗିରିଆ,୨୭ ।୨(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ କରଡାପଲ୍ଲୀ ଖେଳ ପଡିଆରେ ଯୁବ ଅହମଦିୟା କରଡାପଲ୍ଲୀ ପକ୍ଷରୁ ଆୟୋଜିତ ୭ମ ଯୁବ ଅହମଦିୟା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଆୟୋଜିତ ୧ମ ସେମିଫାଇନାଲ ମ୍ୟାଚ୍‌ରେ ଯୁବଜ୍ୟୋତି କ୍ଲବ ପଙ୍କାଳ ଦଳକୁ ୫-୪ ଗୋଲ ବ୍ୟବଧାନରେ ପରାସ୍ତ କରି ଶରଧାପୁର ସ୍ପୋର୍ଟସ ଆସୋସିଏସନ (ଖୋର୍ଦ୍ଧା) ଦଳ ବିଜୟ ଲାଭ କରିବା ସହ ପ୍ରଥମ ଦଳ ଭାବେ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ଟ୍ରାଇବ୍ରେକର ଜରିଆରେ ଶରଧାପୁର ଦଳ ୫-୪ ଗୋଲରେ ବିଜୟୀ ଲାଭ କରିଥିଲା। ଆଜିର ଖେଳରେ ଅତିଥି ଭାବେ ପଙ୍କାଳ ଗ୍ରାମ୍ୟ କମିଟି ସଭାପତି ଅବଦୁଲ ଇସମାଇଲ ଖାଁ, ସୌକତ ଖାଁ, ସେକ ତନବୀର, ମହମ୍ମଦ ଖୁଦାବକ୍ସ, ମେହବୁବ ଅହେମ୍ମଦ ଖାଁ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



## ବାବା ବିଶ୍ୱନାଥଙ୍କ ମଠରେ ବିଶ୍ୱଶାନ୍ତି ମହାଯଜ୍ଞ

**କଣ୍ଟାପଡା,୨୭।୨(ସମିସ):** କଟକ ଜିଲ୍ଲା କଣ୍ଟାପଡା ବ୍ଲକ ବ୍ରାହ୍ମଣବାଟୀ ପଞ୍ଚାୟତସ୍ଥିତ ପ୍ରସିଦ୍ଧ ଶୈବପୀଠ ବିଶ୍ୱନାଥ ମଠରେ ପଞ୍ଚଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଓଡିଶା ଯାତ୍ରା ଜଗତର ଦୁଇ ଯାତ୍ରା ଅନୁଷ୍ଠାନ କଳିଙ୍ଗ ଗଣନାଟ୍ୟ ଓ କୋଣାର୍କ ଗଣନାଟ୍ୟ ଯାତ୍ରା ପରିବେଷଣ କରିବେ। ଏଥି ସହ କିଣାବିକା ପାଇଁ ବିଭିନ୍ନ ପ୍ରକାରର ଷ୍ଟଲ ମଧ୍ୟ ମଠ ପଡିଆରେ ପସରା ମେଲାଇଛନ୍ତି। ଆଗାମୀ ଦିନରେ ଗୋ ବନ୍ଦାଣ ଓ ପୂର୍ଣ୍ଣାହୁତି ଉପଲକ୍ଷେ ପ୍ରବଳ ଜନଗହଳି ସମ୍ଭାବନା ଥିବାରୁ କଣ୍ଟପଡା ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ଶାନ୍ତିଶୃଙ୍ଖଳାର ସହିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଅଞ୍ଚଳବାସୀଙ୍କୁ ନିବେଦନ କରିଛନ୍ତି।

# ବିଭିନ୍ନ ବ୍ଲକ୍‌ରେ 'ଲକ୍ଷ୍ମୀ ବସ୍' ଶୁଭାରମ୍ଭ

ଟାଙ୍ଗୀ,୨୭ ।୨(ସମିସ)

ନୂତନ ଭାବେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଲକ୍ଷ୍ମୀ ବସ୍ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ମଙ୍ଗଳବାର ଶୁଭାରମ୍ଭ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୨ଟି ବସ୍ ଯୋଗାଇ ଦିଆଯାଇଥିବାବେଳେ ଗୋଟିଏ ଟାଙ୍ଗୀରୁ କରଞ୍ଜି ଓ ଅନ୍ୟଟି ଟାଙ୍ଗୀରୁ କଖଡ଼ି ପର୍ଯ୍ୟନ୍ତ ଯାତ୍ରା କରିବ। ଆଗାମୀ ଦିନରେ ଏହି ସଂଖ୍ୟା ବଢିବ ବୋଲି ଲକ୍ଷ୍ମୀ ବସ୍ ଉଦଘାଟନ କାର୍ଯ୍ୟକ୍ରମର ମୁଖ୍ୟଅତିଥି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମତବ୍ୟକ୍ତ କରିଥିଲେ। ବିଡିଓ ହେମନ୍ତ ମହନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଧାୟକଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ବିଜେଡି ସଂଗଠକ କୃଷ୍ଣଚନ୍ଦ୍ର ଦାସ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର ଜେଠୀ, ଯୁବନେତା ପରମଜିତ ମହାନ୍ତି ଓ ସରପଞ୍ଚ ତପସ୍?ୀ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ନିଶ୍ଚିନ୍ତକୋଇଲି (୧୦): ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନାରେ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଯାତାୟତ ପାଇଁ ଯୋଗାଇ ଦିଆଯାଇଥିବା ବସ



ସେବା ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ଶୁଭାରମ୍ଭ ହୋଇଛି। ମାହାଙ୍ଗା ବିଧାୟକ ପ୍ରତାପ ଜେନା ପତାକା ଦେଖାଇ ଦୁଇଟି ବସକୁ ବିଭିନ୍ନ ପଞ୍ଚାୟତକୁ ଯିବା ପାଇଁ ଶୁଭ ଉଦଘାଟନ କରିଛନ୍ତି। ଏହି ବ୍ଲକରେ ୪୧ଟି ପଞ୍ଚାୟତ ରହିଥିବା ବେଳେ ଏହାର ସୀମା ୩୦କିମି ଦୂରତା ପର୍ଯ୍ୟନ୍ତ ଲମ୍ବିଛି। ଶୁଭାରମ୍ଭ ହୋଇଥିବା ୨ଟି ବସ ମଧ୍ୟରୁ ଗୋଟିଏ ବସ ତରତ ପଞ୍ଚାୟତରୁ ବାହାରି ଜମରା, କେରିଲୋ, ଓରତି, ନରେନ୍ଦ୍ରପୁର, ଦାଉଦପୁର, ଝାଡ଼େଶ୍ୱରପୁର, ନଗସପୁର, ନେମାଳ, ତିଳକଣା, ବୁହାଲୋ ପଞ୍ଚାୟତ ଦେଇ ବ୍ଲକ୍ କାର୍ଯ୍ୟାଳୟକୁ ଯିବ। ସେହିପରି ଅନ୍ୟ ବସଟି ମହମ୍ମଦପୁର ପଞ୍ଚାୟତରୁ ବାହାରି ମଣିଜଙ୍ଗ, ଉତ୍ତରକୂଳ, ବାବୁଜଙ୍ଗ, ପାଳଦା, ବନ୍ଧୁପୁର, ସାନ୍ତପୁର, ନେମାଳ, ତିଳକଣା, ବୁହାଳ ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବ ବୋଲି ରାସ୍ତା ନିରୂପଣ କରାଯାଇଥିବା ଲକ୍ଷ୍ମୀ ବସର ସୁପରଭାଇଜର ବାଗ୍ମିତା ପଣ୍ଡା ପ୍ରକାଶ କରିଛନ୍ତି। ଏହି ବସ ସେବା ଉଦଘାଟନ ଉତ୍ସବରେ ବିଡ଼ିଓ ଧର୍ମରଞ୍ଜନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଜସ୍ମିତା ସେଠୀ, ସଭ୍ୟ ଭୂପତିଭୂଷଣ ଷଣ୍ଢ, ବିପ୍ଳବ କାପ, ଜ୍ୟୋତିପ୍ରକାଶ ସ୍ୱାଇଁ, ପ୍ରମୋଦ ସ୍ୱାଇଁଙ୍କ ସମେତ ବହୁ ବିଜେଡି ନେତୃବୃନ୍ଦ ଯୋଗଦେଇଥିଲେ।

## କୁରାଙ୍ଗଶାସନରେ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ




**ଫୁଲନଖରା,୨୭।୨(ସମିସ):** ରାଜ୍ୟ ସରକାରଙ୍କ ସାରା ରାଜ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏସନ୍ ଦ୍ୱାରା ବିକଶିତ ଓଡ଼ିଶାରେ ୪୧ଟି କ୍ରିକେଟ୍ ଏକାଡେମୀ ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗଶାସନ ସ୍ଥିତ ସିଦ୍ଧେଶ୍ୱର ସ୍ପୋର୍ଟି କ୍ଲବ୍ ଆନୁକୂଲ୍ୟରେ କ୍ରିକେଟ୍ ଏକାଡେମୀର ଶୁଭ ଉଦ୍‌ଘାଟନ ନିଆଳି ବିଧାୟକ ପ୍ରଫେସର ଡଃ ପ୍ରମୋଦ କୁମାର ମଲ୍ଲିକଙ୍କ କରକମଳରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରୋହିଣୀ ଭୋଇ, ସମିତିସଭ୍ୟ ସତ୍ୟବ୍ରତ ଜେନା, ବାରଙ୍ଗ ତହସିଲଦାର ତୁଷାର ଜ୍ୟୋତିରଞ୍ଜନ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସମୀର ସାମନ୍ତରାୟ, ଅଶ୍ୱିନ କୁମାର ମହାପାତ୍ର, ପ୍ରିୟବ୍ରତ ଧିର, ବାରଙ୍ଗ ବ୍ଲକ୍ ବିଜେଡି ସଭାପତି ଗୋଲଖ ପାତ୍ର ଓ ବସନ୍ତ ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ତଥା କ୍ରିକେଟ ଖେଳର ପ୍ରଶିକ୍ଷଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରୟାସକୁ କୃତଜ୍ଞତା ଜ୍ଞାପନ କରିଥିଲେ। କ୍ଲବର କୋଷାଧ୍ୟକ୍ଷ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ଧିରଜ କୁମାର ଜେନା ଓ ସଂପାଦକ ବିଶ୍ୱଜିତ୍ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କ୍ରିକେଟ ପ୍ରଶିକ୍ଷଣ ନେବା ପାଇଁ ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପିଲା ନିଜ ନିଜର ନାମ ପଞ୍ଜିକୃତ କରାଇଛନ୍ତି ବୋଲି ସୂଚନା ମିଳିଛି। କ୍ଲବର ସମସ୍ତ ସଦସ୍ୟ, ଗ୍ରାମବାସୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀ ଓ '୫-ଟି' ସଚିବ, ଓସିଏର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ମିଶନ ଶକ୍ତି ପକ୍ଷରୁ ବ୍ଲକ୍‌ସ୍ତରୀୟ ସୁଧ ଫେରସ୍ତ କାର୍ଯ୍ୟକ୍ରମ







କଟକ,୨୭।୨(ସମିସ)

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରିଥିବାବେଳେ ଏହି ଋଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେବାକୁ ପଡ଼ିଥିବା ବ୍ୟାଙ୍କ ସୁଧକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଫେରସ୍ତ କରାଯାଇଛି। ସମଗ୍ର ରାଜ୍ୟରେ ୧୪୫କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଥିବାବେଳେ କଟକ ସଦର ବ୍ଲକ ଅଞ୍ଚଳର ମୋଟ ୧୨୦୫ଟି ଗୋଷ୍ଠିର ସୁଧ ଋଣ ଫେରସ୍ତ କାର୍ଯ୍ୟକ୍ରମ ୪୨ ମୌଜା ଅନ୍ତର୍ଗତ ଯଶୋଦା ଗାର୍ଡେନ ଠାରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ରଶ୍ମିତା ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଦର ବ୍ଲକର ମୋଟ ୧୨୦୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୫୫ଲକ୍ଷ ୫୯ ହଜାର ୩ ଶହ ୩୬ ଟଙ୍କାର ସୁଧ ଫେରସ୍ତ କରିଥିବାବେଳେ ୧୪ଜଣ ବ୍ୟାଙ୍କମିତ୍ରଙ୍କୁ ଲାପଟପ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ଅମ୍ବିକା ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାହାର୍ଥା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ସଦର ବିଡିଓ ରୂମାନା ଜାଫ୍ରୀ, ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ବିପିଏମ୍ ସୋନାଲି ପ୍ରିୟଦର୍ଶିନୀ, ନିବେଦିତା ବିଶ୍ୱାଳ, ଐଶ୍ୱର୍ଯ୍ୟା ଦେବଶ୍ରିତାଙ୍କ ସହିତ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମିଶନ ଶକ୍ତିର ବ୍ଲକ ସଂଯୋଜକ ଶରତ ରାୟ, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଜେଡି ଜିଲ୍ଲା ଉପସଭାପତି ସମର ବେହେରା, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ସୁଧୀର ଶତପଥୀଙ୍କ ସମେତ ଏମବିକେ, ସିଆରପି ପ୍ରମୁଖ ସହଯୋଗ କରିଥିଲେ। ଏହି ଋଣ ଫେରସ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।




## ସାଲେପୁର ବ୍ଲକ୍

**ସାଲେପୁର :** ଆଜି ସାଲେପୁର ବ୍ଲକ୍ ମିଶନ୍ ଶକ୍ତି ପକ୍ଷରୁ ସୁଧ ଟଙ୍କା ଫେରସ୍ତ ମେଳା ମଧୁସୂଦନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ସିଡିପିଓ ସୁଷମା ମହାପାତ୍ରଙ୍କ ସଭାପତିତ୍ୱରେ ଓ ସାଲେପୁର ବ୍ଲକ୍ ମିଶନ୍ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଲେପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳାମାନେ ଋଣ ନେଇ ଋଣ ବାବଦକୁ ପରିଶୋଧ କରିଥିବା ସୁଧକୁ ସେମାନଙ୍କୁ ଫେରସ୍ତ କରିଥିବା ଜଣାଯାଇଛି। ଆଜି ପ୍ରଥମ ପର୍ଯ୍ୟାୟରେ ୫୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୮ଲକ୍ଷ ୮୮ହଜାର ୯୮୭ଟଙ୍କା ସୁଧ ଅର୍ଥ ଫେରସ୍ତ କରାଯାଇଛି। ୨ଦିନ ମଧ୍ୟରେ ଏହି ସୁଧ ଅର୍ଥ ଏସ୍‌ଏଚ୍‌ଜି ମହିଳାଙ୍କ ଆକାଉଣ୍ଟକୁ ଫେରସ୍ତ ହେବ ବୋଲି ଜଣାଯାଇଛି। ସେହିପରି ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ସାଲେପୁର ବ୍ଲକ୍‌ର ଅନ୍ୟାନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସୁଧ ଫେରସ୍ତ ହେବ ବୋଲି ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ, ରଞ୍ଜିତା ସେଠୀ, ଚନ୍ଦ୍ରାଦେଇପୁର ସମିତିସଭ୍ୟା ପୁଷ୍ପିତା ଭୂୟାଁ, ସାଲେପୁର ବ୍ଲକ୍ ବିପିସି ପ୍ରତିମା ବେହେରା, ମିଶନ୍ ଶକ୍ତି ସଂଯୋଜିକା ସ୍ୱାଗତିକା ବେହେରା ପ୍ରମୁଖ ଯୋଗଦେଇ ସ୍ୱୟଂ ସହାୟିକା ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ ପଞ୍ଚାୟତର ଏମବିକେ, ସିଆରପି, ଇସି ମେମ୍ବର, ବ୍ୟାଙ୍କ୍ ମିତ୍ରମାନେ ଯୋଗେଦଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବିଧାୟକ ଶ୍ରୀ ବେହେରା ସାଲେପୁର ବ୍ଲକ୍‌ର ବ୍ୟାଙ୍କ୍ ମିତ୍ରମାନଙ୍କୁ ଲାପ୍‌ଟପ୍, ସିଆରପି ଓ ଏମ୍‌ବିକେଙ୍କୁ ଶାଢ଼ୀ ଓ ମୋବାଇଲ୍ ନିମନ୍ତେ ଅର୍ଥରାଶି ପ୍ରଦାନ କରିଥିଲେ।

## ତିଗିରିଆ ବ୍ଲକ୍

**ତିଗିରିଆ :** ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତ ଅଧୀନ ଗାନ୍ଧୀସ୍ମୃତି ପଡିଆରେ ମଙ୍ଗଳବାର ଅପରାହ୍ନରେ ବ୍ଲକରେ କାର୍ଯ୍ୟରତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସୁଧ ଉପାଦେୟ ଋଣ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସୁଧ ଉପାଦେୟ ଋଣ ପ୍ରଦାନ କରିଥିଲେ। ତିଗିରିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଣବ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ପୂର୍ବତନ ବ୍ଲକ ଅଧକ୍ଷା ରୂପା ଦଳେଇ, ସମବାୟବିତ୍ ଲଳିତେନ୍ଦୁ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏହି କାର୍ଯ୍ୟକ୍ରମ ଦ୍ୱାରା ଅଞ୍ଚଳର ମା ଓ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ।

## ବଡ଼ମ୍ବା ବ୍ଲକ୍

**ବଡ଼ମ୍ବା :** ବଡ଼ମ୍ବା ବ୍ଲକ ମୂଳିଆବାଙ୍କ ଗ୍ରାମସ୍ଥିତ ସତ୍‌ସଙ୍ଗ କେନ୍ଦ୍ର ପାଖ ମିଶନଶକ୍ତି ଭବନର ଶୁଭ ଉଦ୍‌ଘାଟନ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧଛାଡ କାର୍ଯ୍ୟକ୍ରମର ଶୁଭାରମ୍ଭ ମୁଖ୍ୟଅତିଥି ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା, ୩୦ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ବିଡିଓ ରମେଶ ଜେନା, ସିଡିପିଓ ନମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମିଶନ ଶକ୍ତି ମା'ଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସ୍‌ଏଚଜି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟ ହାତକୁ ନେବା ପାଇଁ ଉତ୍ସାହିତ କରିବା ସହ ଋଣ ଯୋଗାଇ ଦେଉଥିବା ବେଳେ ଏବେ ପୁଣି ମିଶନ ଶକ୍ତି ଜରିଆରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧ ଋଣର ଶୁଭାରମ୍ଭ କରିଛନ୍ତି। ଏସ୍‌ଏଚଜି ମହିଳା ଗ୍ରୁପ୍‌ର ପ୍ରତ୍ୟେକ ମହିଳାଙ୍କୁ ଡ୍ରେସ୍ କୋଡ ବାବଦରେ ଜଣେ ପିଛା ୧ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବା ସହ ବଡ଼ମ୍ବା ବ୍ଲକର ୧୪୩୪ ଏସ୍‌ଏଚଜି ଗ୍ରୁପ୍‌ର ମହିଳାଙ୍କୁ ସୁଧ ୭୬ ଲକ୍ଷ ଫେରସ୍ତ କରାଯାଇଥିବା ବିଧାୟକ ଶ୍ରୀ ମିଶ୍ର କହିଛନ୍ତି। ଶେଷରେ ବିପିଏମ ମୋନାଲିସା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## କଣ୍ଟାପଡ଼ା ବ୍ଲକ୍

**କଣ୍ଟାପଡା :** ଋଣ ନେଇ ଋଣର ବିନିଯୋଗ କରି ସଠିକ ସମୟରେ ଋଣ ପରିଶୋଧ କରିଥିବାରୁ କଟକ ଜିଲ୍ଲା କଣ୍ଟାପଡା ବ୍ଲକର ୬ ଶହରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠିଙ୍କୁ ସରକାର ପ୍ରଦାନ କରିଥିବା ଋଣର ସୁଧ ଛାଡ କରିଛନ୍ତି। ଏହି ଉପଲକ୍ଷେ କଣ୍ଟାପଡା ବ୍ଲକ ପରିଷଦରେ ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟଅତିଥି ଓ ୮ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ପିୟୁଷ ମିଶ୍ର, ୯ନଂ ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣାରାଣୀ ବେହେରା, ସାଂସଦ ପ୍ରତିନିଧି ବିମାନ ବିହାରୀ ବେହେରା, କଣ୍ଟାପଡା ବ୍ଲକ ମିଶନଶକ୍ତି ସଭାନେତ୍ରୀ ଶରଳା ସାମନ୍ତରାୟ, ସମ୍ପାଦିକା ବିଷ୍ଣୁପ୍ରିୟା ପାତ୍ର, ଅନ୍ୟମାନଙ୍କ ମଧ୍ୟରେ କଣ୍ଟାପଡା ବିଡିଓ ବିରଞ୍ଚି ନାରାୟଣ ବେହେରା, ସିଡିପିଓ ପ୍ରିୟଭାସିନୀ ମହାନ୍ତି, ବିପିସି ମିଶନଶକ୍ତି ରାନୀ ମନୋଜିନୀ ବେହେରା, ବିପିଏସ୍ ସୁରଜ କୁମାର ବେହରା ବ୍ଲକ ଅଞ୍ଚଳରେ ଥିବା ୧୦ଟି ବ୍ୟାଙ୍କର ଶାଖା ପରି.ଳକ ୧୪ଟି ପଞ୍ଚାୟତର ଜିପିଏଲ୍‌ଏସ ସଭାନେତ୍ରୀ ଓ ସମ୍ପାଦିକା, ପରି.ଳନା ପରିଷଦ ସଭ୍ୟ ଓ କମ୍ୟୁନିଟି କ୍ୟାଡର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗଦେଇଥିବା ବେଳେ ବହୁ ସଂଖ୍ୟାରେ ମହିଳାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



## ନିଶ୍ଚିନ୍ତକୋଇଲି ବ୍ଲକ୍

**ନିଶ୍ଚିନ୍ତକୋଇଲି :** ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ମହିଳାମାନଙ୍କୁ ସଶକ୍ତ କରି ଏକ ପ୍ରଗତିଶୀଳ ଓଡ଼ିଶା ଗଠନ ପାଇଁ ବିନା ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଏବଂ ପୂର୍ବରୁ ଋଣକରି ଯେଉଁ ଗୋଷ୍ଠୀ ବ୍ୟାଙ୍କଙ୍କୁ ଠିକ ଭାବେ ସୁଧ ଦେଇଥିଲେ। ସେହି ଅର୍ଥକୁ ଫେରସ୍ତ କରାଯିବା କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇଛି। ଏହି ପରିପ୍ରେକ୍ଷୀରେ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ସୁଧ ଫେରସ୍ତ କାର୍ଯ୍ୟକ୍ରମକୁ ବିଧାୟକ ପ୍ରତାପ ଜେନା ଶୁଭାରମ୍ଭ କରିଛନ୍ତି। ସଡିପିଓ ସତ୍ୟଭାମା ବିଶୋଇଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଶକ୍ତ ମହିଳା ଓ ଶସକ୍ତ ଓଡ଼ିଶା ଗଠନ ପାଇଁ ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଆଲୋଚନା କରିବା ସହିତ ଏହି ବ୍ଲକରେ ବ୍ୟାଙ୍କରୁ ଋଣ ନେଇ ସୁଧ ପୈଠ କରିଥିବା ୧୪୯୫ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୭୯ଲକ୍ଷ ଏକ ହଜାର ଷାଠିଏ ଟଙ୍କା ସୁଧ ଫେରସ୍ତ ଯୋଜନାରେ ଅର୍ଥ ପ୍ରଦାନ କରାଯିବାକୁ ପ୍ରକାଶ କରିଥିଲେ। ଏଥିରେ ବିଡ଼ିଓ ଧର୍ମରଞ୍ଜନ ପଣ୍ଡା, ବ୍ଲକ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବନେତା ମନୋଜ ସେଠୀ, ଜ୍ୟୋତିପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସଭ୍ୟ ଭୂପତିଭୂଷଣ ଷଣ୍ଢ, ବିପ୍ଳବ କାପ, ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ବ୍ଲକ ମହିଳା ମହାସଂଘର ସଭାନେତ୍ରୀ କନକଲତା ଭୂୟାଁ, ସମ୍ପାଦିକା ସତ୍ୟଭାମା ନାୟକ ପ୍ରମୁଖ ଯୋଗଦେଇଥିଲେ। ମିଶନ ଶକ୍ତି ବ୍ଲକ୍ ଯୋଗାଣ ଅଧିକାରୀ ତନୁଜା ସାହୁଙ୍କ ସଂଯୋଜନାରେ ବିପିସି ଜ୍ୟୋତିପ୍ରକାଶ ସାହୁ, ବିପିଏ ଦୀପାଞ୍ଜଳି ସାହୁ, ସୁପରଭାଇଜର ଅଞ୍ଜୁଳତା ପରିଜାଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଙ୍କୀ ବ୍ଲକ୍

**ବାଙ୍କୀ :** ବାଙ୍କୀ ବ୍ଲକ ପକ୍ଷରୁ ମିଶନ୍ ଶକ୍ତି ଆନୁକୂଲ୍ୟରେ କଚେରୀ ପଡିଆ ଠାରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧଛାଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏକ ମିଶନ୍ ଶକ୍ତି ଭବନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମିଶନ୍ ଶକ୍ତି ତରଫରୁ ଏକ ସଭା ବାଙ୍କୀ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବ୍ଲକରେ ସମୁଦାୟ ୯୮୬ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୬୩ଲକ୍ଷ ୪୨ହଜାର ୪୨୦ଟଙ୍କାର ସୁଧ ଛାଡ ହୋଇଥିବାର ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଡିଓ ମନସ୍ୱିନୀ ଦାଶ, ଏନ୍‌ଏସି ଅଧକ୍ଷା ମାଣିକ ସାହୁ, ଉପାଧକ୍ଷ ସନ୍ତୋଷ ରଣା, କନ୍ତପହଁରା ସରପଞ୍ଚ ଗତିକୃଷ୍ଣ ସ୍ୱାଇଁ, ବ୍ଲକ ଉପାଧକ୍ଷା ଜୟନ୍ତୀ ବଳ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ବରାଳ, ଷ୍ଟେଟ୍‌ବ୍ୟାଙ୍କ ମ୍ୟାନେଜର ପ୍ରମୋଦ ରଥ, ବିଏଲ୍‌ଏଫ୍ ମଞ୍ଜୁଲତା ସ୍ୱାଇଁ, ସରପଞ୍ଚ ଆର୍ତ୍ତବନ୍ଧୁ ବେହେରା ପ୍ରଭୃତି ଯୋଗଦେଇଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ ବ୍ୟାଙ୍କ ମିତ୍ରମାନଙ୍କୁ ଲ୍ୟାପଟପ୍ ବଣ୍ଟନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ ପ୍ରକଳ୍ପ ପରିଚାଳକ ଅକ୍ଷୟ ଭଞ୍ଜ ପରିଚାଳନା କରିଥିବା ବେଳେ ସିଡିପିଓ ରୂପାଲି ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଡମପଡ଼ା ବ୍ଲକ୍

**ବାଙ୍କୀ :** ଆଜି ଡମପଡ଼ା ବ୍ଲକ ପରିସରରେ ମିଶନଶକ୍ତି ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଡମପଡ଼ା ବ୍ଲକରେ ମିଶନ ଶକ୍ତି ପକ୍ଷରୁ ଏକ ସଭା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ମହିଳା ଏସ୍‌ଏଚ୍‌ଜିଙ୍କୁ ଶୂନ ପ୍ରତିଶତ ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବା ସହ ସମସ୍ତ ସଭ୍ୟାଙ୍କୁ ୟୁନିଫର୍ମ ପାଇଁ ଟଙ୍କା ମିଳିବ ବୋଲି ବକ୍ତବ୍ୟରେ କହିଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ ଏନ୍‌ଏଏସି ଅଧକ୍ଷା ମାଣିକ ସାହୁ, କେନ୍ଦ୍ର ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ମିନତୀ ମହାପାତ୍ର, ବିଡିଓ ଅଂଶୁମାନ ଦାଶ, ବିଏଲ୍‌ଏଫ୍ ଜ୍ୟୋତ୍ସ୍ନାରାଣୀ ବେହେରା, ଉପନଗରପାଳ ସନ୍ତୋଷ ରଣା, ବ୍ଲକ ପ୍ରକଳ୍ପ ସଂଯୋଜିକା ହରିପ୍ରିୟା ସାହୁ, ସନାତନ ବେହେରା, ସମରେନ୍ଦ୍ର ମହାପାତ୍ର, ରଗଡି ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି, ନରଗାଙ୍ଗ ସରପଞ୍ଚ ଶରତ ପ୍ରଧାନ, ସମିତିସଭ୍ୟ ନାରାୟଣ ଜେନା ପ୍ରଭୃତି ଯୋଗଦେଇଥିଲେ। ଏହି ବ୍ଲକରେ ୧୧୫୮ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୬୮ ଲକ୍ଷ ୪୯ ହଜାର ୫୬୭ଟଙ୍କାର ସୁଧ ଛାଡ ହୋଇଥିବାର ବ୍ଲକ ପ୍ରକଳ୍ପ ପରିଚାଳକ ଅକ୍ଷୟ ଭଞ୍ଜ ପ୍ରକାଶ କରିଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ ଭଗିପୁର ମା'ବନଦୁର୍ଗା ଏସ୍‌ଏଚ୍‌ଜିକୁ ୪୩ ହଜାର ୯୨୮ଟଙ୍କାର ସୁଧଛାଡ ଚେକ୍ ପ୍ରଦାନ କରିଥିଲେ। ସିଡିପିଓ ସଂଯୁକ୍ତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନାଲ ଭିତରକୁ ପଶିଗଲା କାର

**ବାରଙ୍ଗ,୨୭।୨(ସମିସ):** ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ ଗ୍ରାମ ନିକଟ ପୁରୀ ମେନ୍ କେନାଲ ଭିତରକୁ ପଶିଗଲା କାର। ସୂଚନା ଅନୁସାରେ ପୁରୀ କେନାଲ ରୋଡ଼ ଦେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାର (ଓଡି ୧୯ ଏଫ ୫୯୯୯) ଭାରସାମ୍ୟ ହରାଇ ରତାଗଡ ନିକଟ ପୁରୀ ମେନ କେନାଲ ଭିତରକୁ ପଶିଯାଇଥିଲା। କାର ଚାଳକ କାଚ ଭାଙ୍ଗି ଉପରକୁ ପଳେଇ ଆସିଥିଲେ। ତାଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ୧୦୮ ଯୋଗେ ବଡ ମେଡିକାଲକୁ ପଠାଯାଇଥିଲା। ବାରଙ୍ଗ ଅଗ୍ନିଶମ ବିଭାଗ କ୍ରେନ ସାହାଯ୍ୟରେ ଗାଡିଟିକୁ କେନାଲରୁ ଉଦ୍ଧାର କରିଛି। ଘଟଣାସ୍ଥଳରେ ଗୋଡିସାହି ଫାଣ୍ଡି ପୁଲିସ ପହଞ୍ଚି ଗାଡିକୁ ଫାଣ୍ଡିକୁ ଆଣିଛି। ଚାଳକ ଜଣକ ବିନ୍ଧାଣିମା ଅଞ୍ଚଳର ହୋଇଥିବା ଜଣାପଡିଛି।



# ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ



**ମାହାଙ୍ଗା,୨୭।୨(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁହୁଣ୍ଡା ପଞ୍ଚାୟତସ୍ଥ ଶଙ୍ଖପୁର ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର କିଶୋର ପଣ୍ଡାଙ୍କ ଝିଅ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନିହାରିକା ପଣ୍ଡା (୬୧)ଙ୍କ ପରଲୋକ ଘଟିଛି। ସେ ଜଣେ ଧର୍ମପ୍ରାଣା, ପରୋପକାରୀ, ମିଷ୍ଟଭାଷୀ ମହିଳା ଭାବେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିବାବେଳେ ବଡ ଭାଇ ଦିଲୀପ ମୁଖାଗ୍ନି ଦେଇଥିଲେ।

# ଯୌତୁକ ପାଇଁ ନବବଧୂକୁ ହତ୍ୟା ଅଭିଯୋଗ

## ଥାନାରେ ସ୍ୱାମୀ ଅଟକ

**ସାଲେପୁର,୨୭ ।୨(ସମିସ):** ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ଜଣେ ନବବଧୂକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ନେଇ ମହିଳାଙ୍କ ବାପା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ନବବଧୂର ସ୍ୱାମୀକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ବଣହରା ଗ୍ରାମର ତ୍ରୈଲୋକ୍ୟନାଥ କାଣ୍ଡିଙ୍କ ଝିଅ ସୁନୀତା କାଣ୍ଡି (୨୪) ୪ ବର୍ଷ ତଳେ ବୈଦିକ ରୀତିରେ ନାଦୋଳ ଗ୍ରାମର ଦିଲ୍ଲୁ କାଣ୍ଡିଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବର ଘରର ଦାବି ମୁତାବକ କନ୍ୟାଘର ପକ୍ଷରୁ ଯୌତୁକ ବାବଦକୁ ସୁନାରୂପା ଅଳଙ୍କାର, ଆସବାବପତ୍ର ଓ ନଗଦ ଟଙ୍କା ଦିଆଯାଇଥିବାବେଳେ ଅଧିକ ଯୌତୁକ ଦାବିକରି ଶାଶୁଘର ଲୋକେ ନବବଧୂକୁ ଅଧିକାଂଶ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଆଜି ସୁନୀତାକୁ ତା'ର ଶାଶୁଘର ଲୋକେ ହତ୍ୟା କରି ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟାର ରୂପ ଦେଉଥିବା ନେଇ ସୁନୀତାର ବାପା ତ୍ରୈଲୋକ୍ୟ କାଣ୍ଡି ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇବା ସହ ଦିଲ୍ଲୁ କାଣ୍ଡିକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସାଲେପୁର ଥାନା ଆଇଆଇସି ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ବଳିଦାନ ଦିବସ ପାଳିତ



**ଚୌଦ୍ୱାର,୨୭।୨(ସମିସ):** ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବଳିଦାନ ଦିବସ ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ମୁଖ୍ୟ ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ଅତିଥି ଭାବେ ଯୋଗଦେଇ ମହାନ୍ ସଂଗ୍ରାମୀ ଚନ୍ଦ୍ର ଶେଖର ଆଜାଦ୍‌ଙ୍କ ଜୀବନ ଦର୍ଶନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କ ବଳିଦାନ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥି ସହିତ ବିଶିଷ୍ଟ ଔପନ୍ୟାସିକ ମନୋଜ ଦାସଙ୍କ ଆବିର୍ଭାବ ଦିବସ ଅବସରରେ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଦୀପ୍ତି ରଞ୍ଜନ ସାହୁ, ଲାଲକୃଷ୍ଣ ସାହୁ, ଭବାନୀ ଶଙ୍କର ମୁର୍ମୁ, ଡ. ଝରଣା ସାହୁ, ଦିପ୍ତିମୟୀ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜେଶ କୁମାର ଓଝା ଧନ୍ୟବାଦ ଦେଇଥିଲେ।

# ଦୋଳମେଳଣ ପ୍ରସ୍ତୁତି ବୈଠକ

**ଫୁଲନଖରା,୨୭।୨(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ ଉରାଳୀ ଦଧିବାମନଜୀଙ୍କୁ ପୀଠସ୍ଥଳୀରେ ୪୮ ସଂକୀର୍ତ୍ତନ ମଣ୍ଡଳୀ ସାଂସ୍କୃତିକ ପରିଷଦର ପ୍ରସ୍ତୁତି ବୈଠକ ସଭାପତି ବନମାଳୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜଦୋଳ ମେଳଣ, ମା'ଧାକୁ ଲେଇ ମେଳଣ, ଅରିଲୋ ମେଳଣ ବ୍ୟତିତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଭାଗବତ ମେଳଣ ଆଦି ପାରମ୍ପରିକ ୧୫ଟି ଦୋଳଯାତ୍ରା ଉତ୍ସବକୁ ଶାନ୍ତିଶୃଙ୍ଖଳା ଓ ସୁଚାରୁ ରୂପେ ପ୍ରତିପାଦିତ କରିବା ପାଇଁ ୬୦ରୁ ଉର୍ଦ୍ଧ୍ୱ ଅଧିକାରୀ ଓ ମହନ୍ତମାନେ ଯୋଗଦେଇ ନିଷ୍ପତ୍ତି ନେଇଥିଲେ। ଏହି ବୈଠକରେ ଶିକ୍ଷାବିତ୍ ଡ. ଶରତ କୁମାର ରଥ, ଡମ୍ବରୁଧର ସାମନ୍ତରାୟ, ଅର୍ଜୁନ ନାୟକ, ଶିଶିର ଜେନା, ପ୍ରମୋଦ ସାହୁ, ସୁରେନ୍ଦ୍ର ସାହୁ, ପ୍ରମୋଦ ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଜିଲ୍ଲା ସଂକୀର୍ତ୍ତନ ମହାସଂଘର କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନ୍ଦିର ପରିଚାଳନା କମିଟିର ସଭାପତି ଚକ୍ରଧର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୨.୯୦ ● ପାଉଣ୍ଡ ୧୦୫.୨୦
- ୟୁରୋ ୮୯.୯୮ ● ୟେନ୍ ୦.୫୫

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୬୦୦ (ନୂଆଦିଲ୍ଲୀ)
- ରୁପା : ୭୫,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୦୯୫.୦୦
- ନିଫ୍ଟି ୨୨,୧୯୮.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

### ଦେଶବାସୀଙ୍କୁ ଭୁଆଁ ବୁଲାଉଛି ପତଞ୍ଜଳି ଆୟୁର୍ବେଦ

# ସୁପ୍ରିମକୋର୍ଟ ଜାରିକଲେ ଅଦାଲତ ଅବମାନନା ନୋଟିସ୍

**ନୂଆଦିଲ୍ଲୀ,୨୭।୨(ଏଜେନ୍ସି)**

ପ୍ରମୁଖ ଆୟୁର୍ବେଦ କମ୍ପାନୀ ପତଞ୍ଜଳି ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ବର୍ଷିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ପତଞ୍ଜଳି କମ୍ପାନୀ ବିରୋଧରେ ଅଦାଲତ ଅବମାନନା ନୋଟିସ୍ ଭୂଆଁ ବୁଲାଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେଣୁ କୌଣସି ରୋଗ କିମ୍ବା ଅସୁସ୍ଥତାକୁ ଯୋଡ଼ି କମ୍ପାନୀ ନିଜର ଉତ୍ପାଦ ସମ୍ପର୍କରେ କୌଣସି ବିଜ୍ଞାପନ କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ରୋକ୍ ଠୋକ୍ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭ୍ରମାତ୍ମକ

## ଭ୍ରମାତ୍ମକ ବିଜ୍ଞାପନ ଉପରେ ଲାଗୁ ହେଲା ପ୍ରତିବନ୍ଧକ

ଜାରି କରିବା ସହିତ ଏହାର ବିଜ୍ଞାପନ ପ୍ରସାର ଉପରେ ମଧ ରୋକ୍ ଲଗାଇଛନ୍ତି। ପତଞ୍ଜଳି ଆୟୁର୍ବେଦ ନିଜ ବିଜ୍ଞାପନ ମାଧ୍ୟମରେ ଦେଶବାସୀଙ୍କୁ ଭୂଆଁ ବୁଲାଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଶାରୀରିକ ଅସୁସ୍ଥତା ଏବଂ ବିଭିନ୍ନ ରୋଗର ଉପଶମ ନେଇ ଏହି କମ୍ପାନୀ ନିଜର ବିଜ୍ଞାପନ ମାଧ୍ୟମରେ ଭୁଲ ତଥ୍ୟ ଦେବା ସହିତ ଲୋକଙ୍କୁ ଭ୍ରମିତ କରୁଛି। ଏହାଦ୍ୱାରା ସାରା ଦେଶକୁ କମ୍ପାନୀ ବିଜ୍ଞାପନ ଦେଇ ପତଞ୍ଜଳି ଆୟୁର୍ବେଦ ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରି ଇଣ୍ଡିଆନ ମେଡିକାଲ ଆସୋସିଏସନ୍ ପକ୍ଷରୁ କମ୍ପାନୀ ବିରୋଧରେ ପିଟିସନ ଦାଏର କରାଯାଇଥିଲା। ମଙ୍ଗଳବାର ସୁପ୍ରିମକୋର୍ଟ ଏହି ଆବେଦନର ଶୁଣାଣି କରି ପତଞ୍ଜଳି କମ୍ପାନୀ ଉପରେ ବର୍ଷିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କମ୍ପାନୀର ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲଗାଇଥିଲା ବେଳେ ଏହାର



ପୃଷ୍ଠପୋଷକ ଆଚାର୍ଯ୍ୟ ବାଳକୃଷ୍ଣନଙ୍କ ବିରୋଧରେ କୋର୍ଟ ଅବମାନନା ନୋଟିସ୍ ପଠାଇଛନ୍ତି। ୩ ସପ୍ତାହ ଭିତରେ ଏହାର ଉତ୍ତର ରଖିବାକୁ କୋର୍ଟ କହିଛନ୍ତି। ମାମଲାର ଶୁଣାଣି ବେଳେ କମ୍ପାନୀ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ଜଷ୍ଟିସ ହିମା କୋହଲି ଓ ଏ. ଅମନୁଲ୍ଲାହଙ୍କ ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, କମ୍ପାନୀର ଭ୍ରମାତ୍ମକ ବିଜ୍ଞାପନକୁ ନେଇ ଗତବର୍ଷ କୋର୍ଟ ତାଗିଦ୍ କରିଥିଲେ। ଏହାସତ୍ତ୍ୱେ ବି କମ୍ପାନୀ ବାରମ୍ବାର ମିଥ୍ୟା ବିଜ୍ଞାପନ ଦେବାରୁ ବିରତ ହୋଇ ନାହିଁ। ୨୦୨୩ ,ନଭେମ୍ବରରେ ସୁପ୍ରିମକୋର୍ଟ ପତଞ୍ଜଳିକୁ ମିଥ୍ୟା ବିଜ୍ଞାପନ ନେଇ ତାଗିଦ୍ କରିଥିଲେ। ଯଦି କୌଣସି ରୋଗ ଉପଶମ ପାଇଁ କମ୍ପାନୀ ନିଜର ଉତ୍ପାଦକୁ ନେଇ ମିଥ୍ୟା ବିଜ୍ଞାପନ ଦିଅନ୍ତି ତେବେ କମ୍ପାନୀକୁ ଏକ କୋଟି ଟଙ୍କା ଜୋରିମାନା ଦେବାକୁ ପଡ଼ିବ ବୋଲି ମଧ କୋର୍ଟ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ବି ପତଞ୍ଜଳି ଭ୍ରମାତ୍ମକ ବିଜ୍ଞାପନ ଦେବାରୁ ବର୍ତ୍ତି ନାହିଁ ବୋଲି କୋର୍ଟ କହିଛନ୍ତି। ଏହି ମାମଲାର ଶୁଣାଣି ବେଳେ କମ୍ପାନୀ ବିରୋଧରେ ଆୟୁଷ ମନ୍ତ୍ରଣାଳୟ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ବୋଲି ଖଣ୍ଡପୀଠ ସହାୟକ ସଲିସିଟର ଜେନେରାଲଙ୍କୁ ପ୍ରଶ୍ନ କରିଥିଲେ। ଏଏସ୍ଜି କହିଥିଲେ ଯେ କମ୍ପାନୀ ଦ୍ୱାରା କରାଯାଇଥିବା ନିୟମ ଉଲ୍ଲଂଘନ ସମ୍ପର୍କରେ ତର୍ଜମା କରାଯାଇଛି। କିନ୍ତୁ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ।

■ 'ମେରା ପହେଲା ଭୋଟ ଦେଶ୍ କେ ଲିୟେ' ଅଭିଯାନ

## ସାମିଲ ହେବାକୁ ଜନତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

**ନୂଆଦିଲ୍ଲୀ, ୨୭।୨ (ଏଜେନ୍ସି):** ଦେଶର ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସମାବେଶୀ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଏକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାରେ ଅଧିକରୁ ଅଧିକ ଲୋକଙ୍କ ସମ୍ପୃକ୍ତ କରାଇବାକୁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ଏହା ସହିତ "ମେରା ପହେଲା ଭୋଟ୍ ଦେଶ୍ କେ ଲିୟେ" (ମୋ ପ୍ରଥମ ଭୋଟ ଦେଶ ପାଇଁ) ଅଭିଯାନରେ ସାମିଲ ହେବାକୁ ଆମନ୍ତ୍ରଣ ଜଣାଇଛନ୍ତି । ନିଜ ଶୈଳୀରେ ଅଭିଯାନର ପ୍ରଚାରପ୍ରସାର କରିବାକୁ କହିଛନ୍ତି। ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବା ଭୋଟରଙ୍କ ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂହ ଠାକୁର ଏହି ଅଭିଯାନର ସଙ୍ଗୀତକୁ ଉନ୍ମୋଚନ କରିଥିଲେ । ଦେଶର ଯୁବ ଭୋଟରଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ ଲାଗି ପାଇଁ ଉତ୍ସାହିତ କରିବା ଏହାର ଉଦ୍ଦେଶ୍ୟ। ଏହି ସଙ୍ଗୀତକୁ ନେଇ ଠାକୁର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ତାଙ୍କ 'ମନ୍ କି ବାତ୍'



କାର୍ଯ୍ୟକ୍ରମରେ ଦେଶ ସବୁଠୁ ବଡ ଗଣତାନ୍ତ୍ରିକ ଉତ୍ସବ ପାଳନ କରିବାକୁ ପ୍ରସ୍ତୁତ ହେଉଛି ବୋଲି କହିଥିଲେ । ତେଣୁ ସମସ୍ତେ "ମେରା ପହେଲା ଭୋଟ ଦେଶ୍ କେ ଲିୟେ" ଅଭିଯାନରେ ସାମିଲ ହେବାକୁ ସେ ଅନୁରୋଧ କରିଛନ୍ତି। ଅଧିକରୁ ଅଧିକ ଯୁବ ଭୋଟର ସାମିଲ ହୋଇ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଆଗେଇ ଆସିବା ଉଚିତ। ଦେଶର ନିର୍ବାଚନ କମିଶନ ଭୋଟରଙ୍କ ସଚେତନତା ବୃଦ୍ଧି ପାଇଁ ଆରମ୍ଭ କରିଥିବା ଅଭିଯାନକୁ ସହଯୋଗ ପାଇଁ ଏହି ସଙ୍ଗୀତ ପ୍ରସ୍ତୁତ କରାଯାଇଛି ।

● ଓଡ଼ିଶା ଟେଲିକମ୍ ବଜାରରେ ଜିଓ'ର ଦବ୍‌ଦବା ଜାରି

## ଡିସେମ୍ବରରେ ଯୋଡ଼ି ହୋଇଛନ୍ତି ୧.୪ ଲକ୍ଷ ନୂଆ ଗ୍ରାହକ

**ମୁମ୍ବାଇ,୨୭।୨(ଏଜେନ୍ସି):** ଜିଓ ଓଡ଼ିଶାରେ ସର୍ବାଧିକ ଚାହିଦାପୂର୍ଣ୍ଣ ଏବଂ ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜର ଦବ୍ଦବା ଜାରି ରଖିଛି। ଏହିକ୍ରମରେ କମ୍ପାନୀ ଗତ ଡିସେମ୍ବର ମାସରେ ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ମୋବାଇଲ୍ ଗ୍ରାହକ ଯୋଡ଼ିଛି । ଟ୍ରାଇ ତଥ୍ୟ ଅନୁଯାୟୀ, ୨୦୨୩ ଡିସେମ୍ବର ମାସରେ ଜିଓ ଓଡ଼ିଶାରେ ୧.୪ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦୀ ଏୟାରଟେଲ୍ ଏହି ସମୟରେ ମାତ୍ର ୨୫୨୨ ମୋବାଇଲ ଉପଭୋକ୍ତା ଯୋଡ଼ିଛି । ଅନ୍ୟପକ୍ଷରେ, ଭୋଡାଫୋନ୍ ଆଇଡିଆ (ଭି) ଓ ବିଏସ୍ଏନ୍ଏଲ୍ ଡିସେମ୍ବର ମାସରେ ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ଏହି ତଥ୍ୟରୁ ଜଣାପଡ଼ିଛି ।ଏଥିସହିତ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୪୮ କୋଟିରୁ ଉର୍ଦ୍ଧ୍ୱରେ ପହଞ୍ଚିଛି । ଡିସେମ୍ବରରେ



ଓଡ଼ିଶାରେ ଟେଲିକମ୍ ଗ୍ରାହକ ସଂଖ୍ୟାରେ ୧.୧୫ ଲକ୍ଷ ବୃଦ୍ଧି ଫଳରେ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଡିସେମ୍ବର ଶେଷ ସୁଦ୍ଧା ୩.୩୨ କୋଟିକୁ ବୃଦ୍ଧି ହୋଇଛି । ଜିଓ କ୍ରମାଗତ ଭାବେ ପ୍ରତି ମାସରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିବା ସହ ୨୦୨୩ ବର୍ଷରେ ୯ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ି ଓଡ଼ିଶା ଟେଲିକମ୍ ବଜାରରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି ।ଜିଓ ଜାତୀୟ ସ୍ତରରେ ମଧ ଡିସେମ୍ବର ମାସରେ ସର୍ବାଧିକ ୩୯.୯୪ ଲକ୍ଷରୁ ଅଧିକ ଗ୍ରାହକ ଯୋଡ଼ିଛି । ଏଥିସହିତ ଦେଶରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୪୫.୯୮ କୋଟିକୁ ବୃଦ୍ଧି ପାଇଛି ଏବଂ କମ୍ପାନୀ ଦେଶର ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି ।ସୂଚନାଯୋଗ୍ୟ ଯେ, ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ୪୪.୬ ପ୍ରତିଶତ ଗ୍ରାହକ ବଜାର ଅଂଶ ଏବଂ ଶିଳ୍ପରେ ସର୍ବାଧିକ ୫୨% ରାଜସ୍ୱ ବଜାର ଅଂଶ ସହିତ ଓଡ଼ିଶାର ସର୍ବାଧିକ ପସନ୍ଦଯୋଗ୍ୟ ଡିଜିଟାଲ ସେବା ପ୍ରଦାନକାରୀ ହୋଇରହିଛି । ନିକଟରେ କମ୍ପାନୀ ଜିଓ ଏୟାରଫାଇବର ସେବାକୁ ଓଡ଼ିଶାର ୨୫୦ରୁ ଅଧିକ ସହର ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ସମ୍ପ୍ରସାରିତ କରିଛି । ଏହାଦ୍ୱାରା ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡବ୍ୟାଣ୍ଡ ସୁବିଧା ମିଳିବା ସହିତ ଡିଜିଟାଲ ସଂଯୋଗୀକରଣ କରାଯାଇପାରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ସାମାଜିକ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତ କରୁଛି ଆଭା ଶକ୍ତି ଅଭିଯାନ

**ଭୁବନେଶ୍ୱର,୨୭।୨(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ) ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଆସୁଛଇ। ସମାଜର ରୂପାନ୍ତରଣରେ ମହିଳାମାନେ ନିର୍ବାହ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇ ସେମାନଙ୍କୁ ବିଭିନ୍ନ ଗତିବିଧିରେ ଯୋଡ଼ିବାକୁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି । ଏହିକ୍ରମରେ ବିଲିଂ ଓ କଲେକ୍ସନ କାର୍ଯ୍ୟ ପାଇଁ 'ଆଭା ଶକ୍ତି' ନାମରେ ପରିଚିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏସଏଚଜି)ଙ୍କୁ ନିୟୋଜିତ କରାଯାଇଛି। ଏହା ମାଧ୍ୟମରେ ମହିଳାମାନେ କେବଳ ଅର୍ଥନୈତିକ ସ୍ୱାଧୀନତା ପାଇନାହାଁନ୍ତି ବରଂ ନିଜ ସମ୍ପ୍ରଦାୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।ଆଭା ଶକ୍ତି ସଦସ୍ୟଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଜଣାଇ ଟିପିସିଓଡିଏଲ୍ ପକ୍ଷରୁ ଅନୁଗୁଳ, ନୟାଗଡ଼ ଓ ବାଲୁଗାଁ ବିଦ୍ୟୁତ ଡିଭିଜନରେ ବାର୍ଷିକ ଆଭା ଶକ୍ତି ସମ୍ମିଳନୀ ଅନୁଷ୍ଠିତ



ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଡିଭିଜନର ୫୨୫ରୁ ଅଧିକ ଆଭା ଶକ୍ତି ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ସେଠାରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସେମାନଙ୍କ ନିଷ୍ଠା ଏବଂ ପରିଶ୍ରମ ପାଇଁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟିପିସିଓଡିଏଲ୍‌ର ବରିଷ୍ଠ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଭା ଶକ୍ତି ସଦସ୍ୟମାନଙ୍କ ଉଦ୍ୟମ ଓ ସଫଳତାକୁ ପ୍ରଶଂସା କରାଯାଇଥିଲା ।ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, 'ଗ୍ରାମାଞ୍ଚଳରେ ମହିଳାଙ୍କୁ ସଶକ୍ତ କରିବା କେବଳ ଏକ ମିଶନ ନୁହେଁ ବରଂ ଆମର ଏକ ଦାୟିତ୍ୱ । ଆଭା ଶକ୍ତି ଭଳି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆମର ସହଯୋଗ ମାଧ୍ୟମରେ ଆମେ ଅର୍ଥନୈତିକ ସଶକ୍ତୀକରଣ ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣକୁ ସୁଗମ କରିବାକୁ ଲକ୍ଷ୍ୟ ରଖିଛୁ ।

## ମହିନ୍ଦ୍ରା ଏକ୍ସୟୁଭି ୭୦୦- ୨୦୨୪'ର ବଜାର ପ୍ରବେଶ

**ନୂଆଦିଲ୍ଲୀ,୨୭।୨(ଏଜେନ୍ସି):** ଭାରତର ଅନ୍ୟତମ ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ୨୦୨୪ ଏକ୍ସୟୁଭି ୭୦୦ ନୂଆ ଭର୍ସନର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକମାନଙ୍କୁ ଗାଡି ଚାଳନା କ୍ଷେତ୍ରରେ ସଦାସର୍ବଦା ନୂଆ ଅନୁଭୂତି ଏବଂ ରୋମାଞ୍ଚ ଦେବା କ୍ଷେତ୍ରରେ କମ୍ପାନୀ ପ୍ରତିବଦ୍ଧ ରହିଥିଲା ବେଳେ ବିଭିନ୍ନ ସମୟରେ ନୂଆ ନୂଆ ବ୍ରାଣ୍ଡ ବଜାରକୁ ଆଣିଛି। ଏହିକ୍ରମରେ କମ୍ପାନୀ ପକ୍ଷରୁ ଏହି ଯାନ ବଜାରକୁ ଅଣାଯାଇଛି ବୋଲି କମ୍ପାନୀ କହିଛି।



ଉଲ୍ଲେଖଯୋଗ୍ୟ ଯେ, ଏକ୍ସୟୁଭି ୭୦୦ ମଡେଲ ପ୍ରଥମେ ୨୦୨୧ ଅଗଷ୍ଟରେ ଲଞ୍ଚ ହୋଇଥିଲା। ସେବେ ଠାରୁ ବର୍ତ୍ତମାନ ସୁଦ୍ଧା ଏହି ମଡେଲର ଯାନ ୧,୪୦,୦୦୦ରୁ ଅଧିକ ସଂଖ୍ୟାରେ ବିକ୍ରି ହୋଇସାରିଛି। ତେବେ ଏହାର ୨୦୨୪ ପରିବର୍ତ୍ତିତ ମଡେଲରେ ବାହ୍ୟ ଏବଂ ଆଭ୍ୟନ୍ତରୀଣ ରୂପରେଖରେ ବ୍ୟାପକ ପରିବର୍ତ୍ତନ କରାଯାଇ ଗ୍ରାହକମାନଙ୍କୁ ନୂଆ ଅନୁଭୂତି ଦେବା ଲାଗି କମ୍ପାନୀ ଉଦ୍ୟମ କରିଛି ବୋଲି କହିଛି।

## ଏଡେଲୱିସ୍ ଟୋକିଓ ଲାଇଫ୍‌ର ନୂଆ ଉତ୍ପାଦ 'ଲିଗାସି ପ୍ଲସ'

**ମୁମ୍ବାଇ,୨୭।୨(ଏଜେନ୍ସି):** ଗ୍ରାହକଙ୍କ ଆବଶ୍ୟକତା ସହିତ ଏକ ପରିବାରର ବୀମା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏଡଲୱିସ ଟୋକିଓ ଜୀବନ ବୀମା କମ୍ପାନୀ 'ଲିଗାସି ପ୍ଲସ' ନାମରେ ଏକ ନୂଆ ବୀମା ଉତ୍ପାଦର ଶୁଭାରମ୍ଭ ଘୋଷଣା କରିଛି। ଏହା ଏକ ଅଭିନବ ଉତ୍ପାଦ ଯାହା ଦୁଇ ଜଣଙ୍କ ଜୀବନ ପାଇଁ ବୀମାକରଣ କରିବା ସହ ୩ ପିଢି ପାଇଁ ଆୟ ସୁନିଶ୍ଚିତ କରୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଉତ୍ପାଦ ଶିଶୁ ଆର୍ଥିକ ଯୋଜନା, ଉତ୍ତରାଧିକାରୀ ଯୋଜନା ଓ କାର୍ଯ୍ୟକାଳ ମଧ୍ୟରେ ଯେକୌଣସି ଜରୁରୀ ଆବଶ୍ୟକତା ସହ ଏକାଧିକ ଗ୍ରାହକଙ୍କ ଆବଶ୍ୟକତା ଯୋଗାଇବା ଲାଗି ପ୍ରଭାବଶାଳୀ ଉପାୟ ପ୍ରଦାନ କରେ। ନମନୀୟତା ଓ ତରଳତା ପ୍ରଦାନ ସୁବିଧା ମଧ ରହିଛି ।ଏହି ଉତ୍ପାଦ ଉପରେ ମତାମତ ରଖି କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୁଭ୍ରଜିତ ମୁଖୋପାଧ୍ୟାୟ କହିଛନ୍ତି ଯେ, ନିଜ ସନ୍ତାନର ବିକାଶ, ଅବସର ଓ ଉତ୍ତରାଧିକାରୀଙ୍କୁ ନେଇ



ଜଣେ ସାଧାରଣ ବ୍ୟକ୍ତିଙ୍କ ୩ ରୁ ୪ ମୌଳିକ ଆବଶ୍ୟକତା ରହିଥାଏ। ତେବେ ଏହି ଉତ୍ପାଦ ଯେକୌଣସି ସମ୍ଭାବ୍ୟ ପରିସ୍ଥିତିରେ ଆବଶ୍ୟକତା ପୂରଣ ଲାଗି ସହାୟତା କରିଥାଏ। ଲିଗାସି ପ୍ଲସ ମାଧ୍ୟମରେ ଗ୍ରାହକଙ୍କୁ ଏପରି ସମାଧାନ ପ୍ରଦାନ କରିବା ଆମର ଉଦ୍ଦେଶ୍ୟ ରହିଛି ।ଯେଉଁଥିରେ ଜଣେ ବୀମାଧାରୀଙ୍କ ଆଶା ପୂରଣ ହେବା ସହିତ ପରିବାରକୁ ସୁରକ୍ଷା ଓ ଆର୍ଥିକ ଆବଶ୍ୟକତା ପୂରଣ ହୋଇପାରିବ ବୋଲି ସେ କହିଛନ୍ତି।

## 'ସେଣ୍ଟର ଫ୍ରେସ୍'ର ଲେମନ ହନି ସ୍ୱାଦର ନୂଆ ଉତ୍ପାଦ

**ନୂଆଦିଲ୍ଲୀ,୨୭।୨(ଏଜେନ୍ସି):** ପରଫେଟି ୱାନ୍ ମେଲେ ଇଣ୍ଡିଆର ଫ୍ଲାଗସିପ୍ ଗମ୍ ଏବଂ ମିଣ୍ଟସ୍ ବ୍ରାଣ୍ଡର ସେଣ୍ଟର ଫ୍ରେସ୍ ଏହାର ନୂତନ ଉତ୍ପାଦ- ସେଣ୍ଟର୍ ଫ୍ରେସ୍ ମିଣ୍ଟ ଲେମନ ହନି ସ୍ୱାଦର ନୂତନ ଉତ୍ପାଦ ବଜାରକୁ ଆଣିଛି ।ଏହି ନୂତନ ଯୋଗ ୬୦ ମିନିଟର ନିର୍ମଳ ନିଶ୍ୱାସ ପ୍ରଦାନ କରୁଥିବା ଇଣ୍ଟେନ୍ସ ମେଣ୍ଟ ଏବଂ ସାଇଟ୍ରସି ସତେଜତାର ଏକ ମନୋରମ ମିଶ୍ରଣ ପ୍ରଦାନ କରୁଥିବା କମ୍ପାନୀ କହିଛି। ଯେଉଁମାନେ ସତେଜତା ପାଇଁ ଉତ୍ସାହିତ ସେମାନଙ୍କୁ ଆକର୍ଷିତ କରିବା ପାଇଁ ସେଣ୍ଟର୍ ଫ୍ରେସ୍ ଉତ୍ସର୍ଗୀକୃତ । ପ୍ରତ୍ୟେକ ପିଲାଙ୍କ ପାଇଁ ଏହି ବ୍ରାଣ୍ଡ ଏକ ଉତ୍ସାହଜନକ ଅଭିଜ୍ଞତା ପ୍ରଦାନ କରିବ । ବିଶେଷକରି ଫଳର ସ୍ୱାଦକୁ ଭଲପାଉଥିବା ବ୍ୟକ୍ତିଙ୍କ ପାଇଁ ଏହି ଉତ୍ପାଦ ବିଶେଷ ଅନୁଭୂତି ଦେବ ବୋଲି କମ୍ପାନୀ କହିଛି ।

## ଭାରତୀୟ କାର୍ ବଜାରକୁ ଫେରିବ ଫୋର୍ଡ

**ନୂଆଦିଲ୍ଲୀ,୨୭।୨(ଏଜେନ୍ସି):** ଆମେରିକାର ଅନ୍ୟତମ ପ୍ରମୁଖ ଅଟୋମୋବାଇଲ ବ୍ରାଣ୍ଡ ଫୋର୍ଡ ହାଇବ୍ରିଡ୍ ଏବଂ ଇଲେକ୍ଟ୍ରିକ୍ ଯାନ ଉତ୍ପାଦନକୁ ଗୁରୁତ୍ୱ ଦେବା ସହିତ ଭାରତୀୟ ବଜାରକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ ଆରମ୍ଭ କରିଛି । ଭାରତରେ ଫୋର୍ଡ ଏହାର କାର୍ ଉତ୍ପାଦନ ପାଇଁ ଚେନ୍ନାଇସ୍ଥିତ ପ୍ଲାଣ୍ଟକୁ ଉପଯୋଗ କରିବ ବୋଲି ସୂଚନା ମିଳିଛି । ଏହାମଧ୍ୟରେ କମ୍ପାନୀ ଏହାର ମିଡ୍ ସାଇଜ୍ ବା ମଧ୍ୟମ କିସମର ଏସୟୁଭିର ଏକ ଡିଜାଇନ୍‌କୁ ପେଟେଣ୍ଟଭୁକ୍ତ କରିଛି । ଏହି ମଡେଲ ସହ ଫୋର୍ଡ ଭାରତୀୟ ବଜାରକୁ ଓହ୍ଲାଇବ ବୋଲି କୁହାଯାଉଛି । ଏହି କାର୍ ହ୍ୟୁଣ୍ଡାଇ କ୍ରେଟା, କିଆ ସେଲଟସ ଏବଂ ମାରୁତି ସୁଜୁକି ଗ୍ରାଣ୍ଡ ଭିତାରାକୁ ଟକ୍କର ଦେବ । ଏହି ମଡେଲ ବ୍ୟତୀତ କମ୍ପାନୀ ଏହାର ଆଗାମୀ ଏଣ୍ଡେଭର ଏସୟୁଭିର ଡିଜାଇନକୁ ମଧ ପେଟେଣ୍ଟ କରିଛି ।

## ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ ସହ ତୋୟାମ ସ୍ପୋର୍ଟସ୍‌ର ସହଭାଗିତା

**ଭୁବନେଶ୍ୱର,୨୭।୨(ସମିସ):** ଭାରତର ଏକମାତ୍ର ବିଏସ୍ଇ ତାଲିକାଭୁକ୍ତ ସ୍ପୋର୍ଟସ୍ କମ୍ପାନୀ ତୋୟାମ ସ୍ପୋର୍ଟସ୍ ଲିମିଟେଡ (ଟିଏସ୍ଏଲ୍) ଏହାର ସହାୟକ କମ୍ପାନୀ ପାସିଫିକ୍ ଷ୍ଟାର ସ୍ପୋର୍ଟସ୍ (ପିଏସ୍ଏସ୍) ମାଧ୍ୟମରେ ୱାର୍ଲ୍ଡ ଚାମ୍ପିଅନସିପ୍ ଲିଜେଣ୍ଡସ (ଡବ୍ଲ୍ୟୁସିଏଲ୍) ସହ ନିଜର ସହଭାଗିତା ସମ୍ପର୍କରେ ଘୋଷଣା କରିଛି। ଏହି ସହଭାଗିତା ଚଳିତ ବର୍ଷ ଜୁଲାଇ ୩ରୁ୧୩ ତାରିଖ ପର୍ଯ୍ୟନ୍ତ ଯୁକ୍ତରାଜ୍ୟରେ ଖେଳାଯିବାକୁ ଥିବା ଆଗାମୀ ଟି୨୦ କ୍ରିକେଟ ଲିଗ୍‌ରେ ଟିଏସ୍ଏଲ୍‌ର ଗୁରୁତ୍ୱପୂର୍ଣ୍ଣ ନିବେଶକୁ ସୂଚିତ କରୁଛି। ଏହି ଲିଗ୍‌ରେ ବିଗତ ଦିନର କିମ୍ବଦନ୍ତୀ କ୍ରିକେଟ ଖେଳାଳି ଯୁବରାଜ ସିଂହ, କେଭିନ ପିଟରସନ, ସାହିଦ ଆଫ୍ରିଦି, କ୍ରିସ୍ ଗେଲ୍, ହର୍‌ଭଜନ ସିଂହ, ସୁରେଶ ରାଇନା, ବ୍ରେଟ୍ ଲି ଆଦି ସାମିଲ ରହିବେ। ଇଂଲଣ୍ଡ ଆଣ୍ଡ ୱେଲ୍‌ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ଅନୁମୋଦିତ ଡବ୍ଲ୍ୟୁସିଏଲ୍ ହେଉଛି ଭାରତ ଓ ଦୁବାଇରେ ଅବସ୍ଥିତ ବଲିଉଡ ଫିଲ୍ମ ଓ ମ୍ୟୁଜିକ୍ ପ୍ରଡକ୍ସନ କମ୍ପାନୀ ଜାବାୱା ଏଣ୍ଟରଟେନ୍‌ମେଣ୍ଟର ଏକ ମିଳିତ ପ୍ରୟାସ । ବଲିଉଡ ସୁପରଷ୍ଟାର ଅଜୟ ଦେବଗନ ଡବ୍ଲ୍ୟୁସିଏଲ୍‌ର ସହ-ମାଲିକ ଭାବେ ଯୋଗ ଦେଇ ଏହି ଅସାଧାରଣ ଲିଗ୍‌ରେ ନିଜର ସମର୍ଥନ ଓ ଉତ୍ସାହ ଯୋଗ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଭାରତୀୟ ଟ୍ରାଭେଲ କମ୍ପାନୀ ଇଜ୍‌ମାଇଁଟ୍ରିପ୍ ଉପସ୍ଥାପନ କରିବ ବୋଲି କୁହାଯାଇଛି।

### ଫିକି ବିକଶିତ ଭାରତ-୨୦୪୭ କନ୍‌କ୍ଲେଭ୍‌ରେ ନିର୍ମଳାଙ୍କ ଦୃଢୋକ୍ତି

# ଭାରତ ହେବ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି

**ନୂଆଦିଲ୍ଲୀ,୨୭।୨(ଏଜେନ୍ସି)**

କେନ୍ଦ୍ର ସରକାର ଜାରି ରଖିଥିବା ଆର୍ଥିକ ସଂସ୍କାର ପ୍ରକ୍ରିୟା ଜାରି ରହିବ। ୨୦୨୪ ନିର୍ବାଚନରେ ନରେନ୍ଦ୍ର ମୋଦୀ ନେତୃତ୍ୱ ସରକାର ପୁଣିଥରେ କେନ୍ଦ୍ରରେ କ୍ଷମତାସୀନ ହେବା ନିଶ୍ଚିତ ହୋଇଥିଲା ବେଳେ ଏହି ସରକାରର ତୃତୀୟ ପର୍ଯ୍ୟାୟ କାଳରେ ଆର୍ଥିକ ସଂସ୍କାର ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯିବ। ଏହାଦ୍ୱାରା ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରାଯାଇପାରିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦୃଢୋକ୍ତି କରିଛନ୍ତି। ପ୍ରମୁଖ ଶିଳ୍ପ ଓ ବ୍ୟାବସାୟିକ ସଂଘ 'ଫିକି' ଦ୍ୱାରା ଆୟୋଜିତ ବିକଶିତ ଭାରତ-୨୦୪୭ ଶୀର୍ଷକ ଜାତୀୟ ସ୍ତରର ଆଲୋଚନାଚକ୍ରରେ ଯୋଗ ଦେଇ ନିର୍ମଳା କହିଛନ୍ତି ଯେ, ମୋଦୀ ସରକାରଙ୍କ ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାଳରେ ଆର୍ଥିକ ସଂସ୍କାର ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯିବା ସହିତ ବିଭିନ୍ନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ। ବିଶେଷକରି ଉତ୍ପାଦନ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ଦିଗକୁ ଆର୍ଥିକ ସଂସ୍କାର ପ୍ରକ୍ରିୟା ସହ ସଂଯୋଜିତ କରାଯିବ। ଜମି ଠାରୁ ଆରମ୍ଭ କରି ପୁଞ୍ଜି ଏବଂ ଡିଜିଟାଲ ଭିତ୍ତିଭୂମି ଆଦି କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ମାଧ୍ୟମରେ ଦ୍ରୁତ ପରିବର୍ତ୍ତନ ଅଣାଯାଇ ଭାରତକୁ ବିଶ୍ୱର ତୃତୀୟ ଅର୍ଥନୀତି ଭାବେ ପ୍ରତିଷ୍ଠା କରାଯିବ ବୋଲି ନିର୍ମଳା କହିଛନ୍ତି। ସେ କହିଛନ୍ତି ଯେ, ମୋଦୀ ସରକାରଙ୍କ ବିଗତ ଦୁଇଟି ପର୍ଯ୍ୟାୟ



### ପରବର୍ତ୍ତୀ ପର୍ଯ୍ୟାୟ ଆର୍ଥିକ ସଂସ୍କାର ପ୍ରକ୍ରିୟା ଜାରି ରହିବ

କାର୍ଯ୍ୟକାଳରେ ଅର୍ଥନୀତି କ୍ଷେତ୍ରରେ ବିଭିନ୍ନ ଦିଗରେ ଯଥେଷ୍ଟ ପରିବର୍ତ୍ତନ ଅଣାଯାଇଛି। ଆସନ୍ତା ଏପ୍ରିଲ-ମେ'ରେ ନିର୍ବାଚନ ହେବାକୁ ରହିଥିବା ବେଳେ ଏଥିରେ ମୋଦୀ ସରକାର ବିପୁଳ ବିଜୟ ଲାଭ କରିବା ସହିତ ତୃତୀୟ ଥର ପାଇଁ ସରକାର ଗଢିବେ। ଏହାପରେ ଦେଶର ବର୍ଦ୍ଧିତ ଅର୍ଥନୀତିକୁ ଆହୁରି ତ୍ୱରାନ୍ୱିତ କରିବାକୁ ସବୁ ଦିଗରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଦେଶରେ ଡିଜିଟାଲ ଭିତ୍ତିଭୂମି ବ୍ୟବସ୍ଥାର ଗୁରୁତ୍ୱକୁ ନେଇ ସେ କହିଛନ୍ତି ଯେ, ସାମୂହିକ ଉତ୍ପାଦନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ମୁଖ୍ୟତଃ ଜମି,ଶ୍ରମ ଏବଂ ପୁଞ୍ଜି କ୍ଷେତ୍ର ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଜରୁରୀ। ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ନିବେଶ ବଢୁଥିବା ବେଳେ ଏହାକୁ ଆହୁରି ବିକାଶମୁଖୀ କରାଯିବ। ସେହିପରି କୃତ୍ରିମ ବୁଦ୍ଧିମତା(ଏଆଇ), ମହାକାଶ ଗବେଷଣା ଏବଂ ସେମିକଣ୍ଡକ୍ଟର କ୍ଷେତ୍ରକୁ ମଧ ଅଧିକ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ ବୋଲି ନିର୍ମଳା କହିଛନ୍ତି। ଦେଶର ସାମୂହିକ ବିକାଶ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପଦ୍ୟୋଗୀମାନଙ୍କ ଅଶେଷ ଭୂମିକା ରହିଛି। ସରକାର ବିଭିନ୍ନ କ୍ଷେତ୍ରରେ ନିବେଶ ବୃଦ୍ଧି କରିବାକୁ ଗୁରୁତ୍ୱ ଦେଉଥିବା ବେଳେ ଶିଳ୍ପଦ୍ୟୋଗୀମାନେ ଏହାର ଫାଇଦା ଉଠାଇ ସାମଗ୍ରିକ ଉତ୍ପାଦନ କ୍ଷେତ୍ରକୁ ଆହୁରି ମଜବୁତ କରିବା ଦରକାର। ଆମର ପରବର୍ତ୍ତୀ ପିଢିଙ୍କ ପାଇଁ ଆମେ ଏକ ସୁନ୍ଦର ଏବଂ ସୁରକ୍ଷିତ ଭାରତ ଗଢିବାକୁ ଲକ୍ଷ୍ୟ ରଖିଥିବା ବେଳେ ପ୍ରତ୍ୟେକ କ୍ଷେତ୍ରରେ ଆମକୁ ଦ୍ରୁତ ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା କହିଛନ୍ତି।

# ବାଙ୍ଗାଲୋରର ୨ୟ ବିଜୟ

**ବେଙ୍ଗାଲୁରୁ, ୨୭ ।୨ (ଏଜେନ୍ସି):** ଚଳିତ ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ପ୍ରତିଯୋଗିତାର ୫ମ ମୁକାବିଲାରେ ବାଙ୍ଗାଲୋର ୮ ୱିକେଟ୍‌ରେ ଗୁଜରାଟ ଜାଏଣ୍ଟ୍‌ସକୁ ପରାସ୍ତ କରିଛି। ଗୁଜରାଟ ପକ୍ଷରୁ ଧାର୍ଯ୍ୟ ୧୦୮ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ରୟାଲ୍ ଚ୍ୟାଲେଞ୍ଜର୍ସ ୧୨.୩ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଧିନାୟିକା ସ୍ମୃତି ମନ୍ଧାନା ୪୩, ଏସ୍ ମେଘନା ୩୬* ଓ ଏଲିସେ ପେରୀ ୨୩* ରନ କରିଥିଲେ। ଗୁଜରାଟ ମଧ୍ୟ ଏଥିସହ କ୍ରମାଗତ ୨ୟ ପରାଜୟବରଣ କରିଛି। ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଆଗଧାଡ଼ିର ବ୍ୟାଟର୍‌ଙ୍କ ବିଫଳତା ଯୋଗୁ ୨୦ ଓଭରରେ ୭ ୱିକେଟ୍ ହରାଇ ୧୦୭ ରନ କରିଥିଲା। ଦଳ ପକ୍ଷରୁ ଦୟାଲନ ହେମଲତା ୩୧*, ହର୍ଲିନ ଦେଓଲ ୨୨ ଓ ସ୍ନେହ ରାଣା ୧୨ ରନ୍ କରିଥିଲେ।





ବାରବାଟୀ ରୂପାନ୍ତରୀକରଣର ମାନଚିତ୍ର (ବାମ)। ଭିଭିପ୍ରସ୍ତର ଉତ୍ସବରେ ସଂଗୀତ ପରିବେଷଣ କରିଥିବା ନେହା କକ୍କର (ମଝି) ଓ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଆଶୀର୍ବାଦ ବେହେରା ଓ ପଙ୍କଜ ଲୋଚନ ମହାନ୍ତି।

# ସୁଚିତ୍ରା, ପଦ୍ମିନୀଙ୍କୁ ବିଆର୍‌ଏମ୍ ଆଶା ପୁରସ୍କାର



**ଭୁବନେଶ୍ୱର, ୨୭।୨(ସମିସ)**

ହ୍ୱିଲଚେୟାର ଜାଭେଲିନ୍ ଥ୍ରୋରେ ବିଶ୍ୱ ବିଜେତା ସୁଚିତ୍ରା ପରିଡ଼ା ଓ ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟର ପଦ୍ମିନୀ ଟୁଡୁଙ୍କ ସମେତ ଏକାଧିକ ଭିନ୍ନକ୍ଷମ କ୍ରୀଡ଼ାବିତ, ସଂଗଠକ ଓ ସାମ୍ବାଦିକଙ୍କୁ ଚତୁର୍ଥ ବିଆର୍‌ଏମ୍ ଆଶା (ଭାରତୀ ରଥ ମେମୋରିଆଲ ଏକାଡେମୀ ଅଫ୍ ସ୍ପେଶାଲ ହ୍ୟୁମାନ ଆବିଲିଟିଜ୍) ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥାନୀୟ ଲୋହିଆ ଏକାଡେମୀ ପରିସରରେ ମଙ୍ଗଳବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରିଛନ୍ତି। ଅନ୍ୟ କ୍ରୀଡ଼ାବିତ୍‌ମାନେ ହେଲେ ବୈଷ୍ଣବ ରାଜପଲିଆ, ଗୌତମ ସିଂ, ଝସକେତନ ସାହୁ, ପଙ୍କଜ ଭୁଏ, କେନ୍ଦୁଝରର ସଦ୍‌ଭାବନା ସଂଗଠନକୁ ପୁରସ୍କୃତ କରାଯାଇଛି। ଏମାନଙ୍କ ବ୍ୟତୀତ ଦୁଇ ସାମ୍ବାଦିକ ତପନ କୁମାର ସ୍ୱାଇଁ ଓ ସୁଶାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ଲେଖିକା ବିଜୟିନୀ ତ୍ରିପାଠୀ, ଶିକ୍ଷାବିତ ଡଃ ଦେବକୁମାର ତ୍ରିପାଠୀ, ପ୍ରଫେସର ଜଗନ୍ନାଥ ଲେଙ୍କା, ପ୍ରଫେସର ପ୍ରତାପ ରଥ, ଡେପୁଟି ସଚିବ ସନ୍ନ୍ୟାସୀ ବେହେରା, ତପନ ମହାନ୍ତି, ପ୍ରଭାତ ରଥ, ସରିତା ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ଏମ୍ ଆଶାର ସମ୍ପାଦକ ପ୍ରକାଶ ରଥ, ଯୁଗ୍ମ ସମ୍ପାଦିକା ଅର୍ପିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରଣଜୀ ସେମିରେ ବିଦର୍ଭ, ମୁମ୍ବାଇ

**ମୁମ୍ବାଇ,୨୭ ।୨(ଏଜେନ୍ସି)**

ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିରେ ତାମିଲନାଡୁ ଓ ମଧ୍ୟପ୍ରଦେଶ ସେମିଫାଇନାଲରେ ପ୍ରବେଶ କରିବା ପରେ ମଙ୍ଗଳବାର ୫ମ ତଥା ଅନ୍ତିମ ଦିବସରେ ଆଉ ଦୁଇଟି ଦଳ ସେମିକୁ ଉଠିଛନ୍ତି। ପ୍ରଥମ କ୍ୱାର୍ଟର ଫାଇନାଲରେ ବିଦର୍ଭ ୧୨୭ ରନରେ କର୍ଣ୍ଣାଟକୁ ହରାଇ ଓ ମୁମ୍ବାଇ ଦ୍ୱିତୀୟ କ୍ୱାର୍ଟରରେ ବରୋଦା ବିପକ୍ଷରେ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ସେମିକୁ ଉଠିଛି। ଏହା ସହ ମାର୍ଚ୍ଚ ୨ରୁ ୬ ତାରିଖଯାଏ ଖେଳାଯିବାକୁ ଥିବା ସେମିଫାଇନାଲରେ କିଏ କାହା ସହ ଖେଳିବେ ତାହା ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତା ୨ ତାରିଖ ଶନିବାରଠାରୁ ରଣଜୀ ଟ୍ରଫିର ଦୁଇଟି ଯାକ ସେମିଫାଇନାଲ ଆରମ୍ଭ ହେବ। ନାଗପୁରରେ ପ୍ରଥମ ସେମିରେ ବିଦର୍ଭ ଓ ମଧ୍ୟପ୍ରଦେଶ ଏବଂ ମୁମ୍ବଇରେ ତାମିଲନାଡୁ ଓ ମୁମ୍ବାଇ ପରସ୍ପରକୁ ଭେଟିବେ। ଫାଇନାଲ ମୁକାବିଲା ମାର୍ଚ୍ଚ ୧୦ରୁ ଆରମ୍ଭ ହେବ। ଏହା ମଧ୍ୟରେ ମୁମ୍ବାଇର ତାରକା ଖେଳାଳି ଶ୍ରେୟସ ଆୟର ଫିଟ୍ ଘୋଷିତ ହୋଇଛନ୍ତି। ସେ ତାମିଲନାଡୁ ବିପକ୍ଷ ସେମିଫାଇନାଲରେ ଖେଳିବେ ବୋଲି ଘୋଷଣା କରାଯାଇଛି।

## ମୁମ୍ବାଇର ୧୦ ଓ ୧୧ ନଂ ବ୍ୟାଟରଙ୍କ ଶତକ



ଆଦିତ୍ୟ ସରୱତେ

ବାନ୍ଦ୍ରାରେ ମୁମ୍ବାଇ ଓ ବରୋଦା ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅମୀମାଂସିତ ରହିଛି। ତେବେ ପ୍ରଥମ ପାଳିରେ ୩୬ ରନର ଅଗ୍ରଣୀ ହାସଲ କରିଥିବା ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ମୁମ୍ବାଇ ସେମିକୁ ଉଠିଛି। ମୁମ୍ବାଇ ପ୍ରଥମ ପାଳିରେ ୩୮୪ ରନ କରିଥିଲା। ଜବାବରେ ବିଷ୍ଣୁ ସୋଲାଙ୍କିଙ୍କ ବରୋଦା ୩୪୮ ରନ କରି ଅଲଆଉଟ ହୋଇଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ମୁମ୍ବାଇ ମଙ୍ଗଳବାର ୧୩୨ ଓଭରରେ ୫୬୯ ରନକରି ଅଲଆଉଟ ହୋଇଥିଲା। ଏହି ପାଳିରେ ୧୦ ନଂରେ ବ୍ୟାଟିଂ କରିବାକୁ ଆସିଥିବା ତନୁଷ କୋଟିଆନ ୧୨୦ ରନର ଅପରାଜିତ ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି ୧୧ ନଂରେ ବ୍ୟାଟିଂ କରିଥିବା ତୁଷାର ଦେଶପାଣ୍ଡେ ୧୨୩ ରନକରି ଆଉଟ ହୋଇଥିଲେ। ତନୁଷ ଓ ତୁଷାର ୧୦ମ ୱିକେଟରେ ୨୩୨ ରନ ସଂଗ୍ରହ କରିଥିଲେ। ଫଳରେ ବରୋଦା ସମ୍ମୁଖରେ ୬୦୬ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ବରୋଦା ମଙ୍ଗଳବାର ମ୍ୟାଚ୍ ଶେଷ ହେବା ବେଳକୁ ୩୦ ଓଭରରେ ୩ ୱିକେଟ ହରାଇ ୧୨୧ ରନ ସଂଗ୍ରହ କରି ମ୍ୟାଚ ଅମୀମାଂସିତ ରଖିଥିଲା। କିନ୍ତୁ ପ୍ରଥମ ପାଳି ଅଗ୍ରଣୀ ଭିତ୍ତିରେ ମୁମ୍ବାଇ ସେମି ଟିକେଟ ହାସଲ କରିଛି। ପ୍ରଥମ ପାଳିରେ ୨୦୩ ରନର ଦ୍ୱିଶତକୀୟ ପାଳି ଖେଳିଥିବା ମୁସିର ଖାନ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

## କର୍ଣ୍ଣାଟକ ୧୨୭ ରନରେ ପରାସ୍ତ

ନାଗପୁରରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକକୁ ୧୨୭ ରନରେ ପରାସ୍ତ କରି ବିଦର୍ଭ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ପାଳିରେ ବିଦର୍ଭର ୪୬୦ ରନ୍ ଜବାବରେ କର୍ଣ୍ଣାଟକ ୨୮୬ ରନ କରିଥିଲା। ଫଳରେ ବିଦର୍ଭ ୧୭୪ ରନର ଅଗ୍ରଣୀ ହାସଲ କରିଥିଲା। ବିଦର୍ଭ ଦ୍ୱିତୀୟ ପାଳିରେ ୫୭.୨ ଓଭରରେ ୧୯୬ ରନକରି ଅଲଆଉଟ ହେବା ଫଳରେ କର୍ଣ୍ଣାଟକ ସମ୍ମୁଖରେ ୩୭୧ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ କର୍ଣ୍ଣାଟକ ମଙ୍ଗଳବାର ଅନ୍ତିମ ଦିବସରେ ୬୨.୪ ଓଭରରେ ୨୪୩ ରନକରି ଅଲଆଉଟ ହେବା ଫଳରେ ପରାସ୍ତ ହୋଇଥିଲା। ବିଦର୍ଭର ଆଦିତ୍ୟ ସରୱତେ ମୋଟ ୭ ୱିକେଟ ନେବା ସହ ୫୫ ରନକରି ଶ୍ରେଷ୍ଠ ଖେଳାଳି ବିବେଚିତ ହେଉଥିଲେ।

# ଟି-୨୦ କ୍ରିକେଟ୍‌ରେ ବିଶ୍ୱରେକର୍ଡ: ୩୩ ବଲରେ ନିକୋଲଙ୍କ ଦ୍ରୁତତମ ଶତକ

**କୀର୍ତ୍ତିପୁର (ନେପାଳ), ୨୭ ।୨ (ଏଜେନ୍ସି)**

ନାମ୍ବିଆର ଜନ୍ ନିକୋଲ୍ ଲୋଫ୍ଟି-ଏଟନ୍ ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଶତକ ହାସଲ କରି ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ମଙ୍ଗଳବାର ଘରୋଇ ନେପାଳ ଓ ନାମ୍ବିଆ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚ୍ ଅବସରରେ ୨୨ ବର୍ଷୀୟ ବାମହାତୀ ବ୍ୟାଟର୍ ନିକୋଲ ୩୩ ବଲରେ ଶତକ ଅର୍ଜନ କରି ଏହି ବିଧ୍ୱଂସୀ ପାଳି ଖେଳିଛନ୍ତି। ଏହି ମ୍ୟାଚରେ ନାମ୍ବିଆ ପ୍ରଥମେ ବ୍ୟାଟିଂ କରି ୪ ୱିକେଟ୍‌ରେ ୨୦୬ ରନ କରିଥିବାବେଳେ ଘରୋଇ ନେପାଳ ୧୮.୫ ଓଭରରେ ୧୮୬ରେ ସୀମିତ ରହିଥିଲା। ନାମ୍ବିଆ ପାଳିରେ ବ୍ୟାଟିଂକ୍ରମର ୫ମ ସ୍ଥାନରେ ଆସିଥିବା ଜନ୍ ନିକୋଲ ମାତ୍ର ୩୩ ବଲରେ ଶତକ ପୂରଣ କରି ବିଶ୍ୱରେକର୍ଡ କରିଥିଲେ। ମୋଟ୍ ୩୬ ବଲର ଏହି ପାଳିରେ ସେ ୧୧ ଚୌକା ଓ ୮ ଛକା ସହ ୧୦୧ ରନ କରି ଆଉଟ୍ ହୋଇଥିଲେ। ନିକୋଲ ବାଉଣ୍ଡାରୀରୁ ୯୨ ରନ ସଂଗ୍ରହ କରିଥିଲେ। ଏହିକ୍ରମରେ ସେ ନେପାଳର କୁଶଳ ମଲ୍ଲଙ୍କ ନାମରେ ଥିବା ଟି-୨୦ ଦ୍ରୁତତମ ଶତକ ରେକର୍ଡକୁ ଭଙ୍ଗ କରିଥିଲେ। ଗତବର୍ଷ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ କୁଶଳ ୩୪ ବଲରୁ ଶତକ ପୂରଣ କରି ରେକର୍ଡର ଅଧିକାରୀ ରହିଥିଲେ। ଯାହାକୁ ନିକୋଲ୍ ୫ ମାସ ପରେ ଭାଙ୍ଗିଦେଇଛନ୍ତି।

**ଅନ୍ତର୍ଜାତୀୟ ଟି-୨୦ରେ ଦ୍ରୁତତମ ଶତକ (ଶ୍ରେଷ୍ଠ-୫)**

| ବ୍ୟାଟର୍ | ବଲ୍ | ମ୍ୟାଚ୍ | ବର୍ଷ |
|---|---|---|---|
| ଜନ୍ ନିକୋଲ | ୩୩ | ନାମ୍ବିଆ-ନେପାଳ | ୨୦୨୪ |
| କୁଶଳ ମଲ୍ଲ | ୩୪ | ନେପାଳ-ମଙ୍ଗୋଲିଆ | ୨୦୨୩ |
| ଡେଭିଡ୍ ମିଲର୍ | ୩୫ | ଦ.ଆଫ୍ରିକା-ବାଂଲାଦେଶ | ୨୦୧୭ |
| ରୋହିତ୍ ଶର୍ମା | ୩୫ | ଭାରତ-ଶ୍ରୀଲଙ୍କା | ୨୦୧୭ |
| ସୁଦେଶ ବିକ୍ରମଶେଖର | ୩୫ | ଚେକ୍ ରିପବ୍ଲିକ-ତୁର୍କି | ୨୦୧୯ |

# ନେଲ ୱାଗନରଙ୍କ ଅବସର

**ୱେଲିଂଟନ,୨୭ ।୨(ଏଜେନ୍ସି):** ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ନେଲ ୱାଗନର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ୱାଗନର ମଙ୍ଗଳବାର କୋଚ୍ ଗ୍ୟାରୀ ଷ୍ଟେଡଙ୍କ ଉପସ୍ଥିତିରେ ସମ୍ବାଦିକ ସମ୍ମିଳନୀ ଡାକି ସେ ଏହି ଘୋଷଣା କରିଥିଲେ। ତେବେ ସେ ପ୍ରଥମଶ୍ରେଣୀ କ୍ରିକେଟ ଖେଳିବାର ଜାରି ରଖିବେ। ୱାଗନର ନ୍ୟୁଜିଲାଣ୍ଡ ତରଫରୁ ପ୍ରତିନିଧିତ୍ୱ କରି ୬୪ଟି ଟେଷ୍ଟ ଖେଳି ୩.୧୩ ରନ ହାରରେ ୨୬୦ଟି ୱିକେଟ ନେଇଛନ୍ତି। ୨୦୧୨ରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଫେବୃଆରୀ ୧୩ରୁ ୧୬ ମଧ୍ୟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ କ୍ୟାରିୟରର ଅନ୍ତିମ ଟେଷ୍ଟ ଖେଳିଥିଲେ।

# ତୁର୍କିସ ଓମେନ୍ସ କପ୍ ଫୁଟ୍‌ବଲରେ ଭାରତ ଉପବିଜେତା

**ଅଲାନ୍ୟା (ତୁର୍କୀ), ୨୭ ।୨ (ଏଜେନ୍ସି):** ତୁର୍କିସ ଓମେନ୍ସ କପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଭାରତୀୟ ମହିଳା ଦଳ ଉପବିଜେତାରେ ସନ୍ତୁଷ୍ଟ ରହିଛି। ମଙ୍ଗଳବାର ଭାରତ ଏହାର ଶେଷ ରାଉଣ୍ଡ-ରବିନ ମ୍ୟାଚରେ କୋସୋଭୋ ନିକଟରୁ ଅନ୍ତିମ ମୁହୂର୍ତ୍ତରେ ୧-୦ ଗୋଲରେ ହାରିଯାଇଥିଲା। ମ୍ୟାଚର ନିର୍ଦ୍ଧାରିତ ୯୦ ମିନିଟ୍‌ରେ ଉଭୟ ଦଳ ଗୋଲ୍‌ସ୍କୋର କରି ପାରି ନ ଥିଲେ। କିନ୍ତୁ ଇଞ୍ଜୁରୀ ଟାଇମ୍‌ରେ କୋସୋଭୋ ଏକ ଗୋଲ୍ ଦେଇ ମ୍ୟାଚକୁ ଜିତିନେଇଥିଲା। ଭାରତୀୟ ମହିଳା ଦଳ ଏହି ମ୍ୟାଚରେ ବିଜୟୀ ହୋଇଥିଲେ ପ୍ରଥମଥର ଲାଗି ସାଫ୍ ରିଜିଅନ ବାହାରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥାନ୍ତା। ଏହି ଚତୁଃରାଷ୍ଟ୍ରୀୟ ଆମନ୍ତ୍ରଣୀୟ ପ୍ରତିଯୋଗିତାରେ କୋସୋଭୋ ୯ ପଏଣ୍ଟ ସହ ଟେବଲ୍‌ର ପ୍ରଥମ ସ୍ଥାନରେ ରହି ଚାମ୍ପିଅନ ହୋଇଛି। ଭାରତ ୬ ପଏଣ୍ଟ ସହ ୨ୟ ସ୍ଥାନ ହାସଲ କରିଛି। ଉପବିଜେତା ହୋଇଥିବା ଭାରତୀୟ ଦଳରେ ଓଡ଼ିଶାରୁ ଦୁଇ ଖେଳାଳି ପ୍ୟାରୀ ଖାଖା ଓ ଜୁଲି କିସାନ ସଦସ୍ୟା ରହିଛନ୍ତି।

● ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ସମ୍ବଲପୁରକୁ ସ୍ୱର୍ଣ୍ଣ, କିଟ୍‌କୁ ରୌପ୍ୟ

**ଭୁବନେଶ୍ୱର, ୨୭ ।୨ (ସମିସ)**



ଆସାମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣରେ ମଙ୍ଗଳବାର ଓଡ଼ିଶାକୁ ଆଉ ୨ଟି ପଦକ ମିଳିଛି। ୪ ଗୁଣା ୪୦୦ ମିଟର ପୁରୁଷ ରିଲେରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଆର୍ଯ୍ୟାନ ଏକ୍କା, ଅବିନାଶ ସାହୁ, ଅଭିଷେକ ଦଳବେହେରା ଓ ସାରୁନ ପାୟାସିଂଙ୍କୁ ନେଇ ଗଠିତ ସମ୍ବଲପୁର ଦଳ ୪୧.୦୫ ସେକେଣ୍ଡ ସମୟ ନେଇ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲା। ଉପରୋକ୍ତ ୪ ଖେଳାଳି କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଇଣ୍ଡେସନ ଆଥଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ପୂର୍ବରୁ ଗତକାଲି ମହିଳା ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲା। ଅପରପକ୍ଷରେ ପୁରୁଷ ରଗ୍‌ବୀ କ୍ରୀଡ଼ାରେ କିଟ୍ ରୌପ୍ୟ ପଦକ ହାସଲ କରିଛି। ମଙ୍ଗଳବାର ଆସାମର ଇନ୍ଦିରା ଗାନ୍ଧି ଆଥଲେଟିକ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଚଣ୍ଡିଗଡ଼ ୧୨-୭ ସ୍କୋରରେ କିଟ୍‌କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲା। ଏଥିପୂର୍ବରୁ ସେମିଫାଇନାଲରେ କିଟ୍ ୩୯-୦ରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ, କ୍ୱାର୍ଟରରେ ୩୧-୭ରେ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟକୁ ହରାଇଥିଲା। କିଟ୍ ପୁରୁଷ ଟେନିସ ଦଳ ମଧ୍ୟ ସୋମବାର ଏହି ସମ୍ମାନଜନକ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲା।

# ଏଫ୍‌ଆଇଏଚ୍ ପ୍ରୋ ଲିଗ୍: ଭଲ ଖେଳିଲେ ପୁରୁଷ; ନିରାଶ କଲେ ମହିଳା

**ଭୁବନେଶ୍ୱର, ୨୭ ।୨ (ସମିସ)**



ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର 'ଭାରତ ଲେଗ୍' ଶେଷ ହୋଇଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଶେଷ ମ୍ୟାଚରେ ଘରୋଇ ଭାରତୀୟ ଦଳ ୩-୦ରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ବିଜୟ ସହ ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଘରୋଇ ଭାରତ ଏହି ଲେଗ୍‌ରେ ଉଭୟ କଳିଙ୍ଗ ଓ ବିର୍ସା ମୁଣ୍ଡା ଷ୍ଟାଡିୟମରେ ମୋଟ୍ ୮ ମ୍ୟାଚ୍ ଖେଳି ୧୫ ପଏଣ୍ଟ ସହ ଟେବଲ୍ ତାଲିକାର ୩ୟ ସ୍ଥାନରେ ରହିଛି। କ୍ରେଗ୍ ଫୁଲଟନ୍‌ଙ୍କ ପ୍ରଶିକ୍ଷଣପ୍ରାପ୍ତ ଭାରତୀୟ ପୁରୁଷ ହକି ଦଳ ଭୁବନେଶ୍ୱରରେ ଖେଳିଥିବା ୪ଟି ମୁକାବିଲାରୁ ୨ଟି ଜିତିଥିବାବେଳେ ଗୋଟିଏ ସୁଟ୍‌ଆଉଟ୍ ବିଜୟ ଓ ଗୋଟିଏ ପରାଜୟବରଣ କରିଥିଲା। ତେବେ ରାଉରକେଲାରେ ଭାରତ ୪ଟି ମ୍ୟାଚରୁ କୌଣସି ଗୋଟିଏ ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ପରାଜୟବରଣ କରି ନ ଥିଲା। ଏଠାରେ ପ୍ରଥମ ମ୍ୟାଚରେ ଭାରତ ସ୍ପେନକୁ ହରାଇଥିବାବେଳେ ପରବର୍ତ୍ତୀ ୨ଟି ମୁକାବିଲାରେ ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ ନିକଟରୁ ସୁଟ୍‌ଆଉଟ୍‌ରେ ହାରିଥିଲା। ଏହାପରେ ଶେଷ ଲଢ଼େଇରେ ୪-୦ରେ ଆୟର୍ଲାଣ୍ଡକୁ ମାତ୍ ଦେଇ ଅଭିଯାନ ଶେଷ କରିଥିଲା। ଆଗକୁ ପ୍ୟାରିସ ଅଲିମ୍ପିକ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଖେଳାଯିବାକୁ ଥିବାବେଳେ ଭାରତର ଏହି ପ୍ରଦର୍ଶନ ସନ୍ତୋଷଜନକ ରହିଥିବା କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏବେ ଭାରତ ପ୍ରୋ ଲିଗ୍‌ରେ ପରବର୍ତ୍ତୀ 'ଲେଗ୍' ବେଲ୍‌ଜିୟମରେ ମେ ୨୨ରୁ ଆରମ୍ଭ କରିବ। ସେହିଭଳି 'ଭାରତ ଲେଗ୍'ରେ ୮ଟି ମ୍ୟାଚ୍ ଖେଳିଥିବା ଅଷ୍ଟ୍ରେଲିଆ ୬ ବିଜୟ ଏବଂ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହିତ ୨୦ ପଏଣ୍ଟ ପାଇ ନେଦରଲାଣ୍ଡସ (୨୬) ପଛକୁ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଅବଶ୍ୟ ନେଦରଲାଣ୍ଡସ ଭାରତ ଓ ଅଷ୍ଟ୍ରେଲିଆଠାରୁ ୪ଟି ମ୍ୟାଚ୍ ଅଧିକ ଖେଳିଛି। ତେବେ ଚଳିତ ପ୍ରୋ ଲିଗ୍‌ର 'ଭାରତ ଲେଗ୍'ରେ ଆୟର୍ଲାଣ୍ଡ ୮ରୁ ୮ ମ୍ୟାଚ୍ ହାରି ଖାତା ଖୋଲିବାରେ ବିଫଳ ହୋଇଛି। ଅପରପକ୍ଷରେ ମହିଳା ପ୍ରୋ ଲିଗ୍‌ରେ ଭାରତ ନିରାଶ କରିଛି। ଉଭୟ କଳିଙ୍ଗ ଓ ବିର୍ସା ମୁଣ୍ଡାରେ ଭାରତୀୟ ମହିଳା ଦଳ ୮ଟି ମ୍ୟାଚ୍ ଖେଳି ୨ ବିଜୟ, ୫ ପରାଜୟ ଓ ଗୋଟିଏ ଡ୍ର ସହ ୮ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି।

# ପଦ ଛାଡ଼ିଲେ ହକି ଇଣ୍ଡିଆ ସିଇଓ ଏଲିନା

**ନୂଆଦିଲ୍ଲୀ,୨୭ ।୨(ଏଜେନ୍ସି)**



ଭାରତୀୟ ହକିର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଦୀର୍ଘ ୧୩ ବର୍ଷ ପରେ ଅଭିଜ୍ଞ ଅଷ୍ଟ୍ରେଲୀୟ ହକି ପ୍ରଶାସିକ ଏଲିନା ମଙ୍ଗଳବାର ପଦ ଛାଡିଛନ୍ତି। ଭାରତୀୟ ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ଜାନେକ ସ୍କୁପମ୍ୟାନ କିଛିଦିନ ତଳେ ପଦରୁ ଇସ୍ତଫା ଦେଇଥିଲେ। ଭାରତୀୟ ହକି ମହାସଂଘରେ ମହିଳା କୋଚ୍ ଓ ଖେଳାଳିଙ୍କୁ ଉଚିତ ସମ୍ମାନ ଦିଆଯାଏ ନାହିଁ ବୋଲି ସ୍କୁପମ୍ୟାନ କହିବାରେ କିଛି ଦିନପରେ ଏଲିନା ପଦ ଛାଡିଛନ୍ତି। ଏଲିନା ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କିଙ୍କ ନିକଟକୁ ପଠାଇଛନ୍ତି। ଦୀର୍ଘବର୍ଷ ଧରି ଭାରତୀୟ ହକି ପାଇଁ ସଫଳତାର ସହ ଦାୟିତ୍ୱ ତୁଲାଇଥିବାରୁ ଦିଲୀପ ତାଙ୍କୁ ହକି ଇଣ୍ଡିଆ ତରଫରୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ହକି ସଫଳତାର ନୂଆ ସୋପାନରେ ପହଞ୍ଚିଥିଲା ବୋଲି ସେ କହିଛନ୍ତି।

ଏଲିନାଙ୍କ ନେତୃତ୍ୱରେ ଭାରତୀୟ ହକିରେ ଦୃଷ୍ଟାନ୍ତମୂଳକ ଉନ୍ନତି ହୋଇଥିଲା। ହକି ଇଣ୍ଡିଆ ୨୦୧୮ ଓ ୨୦୨୩ରେ ସଫଳତାର ସହ କ୍ରମାଗତ ଦୁଇଥର ଏଫ୍‌ଆଇଚ୍ ହକି ବିଶ୍ୱକପ ଆୟୋଜନ କରିଥିଲା। ସେହିପରି ୨୦୧୬ ଓ ୨୦୨୧ରେ ଭାରତର ଏଫ୍‌ଆଇଏଚ୍ କନିଷ୍ଠ ହକି ବିଶ୍ୱକପ୍ ଆୟୋଜିତ ହୋଇଥିଲା। ପୁଣି ହକି ଇଣ୍ଡିଆ ଲିଗ୍‌ର ୫ଟି ସଂସ୍କରଣ ମଧ୍ୟ ତାଙ୍କ କାର୍ଯ୍ୟକାଳରେ ଆୟୋଜିତ ହୋଇଥିଲା। ଏହାକୁ ବାଦଦେଲେ ଏକାଧିକ ଅନ୍ତର୍ଜାତୀୟ ହକି ଇଭେଣ୍ଟ ମଧ୍ୟ ଭାରତରେ ଆୟୋଜିତ ହୋଇଥିଲା। ଏଫ୍‌ଆଇଏଚ୍ ଚାମ୍ପିଅନ୍ସ ଟ୍ରଫି, ଏଫ୍‌ଆଇଏଚ୍ ୱାର୍ଲ୍ଡ ଲିଗ୍ ଫାଇନାଲ୍ସ (୨୦୧୫, ୨୦୧୭), ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫର୍ସ (୨୦୧୯, ୨୦୨୪) ଏବଂ ଏଫ୍‌ଆଇଏଚ୍ ପ୍ରୋ ଲିଗର ମ୍ୟାଚ୍ ମଧ୍ୟ ତାଙ୍କ ସମୟରେ ସଫଳତାର ସହ ଆୟୋଜିତ ହୋଇଥିଲା। ତାଙ୍କ ତତ୍ତ୍ୱାବଦାନରେ ଭାରତୀୟ ମହିଳା ହକି ମୁଖ୍ୟ ସ୍ରୋତରେ ସାମିଲ ହୋଇଥିଲା ଓ ଅନ୍ତର୍ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲା। ଭାରତୀୟ ପୁରୁଷ ହକି ମଧ୍ୟ ଅନ୍ତର୍ଜାତୀୟସ୍ତରର ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। ସେହିପରି ଦୀର୍ଘ ୩୬ ବର୍ଷ ପରେ ଭାରତୀୟ ମହିଳା ଦଳ ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଏହାପରେ ୨୦୧୯ ରେ ଭାରତୀୟ ମହିଳା ଦଳ କ୍ରମାଗତ ଦ୍ୱିତୀୟଥର ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଥିଲା। ଭାରତୀୟ ପୁରୁଷ ଦଳ ଦୀର୍ଘ ୪୧ ବର୍ଷ ପରେ ପଦକ ହାସଲ କରି କାଂସ୍ୟରେ ସନ୍ତୁଷ୍ଟ ହୋଇଥିଲା। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ପୁରୁଷ ଓ ମହିଳା ହକି ବିଶ୍ୱ ମାନ୍ୟତାରେ ଯଥେଷ୍ଟ ଉନ୍ନତି କରିଥିଲା। ସେ ମଧ୍ୟ ଦେଶରେ କୋଚ୍, ବୈଷୟିକ ତଥା ମ୍ୟାଚ୍ ଅଧିକାରୀଙ୍କୁ ପ୍ରଶିକ୍ଷିତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ।




Government of Odisha | ଆମ ଓଡ଼ିଶା ନବୀନ ଓଡ଼ିଶା

## ଜନଶୁଣାଣିରେ '୫-ଟି' ଅଧ୍ୟକ୍ଷଙ୍କୁ ପ୍ରସ୍ତାବ

# ଛାତ୍ରଛାତ୍ରୀଙ୍କ ଦୁଃଖ ଦୂର କଲେ ମୁଖ୍ୟମନ୍ତ୍ରୀ



ବିଭିନ୍ନ ଜିଲ୍ଲାରେ ଜନଶୁଣାଣି ସମୟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନିଜର ଉଚ୍ଚଶିକ୍ଷାରେ ଆର୍ଥିକ ସମସ୍ୟା ଅବଗତ କରିଥିଲେ ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀ । ଛାତ୍ରଛାତ୍ରୀଙ୍କ ଏହି ସମସ୍ୟାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଶ୍ରୀ ପାଣ୍ଡିଆନ ଉପସ୍ଥାପନ କରି ଥିଲେ । ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ସର୍ବଦା ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ଓ ଯାହାର ପରିଣାମ ହେଉଛି 'ନୂଆ-ଓ' ଛାତ୍ରବୃତ୍ତି ।






















## ନୂଆ ଓଡ଼ିଶାର ବାର୍ତ୍ତାବହ ଯୁବଶକ୍ତି

ଛାତ୍ରଛାତ୍ରୀ ହେଉଛନ୍ତି 'ନୂଆ ଓଡ଼ିଶା, ନବୀନ ଓଡ଼ିଶା'ର ବାର୍ତ୍ତାବହ । ଏକ ସଶକ୍ତ, ପାରଙ୍ଗମ ଏବଂ ଦକ୍ଷ ଯୁବ ସମାଜ ହିଁ ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାର ଦକ୍ଷତା ରଖିଥାନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଆସିଛନ୍ତି । ଅତି ଗରିବରୁ ଗରିବ ପିଲାଟିଏ ଯେପରି ନିଜର ସ୍ୱପ୍ନ ହାସଲ ଦିଗରେ ଯେପରି ବାଧାବିଘ୍ନର ସମ୍ମୁଖୀନ ନ ହେବ, ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରୁଛନ୍ତି । ଏହିକ୍ରମରେ ମୁଖ୍ୟମନ୍ତ୍ରୀ କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ପାଇଁ 'ନୂଆ-ଓ' ଛାତ୍ରବୃତ୍ତି ଆରମ୍ଭ କରିଥିବା ବେଳେ ଆଜିଠାରୁ ଛାତ୍ରବୃତ୍ତି ପ୍ରଦାନ ପ୍ରକ୍ରିୟା ବିଧିବଦ୍ଧ ଆରମ୍ଭ ହୋଇଛି । ଯାହାକୁ ନେଇ ରାଜ୍ୟବ୍ୟାପୀ କଲେଜ ପଢୁଆ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଖାଦେଇଛି ଅଫୁରନ୍ତ ଉତ୍ସାହ ।

## ପ୍ରଥମ ଦିନରେ ୨୮ ୧୧୨ ଛାତ୍ରଛାତ୍ରୀଙ୍କୁ ବୃତ୍ତି

'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନର ଶୁଭାରମ୍ଭ ହୋଇଛି । ପ୍ରଥମ ଦିନରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାର ମୋଟ୍ ୫୭ଟି କଲେଜର ୨୮ , ୧୧୨ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରିଛନ୍ତି । ପ୍ରଥମ ଦିନରେ ସମ୍ବଲପୁର ଜିଲ୍ଲାର ୨୧ଟି କଲେଜରୁ ୧୩୪୨୩ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି । ଅନୁରୂପ ଭାବରେ ଦେବଗଡ଼ର ୧୧ଟି କଲେଜରୁ ୩୪୨୪ ଜଣ ଓ ଅନୁଗୋଳ ଜିଲ୍ଲାର ୨୫ଟି କଲେଜରୁ ୧୧୨୬୫ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି ।



## ଛାତ୍ରଛାତ୍ରୀଙ୍କୁ ମିଳିବ 'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼'

ମାର୍ଚ୍ଚ ୫ ତାରିଖରୁ ମ୍ୟାଜିକ୍ କାର୍ଡ଼ର ପଞ୍ଜିକରଣ, ଅଗଷ୍ଟ ୧୫ରେ ବଣ୍ଟନ ରାଜ୍ୟର ଛାତ୍ରଛାତ୍ରୀଙ୍କୁ ମିଳିବ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ଼' । ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ । ଯାହା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ । ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ । ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ । ଏହି କାର୍ଡରେ ଥିବା ପଏଣ୍ଟ ସିଷ୍ଟମରେ ବିଭିନ୍ନ କାର୍ଯ୍ୟକଳାପକୁ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କଠାରୁ ସରକାର ମତାମତ ସଂଗ୍ରହ କରିବେ । ସମ୍ପୂର୍ଣ୍ଣ ଟେକ୍ନୋଲୋଜି ଦ୍ୱାରା କାର୍ଡ ପରିଚାଳିତ ହେବ । ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ।ଏହି କାର୍ଡ ଆବେଦନ ପାଇଁ ପଞ୍ଜିକରଣ ପୋର୍ଟାଲ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହେବ ଓ ଅଗଷ୍ଟ ୧୫ ଅର୍ଥାତ ସ୍ୱାଧିନତା ଦିବସରେ ଏହାକୁ ବଣ୍ଟନ କରାଯିବ ।

## ଉପକୃତ ହେବେ ୪.୮୨ ଲକ୍ଷ

ଏହି ନୂଆ-ଓ ଛାତ୍ରବୃତ୍ତି ଯୋଜନାରେ ରାଜ୍ୟର ସ୍ନାତକ ଶ୍ରେଣୀର ୪.୫ ଲକ୍ଷ ଛାତ୍ରଛାତ୍ରୀ ଓ ସ୍ନାତକୋତ୍ତର ଶ୍ରେଣୀର ୩୨ ହଜାର ଛାତ୍ରଛାତ୍ରୀ ଉପକୃତ ହେବାକୁ ଯାଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପାୟନ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ । ଏହା ରାଜ୍ୟର କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ବ୍ୟବସ୍ଥାକୁ ଏକ ନୂଆ ଉଚ୍ଚତା ଦେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।





## ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ ହଜାର ବୃତ୍ତି

ଏହି ଯୋଜନାରେ ଛାତ୍ରଙ୍କୁ ୯ ହଜାର ଟଙ୍କା ଓ ଛାତ୍ରୀଙ୍କୁ ୧୦ ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ । ସେହିପରି ଏସସି/ଏସଟି ତଥା ନିର୍ମାଣ ଶ୍ରମିକଙ୍କ ପୁଅ ମାନଙ୍କୁ ୧୦ହଜାର ଟଙ୍କା ଓ ଝିଅମାନଙ୍କୁ ୧୧ ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଅନୁସୂଚୀତ ଜାତି, ଜନଜାତି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ବୃତ୍ତି ପ୍ରଦାନ କରାଯିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । '୫-ଟି' ଅଧ୍ୟକ୍ଷ ସୋମବାର ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ଅର୍ଥ ପ୍ରଦାନ କରିବା ପରେ ବୃତ୍ତିଲାଭ କରିଥିବା ଗରିବ ଛାତ୍ରଛାତ୍ରୀ ନିଜର ଲୁହ ରୋକି ପାରି ନାହାନ୍ତି ।

# ବାରବାଟୀ ରୂପାନ୍ତରୀକରଣର ଭିତ୍ତିପ୍ରସ୍ତର ସ୍ଥାପନ

କଟକ,୨୭।୨(ସମିସ)





ବାରବାଟୀ ରୂପାନ୍ତରୀକରଣ ଭିତ୍ତିପ୍ରସ୍ତର ଉତ୍ସବରେ (ବାମରୁ) କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ଚେୟାରମ୍ୟାନ ଅରୁଣ ଧୂମାଲ, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ପୂର୍ବତନ କ୍ରିକେଟର ଇର୍ଫାନ ପଠାନ, ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ପୂର୍ବତନ ଖେଳାଳି ପ୍ରଜ୍ଞାନ ଓଝା।

- ରାଜ୍ୟରେ ୪୧ଟି କ୍ରିକେଟ ଏକାଡେମୀ ଉଦ୍‌ଘାଟିତ
- ଜୀବନ ଜିଇଁବାର ଅନ୍ୟ ଏକ କଳା ଖେଳ-ଧୂମାଲ
- ଆଗାମୀ ୫ ବର୍ଷରେ ଫଳ ମିଳିବ- ପଠାନ୍
- ଯୋଗଦେଲେ ପ୍ରଜ୍ଞାନ, ଦେବାଶିଷ, ଶିବସୁନ୍ଦର
- କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଂଗଠକ ସମ୍ବର୍ଦ୍ଧିତ
- ସଂଗୀତ ପରିବେଷଣ କଲେ ନେହା କକ୍କର

'ଯାହାଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାର ରୂପାନ୍ତରିକରଣ ହେଉଛନ୍ତି ସେ ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅନ୍ୟ ରାଜ୍ୟ ଗୁଡିକ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅନନ୍ୟ ଉଦାହରଣ। ହକି ସହିତ ଅନ୍ୟ କ୍ରୀଡ଼ା ଭିତ୍ତିଭୂମିର ବିଶାଳ ବିକାଶ ଘଟୁଛି। ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କ୍ରିକେଟର ବିକାଶ ପାଇଁ ଏବେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ପ୍ରଶଂସନୀୟ। ବିଶ୍ୱର ଏକ ସୁନ୍ଦର ଷ୍ଟାଡିୟମ ଯଦି ଭାରତର କୌଣସି ରାଜ୍ୟରେ ନିର୍ମାଣ କରାଯାଏ ତାହେଲେ ସେଥି ନିମନ୍ତେ ବିସିସିଆଇ ସମସ୍ତ ସହଯୋଗ କରିବ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ବିସିସିଆଇ ସଭାପତି ରୋଜର ବିନ୍ନି ଏବଂ ସମ୍ପାଦକ ଜୟ ଶାହ ନିର୍ଦ୍ଦେଶ ଦେଇଥିଲେ। ବାରବାଟୀ ଷ୍ଟାଡିୟମର ନବୀକରଣ ପାଇଁ ବିସିସିଆଇ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ।' ମଙ୍ଗଳବାର ସନ୍ଧ୍ୟାରେ ବାରବାଟୀ ଷ୍ଟାଡିୟମ ନବୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୪୧ଟି ନୂତନ କ୍ରିକେଟ ଏକାଡେମୀ ଉଦଘାଟନ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ଏ କଥା କହିଛନ୍ତି ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଚେୟାରମ୍ୟାନ ଅରୁଣ ସିଂହ ଧୂମାଲ। ସେ ଏ କଥା ମଧ୍ୟ କହିଥିଲେ ଯେ, ଅଭିଭାବକମାନେ ନିଜ ପିଲାଙ୍କୁ ଖେଳ ପ୍ରତି ଉତ୍ସାହିତ କରିବା ଉଚିତ। ଖେଳରେ କେବଳ ହାର୍ ଜିତ ନଥାଏ। ଜୀବନ ଜିଇଁବାର ଅନ୍ୟ ଏକ କଳା 'ଖେଳ' ବୋଲି ଶ୍ରୀ ଧୂମାଲ କହିଥିଲେ।

କାର୍ଯ୍ୟକ୍ରମରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ୍ ଯୋଗ ଦେଇ ଓଡ଼ିଶା କ୍ରିକେଟ ଆସୋସିଏସନର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଆଗାମୀ ୫ବର୍ଷ ପରେ ଏହାର ଫଳ ମିଳିବ। ବିଭିନ୍ନ ଜିଲ୍ଲା ଓ ସହରରେ କ୍ରିକେଟ ଏକାଡେମୀ ପ୍ରତିଷ୍ଠା ହେବା ଦ୍ୱାରା ତୃଣମୂଳସ୍ତରରୁ ପ୍ରତିଭାବାନ କ୍ରିକେଟର ସୃଷ୍ଟି ହେବେ ବୋଲି ସେ ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ପ୍ରଜ୍ଞାନ ଓଝା ଓଡ଼ିଶାରେ କ୍ରିକେଟରମାନଙ୍କ ପାଇଁ ଏକ ନୂତନ ରାସ୍ତା ତିଆରି ହୋଇଛି ବୋଲି କହିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ନିଜ ଅଭିଭାଷଣରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ଚିନ୍ତା କରିବାର ଶକ୍ତି ଯେଉଁଠାରେ ଆମର ଶେଷ ହୁଏ, ସେହିଠାରୁ ହିଁ ମୁଖ୍ୟମନ୍ତ୍ରୀ ଚିନ୍ତା କରନ୍ତି। ତାଙ୍କ ଦିଗଦର୍ଶନରେ ରାଜ୍ୟର ଉନ୍ନତି ଘଟୁଛି। ବାରବାଟୀ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଘର। ଏହି ଷ୍ଟାଡିୟମକୁ ଭବ୍ୟ ରୂପ ଦେବା ପାଇଁ ତାଙ୍କ ଉଦ୍ୟମ ଚିରକାଳ ମନେ ରହିବ ବୋଲି ଶ୍ରୀ ଦାସ କହିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡ଼ିଶା ଦୌଡ଼କୁଦ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟ ବରିଷ୍ଠ କ୍ରିକେଟ ଦଳର ମୁଖ୍ୟ କୋଚ ଦିନେଶ ମୋଙ୍ଗିଆ, ବୈଷୟିକ ନିର୍ଦ୍ଦେଶକ ଭେଙ୍କଟରାମ, ବରିଷ୍ଠ ମହିଳା ଦଳ କୋଚ୍ ରୂମେଲି ଧର, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସ୍ୱାଗତିକା ରଥ, ଅନ୍ତର୍ଜାତୀୟ ଖେଳାଳି ରସନାରା ପରୱିନ, ମାଧୁରୀ ମେହେଟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କିମ୍ବଦନ୍ତୀ କ୍ରୀଡ଼ା ସଙ୍ଗଠକ ଭାବେ ଆଶୀର୍ବାଦ ବେହେରା ଏବଂ ଅଧୀପ ଦାସ ସମ୍ବର୍ଦ୍ଧିତ ହୋଇଥିଲେ। ଓସିଏର ସମସ୍ତ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

ପ୍ରକାଶଥାଉକି, ୩୦ଟି ଜିଲ୍ଲାରେ ମୋଟ ୪୧ଟି କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହୋଇଛି। କଟକର ବିଡାନାସୀ, ୟୁନିୟନ ସ୍ପୋର୍ଟିଂ କ୍ଲବ, ନିମପୁର, ସିଡିଏ ଡିଏଭି, କୁରାଙ୍ଗ ଶାସନ, ବିଶ୍ୱଭାରତୀ, ସନସାଇନ, ଷ୍ଟିୱାର୍ଟ ସ୍କୁଲରେ ଗୋଟିଏ ଲେଖାଏ କ୍ରିକେଟ ଏକାଡେମୀ ଖୋଲାଯାଇଛି। ପ୍ରତ୍ୟେକ ଏକାଡେମୀରେ ଟର୍ଫ ୱିକେଟ, ନେଟ୍ କେଜେସ୍, ଇଭି ରୋଲର୍, ପିଚ୍ ଗ୍ରାସ କଟର, ବୋଲିଂ ମେସିନ, ପ୍ରାକ୍ଟିସ କିଟ୍‌ସ, ଟ୍ରେନିଂ କିଟସ ସମେତ ଅନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଓସିଏ ପକ୍ଷରୁ ଯୋଗାଇ ଦିଆଯାଇଛି।

## ଲଣ୍ଡନରେ ସାମିଙ୍କ ଅସ୍ତ୍ରୋପଚାର



**ନୂଆଦିଲ୍ଲୀ, ୨୭।୨(ଏଜେନ୍ସି):** ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କ ଦୁର୍ବଳ ଅଙ୍ଗରେ ଅସ୍ତ୍ରୋପଚାର କରାଯାଇଛି। ଏହି ଅଙ୍ଗର ମାଂସପେସୀରେ ଆଘାତ ଲାଗିଥିବାରୁ ଭାରତରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍ ପରେ ସେ ଆଉ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିନାହାନ୍ତି। ସେହି ଆଘାତ ମାଂସପେସୀରେ ଆଜି ଅସ୍ତ୍ରୋପଚାର କରାଯାଇଛି। ଏହା ସୁସ୍ଥ ହେବାକୁ କିଛି ଦିନ ସମୟ ଲାଗିବ ବୋଲି ସାମାଜିକ ଗଣମାଧ୍ୟମରେ ସାମି ସୂଚନା ଦେଇଛନ୍ତି। ଏହି ଆଘାତ ଯୋଗୁ ସେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଥିଲେ ଓ ମାର୍ଚ୍ଚ ୨୨ରୁ ଖେଳାଯିବାକୁ ଥିବା ଆଇପିଏଲ୍‌ରେ ମଧ୍ୟ ଖେଳିବେ ନାହିଁ। ଏହା ପରେ ଟି-୨୦ ବିଶ୍ୱକପ୍‌ରେ ମଧ୍ୟ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଲଣ୍ଡନରୁ ସୁସ୍ଥ ହୋଇ ଫେରିବା ପରେ ସେ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟ୍‌ନେସ ପାଇବା ଲାଗି ଅଭ୍ୟାସ କରିବେ। ସେଠାରେ ଫିଟ୍ ଘୋଷିତ ହେବା ପରେ ଯାଇ କ୍ରିକେଟ ଖେଳିବେ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଟେଷ୍ଟ ଖେଳାଳିଙ୍କ ପାଉଣା ବଢ଼ିବ

**ନୂଆଦିଲ୍ଲୀ,୨୭ ।୨(ଏଜେନ୍ସି):** ଟେଷ୍ଟ ଖେଳୁଥିବା କ୍ରିକେଟରମାନଙ୍କ ପାଉଣା ବଢାଇବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଖେଳାଳିମାନଙ୍କୁ ଗୋଟିଏ ଟେଷ୍ଟ ଖେଳିବା ପାଇଁ ୧୫ ଲକ୍ଷ ଟଙ୍କା ମିଳୁଛି। ସେହିପରି ଗୋଟିଏ ଦିନିକିଆ ଖେଳିଲେ ଖେଳାଳିଙ୍କୁ ୬ ଲକ୍ଷ ଓ ଟି-୨୦ ମ୍ୟାଚ୍ ଖେଳିଲେ ୩ ଲକ୍ଷ ଟଙ୍କ ପ୍ରଦାନ କରାଯାଇଥାଏ। ଆଗାମୀ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ପରେ ବର୍ଦ୍ଧିତ ପାଉଣାକୁ କାର୍ଯ୍ୟକାରୀ କରାଯିବ। ରେଡ ବଲ୍ କ୍ରିକେଟର ଉନ୍ନତି ପାଇଁ ବିସିସିଆଇ ଏପରି ନିଷ୍ପତ୍ତି ନେବ ବୋଲି କୁହାଯାଇଛି। ପାଉଣା ବୃଦ୍ଧି କରିବା ନେଇ ବିସିସିଆଇ ଡ୍ରାଫ୍ଟ ମଧ୍ୟ ପ୍ରସ୍ତୁତ କରିଛି। ଆଗାମୀ ବୈଠକରେ ଯଦି ଏହି ଯୋଜନାକୁ ଅନୁମୋଦନ କରାଯାଇଏ ତେବେ ବିସିସିଆଇ ସହିତ ଚୁକ୍ତିବଦ୍ଧ ଖେଳାଳିଙ୍କ ପାଉଣା ନୂଆ ଖସଡା ଅନୁଯାୟୀ ବୃଦ୍ଧି ହେବ। ଯେଉଁ ଖେଳାଳି ବର୍ଷର ସବୁ ଟେଷ୍ଟ ଖେଳିବେ ତାଙ୍କୁ ଅତିରିକ୍ତ ଅର୍ଥାତ ବୋନସ ମିଳିବ। ବାର୍ଷିକ ପାଉଣା ଓ ମ୍ୟାଚ ପାଉଣାକୁ ବାଦ୍ ଦେଲେ ଏହି ଖେଳାଳିଙ୍କୁ ଅତିରିକ୍ତ ଅର୍ଥ ପ୍ରଦାନ କରାଯିବ। ବର୍ତ୍ତମାନ କେତେକ ତାରକା ଓ ଅନ୍ୟ ଖେଳାଳି ଟି-୨୦ କ୍ରିକେଟ ଉପରେ ଅଧିକ ମନୋନିବେଶ କରୁଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇ ନଥିବା ଖେଳାଳିମାନଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ହେବ ବୋଲି ବିସିସିଆଇ ତରଫରୁ ତାଗିଦ୍ କରାଯାଇଥିଲେ ମଧ୍ୟ ଇଶାନ କିଶାନ, କ୍ରୁନାଲ ପାଣ୍ଡ୍ୟା ଓ ଦୀପକ ଚହରଙ୍କ ଭଳି କେତେକ ଖେଳାଳି ନିଜ ରାଜ୍ୟ ପାଇଁ ରଣଜୀ ମ୍ୟାଚ୍ ଖେଳି ନଥିଲେ।




ରଣଜୀ ଟ୍ରଫିରେ ନଂ-୧୦ ଓ ୧୧ ବ୍ୟାଟରଙ୍କ ଶତକ

## ମୁମ୍ବାଇର ତନୁଷ ଓ ତୁଷାର ପ୍ରଥମ

ମୁମ୍ବାଇ, ୨୭।୨(ଏଜେନ୍ସି)



ଭାରତର ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିରେ ଆଜି ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ମୁମ୍ବାଇରେ ମଙ୍ଗଳବାର ଶେଷ ହୋଇଥିବା ବିଦର୍ଭ ବିପକ୍ଷ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ମୁମ୍ବାଇ ରଣଜୀ ଦଳର ନଂ-୧୦ ଓ ନଂ-୧୧ ବ୍ୟାଟର ଶତକ ହାସଲ କରିଛନ୍ତି। ଏହି ଦୁଇ ବ୍ୟାଟର ହେଲେ ତନୁଷ କୋଟିଆନ ଓ ତୁଷାର ଦେଶପାଣ୍ଡେ। ୨୫ ବର୍ଷୀୟ ଅଫ୍ ସ୍ପିନର ତନୁଷ ୧୨୯ ବଲ୍ ଖେଳି ୧୦ଚୌକା ଓ ୨ଛକା ସହ ୧୨୦ ରନ୍ କରି ଅପରାଜିତ ରହିଥିଲାବେଳେ ୨୮ ବର୍ଷୀୟ ପେସ୍ ବୋଲର ତୁଷାର ମଧ୍ୟ ସମାନ ୧୨୯ ବଲ୍ ଖେଳିଥିଲେ। କିନ୍ତୁ ଏହା ମଧ୍ୟରେ ସେ ୧୦ଛକା ଓ ୮ଟିଚୌକା ସହ ୧୨୩ ରନ୍‌ରେ ଆଉଟ ହୋଇଥିଲେ। ନଂ-୧୧ରେ ବ୍ୟାଟିଂ କରି ସେ ଚତୁର୍ଥ ସର୍ବାଧିକ ସ୍କୋର ମଧ୍ୟ କରିଛନ୍ତି। ଏମାନଙ୍କ ୧୦ମ ୱିକେଟ ଭାଗୀଦାରିରୁ ୨୪୦ ବଲ୍‌ରେ ୨୩୨ ରନ୍ ସଂଗୃହୀତ ହୋଇଥିଲା। ଏମାନେ କିନ୍ତୁ ମାତ୍ର ୨ ରନ୍ ଲାଗି ରଣଜୀ ଟ୍ରଫିରେ ରେକର୍ଡ ଭାଗୀଦାରିରୁ ବଞ୍ଚିତ ହୋଇଥିଲା। ରଣଜୀ ଟ୍ରଫି ଇତିହାସରେ ଦିଲ୍ଲୀର ଅଜୟ ଜାଡେଜା ଓ ମନିନ୍ଦର ସିଂ ୧୦ମ ୱିକେଟରେ ସର୍ବାଧିକ ୨୩୩ ରନ୍ କରି ଏହି ରେକର୍ଡଧାରୀ ଅଛନ୍ତି। ୧୯୯୧-୯୨ ସିଜନର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ସହ ଖେଳାଯାଇଥିବା ରଣଜୀ ମ୍ୟାଚ୍‌ରେ ଅଜୟ-ମନିନ୍ଦର ଏହି ରେକର୍ଡ କରିଥିଲେ। ତନୁଷ ଓ ତୁଷାର କିନ୍ତୁ ମୁମ୍ବାଇ ଲାଗି ୧୦ ୱିକେଟରେ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ସେମାନଙ୍କ ପୂର୍ବରୁ ୨୦୧୫-୧୬ ରଣଜୀ ଟ୍ରଫି ଫାଇନାଲରେ ସିଦ୍ଧେଶ ଲାଡ ଓ ବଲୱିନ୍ଦର ସିଂ ଜୁନିୟର ୧୦୩ ରନ୍ ଉଠାଇ ରେକର୍ଡର ଅଧିକାରୀ ଥିଲେ।

### ୭୮ ବର୍ଷ ତଳର ରେକର୍ଡ ସହ ସମକକ୍ଷ

ଗୋଟିଏ ପାଳିରେ ଦୁଇ ଜଣ ନଂ-୧୦ ଓ ନଂ-୧୧ରେ ବ୍ୟାଟିଂ କରିବାକୁ ଆସି ଶତକ ହାସଲ କରିବା ରଣଜୀ ଟ୍ରଫି ଇତିହାସରେ ଏହା ପ୍ରଥମ ଏବଂ ବିଶ୍ୱ କ୍ରିକେଟରେ ଦ୍ୱିତୀୟ ଅବସର। ୭୮ ବର୍ଷ ପୂର୍ବେ ମଧ୍ୟ ଭାରତର ଦୁଇ ବ୍ୟାଟର ଚାନ୍ଦୁ ସରୱତେ ଓ ଶୂଟେ ବାନାର୍ଜୀ ନଂ-୧୦ ଓ ନଂ-୧୧ରେ ବ୍ୟାଟିଂ କରିବାକୁ ଆସି ସରେ କାଉଣ୍ଟି ଦଳ ବିପକ୍ଷରେ ଏହି ସଫଳତା ପାଇଥିଲେ। ୧୯୪୬ରେ ଭାରତୀୟ କ୍ରିକେଟ ଦଳର ଗସ୍ତବେଳେ ଓଭାଲରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଚାନ୍ଦୁ ସରୱେରେ ୧୨୪ ରନ୍‌ରେ ଅପରାଜିତ ରହିଥିଲାବେଳେ ଶୂଟେ ବାନାର୍ଜୀ ୧୨୧ ରନ୍ କରିଥିଲେ। ଏମାନେ ୧୦ମ ୱିକେଟରୁ ୨୪୯ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ଭାରତର ସ୍କୋର ୯ ୱିକେଟରେ ୨୦୫ରୁ ଯାଇ ୪୫୪ ରନ୍‌ରେ ପହଞ୍ଚିଥିଲା। ସମସ୍ତ ପ୍ରକାର ପ୍ରଥମଶ୍ରେଣୀ କ୍ରିକେଟରେ ଏହା ମଧ୍ୟ ଦ୍ୱିତୀୟ ସର୍ବବୃହତ ୧୦ମ ୱିକେଟ ପାର୍ଟନରସିପ୍। ୧୯୨୮-୨୯ ଅଷ୍ଟ୍ରେଲିଆର ଘରୋଇ କ୍ରିକେଟରେ ଖେଳାଯାଇଥିବା ଭିକ୍ଟୋରିଆ ବିପକ୍ଷ ଶେଫିଲ୍ଡ ଶିଲ୍ଡ ମ୍ୟାଚ୍‌ରେ ନ୍ୟୁ ସାଉଥ୍‌ୱେଲ୍ସର ଏଏଫ୍ କିପାକ୍ସ ଓ ଜେଇଏଚ୍ ହୁକର ୧୦ମ ୱିକେଟରେ ସର୍ବାଧିକ ୩୦୭ ରନ୍ ସଂଗ୍ରହ କରିଥିଲେ। ନିକଟରେ ଏହି ଘଟଣା ୨୦୦୪-୦୫ରେ ଦେଖିବାକୁ ମିଳିଥିଲା। ପାକିସ୍ତାନ ଘରୋଇ କ୍ରିକେଟରେ ଲାହୋରରେ ଖେଳାଯାଇଥିବା ମ୍ୟାଚ୍‌ରେ ଲାହୋର ହ୍ୱାଇଟ୍‌ସ ଆକ୍ୱିଲ ଅର୍ଶାଦ୍ ଓ ଅଲୀ ରାଜା ୨୩୯ ରନ୍ ସଂଗ୍ରହ କରିଥିଲେ। ୧୦ମ ୱିକେଟରେ ଏହା ମଧ୍ୟ ତୃତୀୟ ସର୍ବାଧିକ ସ୍କୋର ଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର